ଧରିତ୍ରୀ
DHARITRI

ସମ୍ବଲପୁର, ଗୁରୁବାର, ଜୁନ୍ ୩/୨୦୨୧ (୧୨ ପୃଷ୍ଠା) | Sambalpur, Thursday, June 3/2021 | ★★

୧୭ଶ ଭାଗ ୧୬୬ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

ନୋରାଙ୍କ ପରାମର୍ଶ

କରୋନା ମହାମାରୀ ସମୟରେ କିପରି ମାନସିକ ଶାନ୍ତିରେ ରହିପାରିବେ ସେ ସମ୍ପର୍କରେ ପରାମର୍ଶ ଦେଉଛନ୍ତି ଅଭିନେତ୍ରୀ ନୋରା ଫତେହୀ।

୧୦

୧୨

ପଦାର୍ପଣ ଟେଷ୍ଟରେ ଶତକ

ଟେଷ୍ଟ କ୍ୟାରିୟରର ଇଂଲଣ୍ଡ ବିପକ୍ଷ ପ୍ରଥମ ମ୍ୟାଚରେ ଶତକ ହାସଲ କରିଛନ୍ତି ନ୍ୟୁଜିଲାଣ୍ଡର ଡେଭନ କନୱେ।

ଟିକା ନୀତି ସ୍ୱେଚ୍ଛାଚାରୀ: ସୁପ୍ରିମକୋର୍ଟ

କରୋନା କାଳରେ ରାଜ୍ୟଗୁଡ଼ିକର ଆର୍ଥିକ ସ୍ଥିତି ଦୋହଲିଯାଇଛି। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ହଜାର ହଜାର କୋଟି ଟଙ୍କା ଖର୍ଚ୍ଚ କରି ଟିକା କିଣିବା ଅବସ୍ଥାରେ ନାହାନ୍ତି। ତେଣୁ ଯୁବବର୍ଗଙ୍କ ଟିକାକରଣ ଦାୟିତ୍ୱ କେନ୍ଦ୍ର ସରକାର ବହନ କରନ୍ତୁ ବୋଲି ପୂର୍ବରୁ ଦିଲ୍ଲୀ, ଛତିଶଗଡ଼ ଓ କେରଳ ସମେତ ଅନେକ ରାଜ୍ୟ କହିଆସୁଛନ୍ତି। ଅନ୍ୟପକ୍ଷେ ଓଡ଼ିଶା ଏବଂ ଉତ୍ତରପ୍ରଦେଶ ଭଳି କେତେକ ରାଜ୍ୟ ନିଜସ୍ୱ ସମ୍ବଳରେ ଟିକା କିଣିବା ପାଇଁ ଆଗ୍ରହ ପ୍ରକାଶ କରି ଗ୍ଲୋବାଲ ଟେଣ୍ଡର ଆହ୍ୱାନ କରିଛନ୍ତି। ହେଲେ ଲଜିଷ୍ଟିକ୍, କ୍ଲିୟରାନ୍ସ ଓ ଗ୍ୟାରେଣ୍ଟି ସହ ଅନେକ ଅସୁବିଧା ରହିଥିବାରୁ ବିଦେଶୀ କମ୍ପାନୀ ରାଜ୍ୟଗୁଡ଼ିକୁ ଟିକା ଯୋଗାଇବାକୁ ରାଜି ହେଉନାହାନ୍ତି। ଏଭଳି ସମୟରେ କେନ୍ଦ୍ରର ଭାକ୍ସିନ ନୀତି ଉପରେ ସୁପ୍ରିମକୋର୍ଟ ପ୍ରଶ୍ନଚିହ୍ନ ଲଗାଇଛନ୍ତି। ଟିକାକୁ ନେଇ କେନ୍ଦ୍ରର ଯୋଜନା ଏବଂ ଆମଦାନୀ ସମ୍ପର୍କିତ ସମସ୍ତ ତଥ୍ୟ ୨ ସପ୍ତାହ ମଧ୍ୟରେ ଦାଖଲ କରିବାକୁ ଶୀର୍ଷ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି।

ନୂଆଦିଲ୍ଲୀ,୨।୬(ପି.ଟି.)

୧୮ରୁ ୪୪ ବର୍ଷୀୟଙ୍କ ପାଇଁ କେନ୍ଦ୍ର ସରକାରଙ୍କ ଟିକାକରଣ ନୀତିକୁ ବୁଧବାର ସୁପ୍ରିମକୋର୍ଟ ସ୍ୱେଚ୍ଛାଚାରୀ ଓ ଅଯୌକ୍ତିକ ବୋଲି ଭର୍ତ୍ସନା କରିଛନ୍ତି। ଏହାସହ ଅଦ୍ୟାବଧି କେବେ କେତେ ପରିମାଣର କୋଭାକ୍ସିନ, କୋଭିଶିଲ୍ଡ ଓ ସ୍ପୁଟ୍‌ନିକ୍-ଭି ସମେତ ଅନ୍ୟ ଟିକା କିଣାଯାଇଛି ସେନେଇ ସବିଶେଷ ବିବରଣୀ ସତ୍ୟପାଠ ଜରିଆରେ ଦାଖଲ ପାଇଁ କେନ୍ଦ୍ରକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଭାକ୍ସିନ କିଣିବା ପାଇଁ ସରକାର କେନ୍ଦ୍ରୀୟ ବଜେଟରେ ଆବଣ୍ଟନ କରିଥିବା ୩୫,୦୦୦ କୋଟି ଟଙ୍କା କିପରି ଖର୍ଚ୍ଚ କରାଯାଇଛି। ଏହି ଅର୍ଥକୁ ୧୮-୪୪ ବର୍ଷୀୟଙ୍କ ଟିକାକରଣରେ କାହିଁକି ଖର୍ଚ୍ଚ କରାଯାଇ ନାହିଁ ବୋଲି ଶୀର୍ଷ ଅଦାଲତ କେନ୍ଦ୍ରକୁ ପ୍ରଶ୍ନ କରିଛନ୍ତି। ସୁପ୍ରିମକୋର୍ଟ ୨ ସପ୍ତାହ ମଧ୍ୟରେ ଏହିସବୁ ତଥ୍ୟ ଦେବାକୁ କହିଛନ୍ତି।

ସୁପ୍ରିମକୋର୍ଟରେ କେନ୍ଦ୍ର ସରକାରଙ୍କ ଭାକ୍ସିନ ନୀତିକୁ ଚ୍ୟାଲେଞ୍ଜ କରି ଏକାଧିକ ପିଟିଶନ ଦାଏର କରାଯାଇଛି। ତେବେ କୋଭିଡ୍ ମୁକାବିଲା ପାଇଁ ସୁପ୍ରିମକୋର୍ଟ ନିଜ ଆଡୁ ଆରମ୍ଭ କରିଥିବା ମାମଲାର ଶୁଣାଣି କରିଛନ୍ତି। ଜଷ୍ଟିସ୍ ଡି.ୱାଇ. ଚନ୍ଦ୍ରଚୂଡ଼, ଏଲ୍.ଏନ୍. ରାଓ ଏବଂ ଏସ୍. ରବୀନ୍ଦ୍ର ଭଟ୍ଟଙ୍କୁ ନେଇ ଗଠିତ ସ୍ୱତନ୍ତ୍ର ଖଣ୍ଡପୀଠ ମେ' ୩୧ରେ ଦେଇଥିବା ଏହି ରାୟ ☞ପୃଷ୍ଠା-୪

କେନ୍ଦ୍ର ଟିକା କିଣି ଯୋଗାଉ: ନବୀନ

ସବୁ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସହଯୋଗ ଲୋଡ଼ିଲେ

- ରାଜନୈତିକ ବିଦ୍ୱେଷରୁ ଉର୍ଦ୍ଧ୍ୱକୁ ଉଠି ଲୋକଙ୍କୁ ବଞ୍ଚାଇବାକୁ ନବୀନଙ୍କ ଆହ୍ୱାନ
- ୬ ରାଜ୍ୟ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା
- ପ୍ରସ୍ତାବକୁ ସମର୍ଥନ କଲେ ମମତା

ଭୁବନେଶ୍ୱର, ୨।୬(ବ୍ୟୁରୋ)

ବିଶ୍ୱ ବଜାରରୁ ଟିକା କିଣିବା ନେଇ ଅସଫଳ ହେବା ପରେ ଓଡ଼ିଶା ସରକାର କେନ୍ଦ୍ର ସରକାରଙ୍କ ଉପରେ ଚାପ ସୃଷ୍ଟି କରିବାକୁ ସମସ୍ତ ରାଜ୍ୟର ସହଯୋଗ ଲୋଡ଼ିଛନ୍ତି। ଟିକା ପାଇଁ ଗ୍ଲୋବାଲ ଟେଣ୍ଡର ପ୍ରକ୍ରିୟାରେ ଉପୁଜୁଥିବା ସମସ୍ୟାର ସମାଧାନ ଲାଗି ମିଳିତ ଉଦ୍ୟମ କରିବାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସବୁ ରାଜ୍ୟକୁ ଚିଠି ଲେଖିଛନ୍ତି। ଟିକା କିଣିବାକୁ ଚାହୁଁଥିବା ରାଜ୍ୟଗୁଡ଼ିକ ପାଇଁ କେନ୍ଦ୍ର ସରକାର ବିଶ୍ୱ ବଜାରରୁ କ୍ରୟ କରି ରାଜ୍ୟଗୁଡ଼ିକ ମଧ୍ୟରେ ତୁରନ୍ତ ବଣ୍ଟନ କରନ୍ତୁ। ଏପ୍ରସ୍ତାବ ଉପରେ ରାଜ୍ୟଗୁଡ଼ିକ ସହମତ ହେଲେ ତୃତୀୟ ଲହର ଆସିବା ପୂର୍ବରୁ ଲୋକଙ୍କ ଜୀବନ ରକ୍ଷା କରାଯାଇପାରିବ ବୋଲି ନବୀନ ପତ୍ରରେ ଉଲ୍ଲେଖ କରିଛନ୍ତି।

କୋଭିଡ୍-୧୯ ମହାମାରୀକୁ ରୋକିବା ଲାଗି ଟିକା ହେଉଛି ଏକମାତ୍ର ବିକଳ୍ପ। ରାଜ୍ୟ ସରକାର ୧୮ରୁ ୪୪ ବର୍ଷ ବ୍ୟକ୍ତିଙ୍କୁ ମାଗଣାରେ ଟିକା ଦେବାକୁ ଘୋଷଣା କରିଛନ୍ତି। କେନ୍ଦ୍ର ସରକାର ପର୍ଯ୍ୟାପ୍ତ ଟିକା ଯୋଗାଇ ପାରୁ ନ ଥିବାରୁ ଓଡ଼ିଶା ସରକାର ବିଶ୍ୱ ବଜାରରୁ ଟିକା କିଣିବା ନେଇ ଗ୍ଲୋବାଲ ଟେଣ୍ଡର ଆହ୍ୱାନ କରିଥିଲେ। ତେବେ ଏଥିରେ କୌଣସି ଟିକା ଉତ୍ପାଦନକାରୀ କିମ୍ବା ଯୋଗାଣକାରୀ ସଂସ୍ଥା ଅଂଶଗ୍ରହଣ ନ କରିବାରୁ ଟେଣ୍ଡର ସର୍ତ୍ତାବଳୀକୁ କୋହଳ କରାଯାଇଥିଲା। ଏପରି କି ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ(ଡିସିଜିଆଇ) ଅନୁମତି ବିନା ଟେଣ୍ଡରରେ ଅଂଶଗ୍ରହଣ ☞ପୃଷ୍ଠା-୪

ପରଲୋକରେ ବିଜୟଶ୍ରୀ ରାଉତରାୟ

ବାସୁଦେବପୁର, ୨।୬ (ଡି.ଏନ.ଏ.)

ପୂର୍ବତନ ମନ୍ତ୍ରୀ, ଭଦ୍ରକ ଜିଲା ବାସୁଦେବପୁରର ପୂର୍ବତନ ବିଧାୟକ, ବିଜେଡିର ବରିଷ୍ଠ ଉପସଭାପତି ବିଜୟଶ୍ରୀ ରାଉତରାୟ (୬୮)ଙ୍କ ବୁଧବାର ଅପରାହ୍ନରେ ଭୁବନେଶ୍ୱରସ୍ଥିତ ଏକଘରୋଇ ହସ୍ପିଟାଲରେ ପରଲୋକ ହୋଇଯାଇଛି। ସେ କିଛିଦିନ ତଳେ କୋଭିଡ୍‌ରେ ଆକ୍ରାନ୍ତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। କରୋନାରୁ ଆରୋଗ୍ୟ ଲାଭ କରିଥିଲେ ମଧ୍ୟ ଅନ୍ୟ ରୋଗରେ ପୀଡ଼ିତ ଥିବାରୁ ଚିକିତ୍ସାଧୀନ ଥିଲେ। ☞ପୃଷ୍ଠା-୪

ଗୋଇନ୍ଦା, ସୁରକ୍ଷା ଅଧିକାରୀଙ୍କ ଉପରେ ଅଙ୍କୁଶ

ବିନା ଅନୁମତିରେ ତଥ୍ୟ ପ୍ରକାଶ କରିପାରିବେନି

ନୂଆଦିଲ୍ଲୀ, ୨।୬(ଆଇଏଏନ୍‌ଏସ୍)

ଦେଶର ଗୋଇନ୍ଦା କିମ୍ବା ସୁରକ୍ଷା ବିଭାଗରେ କାର୍ଯ୍ୟରତ ଅଧିକାରୀ ଉପଯୁକ୍ତ କର୍ତ୍ତୃପକ୍ଷଙ୍କର ପ୍ରାକ୍ ମଞ୍ଜୁରୀ ବିନା କୌଣସି ବିଷୟ ପ୍ରକାଶ କରିପାରିବେ ନାହିଁ। ସେମାନଙ୍କୁ କାର୍ମିକ ଓ ତାଲିମ ବିଭାଗ ପକ୍ଷରୁ ଏକ ବିଜ୍ଞପ୍ତି ମାଧ୍ୟମରେ ଏହା ଜଣାଇଦିଆଯାଇଛି। ଏହା ଅଧୀନରେ 'ର' (ରିସର୍ଚ୍ଚ ଆଣ୍ଡ ଆନାଲିସିସ୍ ୱିଙ୍ଗ୍), ଆଇବି, ଡିଆର୍‌ଆଇ, ସିଇଆଇବି, ଇଡି, ଏନ୍‌ସିବି, ଏଆର୍‌ସି, ସ୍ପେଶାଲ ଫ୍ରଣ୍ଟିୟର ଫୋର୍ସ, ବିଏସ୍‌ଏଫ୍, ସିଆର୍‌ପିଏଫ୍, ଆଇଟିବିପି, ସିଆଇଏସ୍‌ଏଫ୍, ଏନ୍‌ଏସ୍‌ଜି, ଆସାମ ରାଇଫଲ୍ସ, ଏସ୍‌ଏସ୍‌ବି, ଆୟକର ଡିଜି (ତଦନ୍ତ), ଏନ୍‌ଟିଆର୍‌ଓ, ଏଫ୍‌ଆଇୟୁ, ଏସ୍‌ପିଜି, ଡିଆର୍‌ଡିଓ, ସୀମା ସଡ଼କ ଉନ୍ନୟନ ସଂସ୍ଥା, ଏନ୍‌ଏସ୍‌ସି, ସିବିଆଇ, ଏନ୍‌ଆଇଏ ଏବଂ ନାଟ୍‌ଗ୍ରୀଡ୍ ଆସୁଛି। ଏହି ନିୟମାବଳୀ କେନ୍ଦ୍ରୀୟ ବେସାମରିକ ସେବା (ପେନ୍‌ସନ) ସଂଶୋଧନ ନିୟମାବଳୀ, ୨୦୨୦ର ଅଂଶବିଶେଷ ବୋଲି ବିଜ୍ଞପ୍ତିରେ କୁହାଯାଇଛି। ☞ପୃଷ୍ଠା-୪

ଭାରତରେ ବିଦେଶୀ ଟିକାର ପରୀକ୍ଷା ଲୋଡ଼ାନାହିଁ

ନୂଆଦିଲ୍ଲୀ, ୨।୬(ଆଇଏଏନ୍‌ଏସ୍)

ବିଶ୍ୱସ୍ତରରେ ଉପଲବ୍ଧ ହେଉଥିବା କୋଭିଡ୍ ଟିକା ଏବେ ଭାରତରେ ବିନା କ୍ଲିନିକାଲ ପରୀକ୍ଷା ଏବଂ ଅନୁମୋଦନରେ ବ୍ୟବହାର ହୋଇପାରିବ। ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ଯେଉଁ ଟିକାଗୁଡ଼ିକ ଆମେରିକାର ଏଫ୍‌ଡିଏ, ଏଏମ୍‌ଏ, ବ୍ରିଟେନ୍‌ର ଏମ୍‌ଏଚ୍‌ଆର୍‌ଏ, ଜାପାନର ପିଏମ୍‌ଡିଏ ଦ୍ୱାରା ବ୍ୟବହାର ଅନୁମତି ପାଇଛି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ଡବ୍ଲ୍ୟୁଏଚ୍‌ଓ)ର ଜରୁରୀ ବ୍ୟବହାର ତାଲିକାରେ ରହିଛି ତଥା ଲକ୍ଷ ଲକ୍ଷ ଲୋକ ଉକ୍ତ ଟିକା ନେଇସାରିଲେଣି, ଭାରତରେ ତାହାର ଆଉ ପରୀକ୍ଷା କରାଇବା କିମ୍ବା ପରୀକ୍ଷା ପରବର୍ତ୍ତୀ ଅନୁମୋଦନର ଆବଶ୍ୟକ ପଡ଼ିବ ନାହିଁ ବୋଲି ଡିସିଜିଆଇ ପକ୍ଷରୁ କୁହାଯାଇଛି। ଫାଇଜର ଏବଂ ମଡର୍ନା ଟିକା କ୍ଷେତ୍ରରେ ଏହି ନିୟମ ଲାଗୁ ହେବାକୁ ଯାଉଛି। କାରଣ ପୂର୍ବରୁ ଆଷ୍ଟ୍ରାଜେନିକା କମ୍ପାନୀର କୋଭିଶିଲ୍ଡ ଏବଂ ରୁଷିଆର ସ୍ପୁଟ୍‌ନିକ୍ ଭି ଟିକାକୁ ମଞ୍ଜୁରୀ ମିଳିସାରିଛି। ତେବେ ଚାଇନା ଟିକା ଏହି ନିୟମ ପରିସରରେ ଆସିବ କି ନାହିଁ ତାହା ସ୍ପଷ୍ଟ ହୋଇନାହିଁ। ଭାରତରେ କୋଭିଡ୍ ଟିକା ନିଅଣ୍ଟ ଭରଣା ପାଇଁ ତୁରନ୍ତ ବିଦେଶରୁ ଟିକା ଆଣିବା ଜରୁରୀ ହୋଇପଡ଼ିଥିବାରୁ ନିୟମରେ କୋହଳ କରାଯାଇଛି।

ଆଜିର ସମ୍ପାଦକୀୟ

ପରିବେଶକୁ କାଳ ସିନ୍ଥେଟିକ୍ କପଡ଼ା

୧୫ ଲକ୍ଷ କୋଟିର କାରବାର କ୍ଷତି

କରୋନା ଦ୍ୱିତୀୟ ଲହର ପ୍ରଭାବ

- ଖୁଚୁରା ବ୍ୟବସାୟୀ ବେଶି ପ୍ରଭାବିତ
- ପ୍ରାୟ ୪୦% କର୍ମଚାରୀ ଛଟେଇ ଆଶଙ୍କା

ନୂଆଦିଲ୍ଲୀ,୨।୬

କରୋନା ମହାମାରୀ ଦେଶର ଅର୍ଥ ବ୍ୟବସ୍ଥାକୁ ସଙ୍କଟ ମଧ୍ୟକୁ ଠେଲି ଦେଇଛି। ଏହାର ଦ୍ୱିତୀୟ ଲହରରେ ଦେଶ ମଧ୍ୟରେ ବ୍ୟବସାୟୀମାନେ ୧୫ ଲକ୍ଷ କୋଟି ଟଙ୍କାର କାରବାର କ୍ଷତି ସହିଛନ୍ତି। ଖୁଚୁରା ବ୍ୟବସାୟକୁ ୯ ଲକ୍ଷ କୋଟି ଏବଂ ପାଇକାରୀ ବ୍ୟବସାୟକୁ ୬ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡିଛି। ବ୍ୟବସାୟରେ ଚାପ ଯୋଗୁ ବର୍ତ୍ତମାନ ଏହି କ୍ଷେତ୍ରରେ ଛଟେଇ ବଢୁଥିବା ଦେଖାଯାଉଛି। ସର୍ବଭାରତୀୟ ବ୍ୟବସାୟୀ ମହାସଂଘ (ସିଏଆଇଟି) ପକ୍ଷରୁ ଏଭଳି ସୂଚନା ଦିଆଯାଇଥିବାବେଳେ ବାସ୍ତବ କାରବାର କ୍ଷତି ବହୁଗୁଣ ଅଧିକ ହେବ ବୋଲି ବଜାର ବିଶେଷଜ୍ଞମାନେ କହିଛନ୍ତି। କାରଣ ମହାସଂଘର ହିସାବ ପରିସରକୁ ଆସୁ ନ ଥିବା ଖବରକାଗଜ ସଂସ୍ଥା ଭଳି ଅନେକ ଛୋଟବଡ଼ ବ୍ୟବସାୟିକ ଅନୁଷ୍ଠାନକୁ ଦେଖିଲେ କ୍ଷତି ପରିମାଣ ଆହୁରି ବଢ଼ିବ।

ମହାସଂଘ ପକ୍ଷରୁ ଏକ ରିପୋର୍ଟରେ କୁହାଯାଇଛି, କରୋନା ଦ୍ୱିତୀୟ ଲହର ଯୋଗୁ ଦେଶର ପ୍ରାୟ ଅଧିକାଂଶ ସହରରେ ଲକ୍‌ଡାଉନ ଜାରି କରାଯାଇଛି। ଗତ ୬୦ ଦିନ ହେବ ବ୍ୟବସାୟୀମାନେ ବୃହତ୍ ପରିମାଣରେ କ୍ଷତି ସହୁଛନ୍ତି। ବ୍ୟବସାୟୀମାନେ ଆର୍ଥିକ ସଙ୍କଟ ଦେଇ ଗତି କରୁଛନ୍ତି। ଫଳରେ ବାଧ୍ୟହୋଇ କର୍ମଚାରୀଙ୍କ ସଂଖ୍ୟା କମ୍ କରାଯାଉଥିବା ଦେଖାଯାଉଛି।

ସିଏଆଇଟି ମହାସଚିବ ପ୍ରଭୀନ ଖଣ୍ଡେଲୱାଲ କହିଛନ୍ତି, କରୋନା ଯୋଗୁ ବ୍ୟବସାୟରେ କ୍ଷତି ବଢୁଥିବାରୁ ବ୍ୟବସାୟୀମାନେ ☞ପୃଷ୍ଠା-୪

ଆଫଗାନିସ୍ତାନରୁ ଆମେରିକା ସେନା ପ୍ରତ୍ୟାହାର ୪୪% ଶେଷ

ଆଫଗାନିସ୍ତାନରୁ ଆମେରିକା ସେନା ପ୍ରତ୍ୟାହାର ୩୦ରୁ ୪୪ ପ୍ରତିଶତ ସମ୍ପୂର୍ଣ୍ଣ ହୋଇଥିବା ଏହାର କେନ୍ଦ୍ରୀୟ କମାଣ୍ଡ ପକ୍ଷରୁ କୁହାଯାଇଛି। ଗତ ଏପ୍ରିଲରେ ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଆଫଗାନିସ୍ତାନରୁ ସେପ୍ଟେମ୍ବର ୧୧ ସୁଦ୍ଧା ସମ୍ପୂର୍ଣ୍ଣ ସେନା ପ୍ରତ୍ୟାହାର କରିନେବାକୁ ଘୋଷଣା କରିଥିଲେ। ଏହା ପରେ ମେ' ୧ରୁ ସୈନ୍ୟ ପ୍ରତ୍ୟାହାର ଆରମ୍ଭ ହୋଇଥିଲା।

ସଂକ୍ଷେପରେ

ଦ୍ୱିତୀୟ ଭଳି ଗମ୍ଭୀର ହୋଇପାରେ ତୃତୀୟ ଲହର

ନୂଆଦିଲ୍ଲୀ, ୨।୬: କରୋନାରେ ଦ୍ୱିତୀୟ ଲହର ଭଳି ଭାରତରେ ତୃତୀୟ ଲହର ମଧ୍ୟ ଅନୁରୂପ ଭୟାବହ ସ୍ଥିତି ସୃଷ୍ଟି କରିପାରେ। ଏହା ୯୮ ଦିନ ପର୍ଯ୍ୟନ୍ତ ରହିବ ବୋଲି ଏସ୍‌ବିଆଇ ଇକୋରାପ୍ ରିପୋର୍ଟରେ କୁହାଯାଇଛି। ତୃତୀୟ ଲହର ଦ୍ୱିତୀୟଠାରୁ ଭିନ୍ନ ହେବ ନାହିଁ। ତେବେ ଭଲ ପ୍ରସ୍ତୁତି ଯୋଗୁ ଉକ୍ତ ଲହରରେ ମୃତ୍ୟୁସଂଖ୍ୟା କମ୍ ହୋଇପାରେ ବୋଲି କୁହାଯାଇଛି। ଦ୍ୱିତୀୟ ଲହର ୧୦୮ ଦିନ ରହିବାକୁ ଥିବାବେଳେ ତୃତୀୟ ଲହର ୯୮ ଦିନ ରହିବ। ଏହାର ପିକ୍ ଦ୍ୱିତୀୟ ଲହରର ୧.୮ଗୁଣ ହେବ ବୋଲି ରିପୋର୍ଟରେ କୁହାଯାଇଛି। ଦ୍ୱିତୀୟ ଲହରର ପିକ୍ ମେ' ମାସ ଥିଲା। ଏହି ମାସରେ ପ୍ରାୟ ୯୦.୩ ଲକ୍ଷ ସଂକ୍ରମିତ ହୋଇଛନ୍ତି ଓ ୧.୨ ଲକ୍ଷରୁ ଅଧିକ ପ୍ରାଣ ହରାଇଛନ୍ତି।

ଆଇଜାକ୍ ହର୍‌ଜୋଗ୍ ଇସ୍ରାଏଲ ରାଷ୍ଟ୍ରପତି

ଜେରୁଜେଲମ, ୨।୬: ଇସ୍ରାଏଲରେ ବୁଧବାର ଅନୁଷ୍ଠିତ ରାଷ୍ଟ୍ରପତି ନିର୍ବାଚନରେ ଅଭିଜ୍ଞ ରାଜନେତା ଆଇଜାକ୍ ହର୍‌ଜୋଗ୍ ବିଜୟୀ ହୋଇଛନ୍ତି। ଇସ୍ରାଏଲ ପାର୍ଲାମେଣ୍ଟ 'ନେସେଟ୍'ରେ ୧୨୦ ଜଣ ସଦସ୍ୟ ରାଷ୍ଟ୍ରପତିଙ୍କୁ ବାଛିବା ପାଇଁ ଭୋଟ ଦେଇଥିଲେ। ୮୭ ଭୋଟ୍ ତାଙ୍କ ସପକ୍ଷରେ ପଡ଼ିଥିଲା। ଇସ୍ରାଏଲ ଲେବର ପାର୍ଟିର ପୂର୍ବତନ ମୁଖ୍ୟ ତଥା ବିରୋଧୀ ଦଳ ନେତା ୬୦ ବର୍ଷୀୟ ହର୍‌ଜୋଗ୍‌ଙ୍କ ବିପକ୍ଷରେ ଶିକ୍ଷାବିତ୍ ମେରିୟମ ପେରେଜ୍ ଛିଡ଼ା ହୋଇଥିଲେ। ଏକ ପ୍ରତିଷ୍ଠିତ ଇହୁଦୀ ପରିବାରରୁ ଆସିଥିବା ହର୍‌ଜୋଗ୍ ୨୦୧୩ ନିର୍ବାଚନରେ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ବିରୋଧରେ ଛିଡା ହୋଇଥିଲେ ହେଁ ପରାଜିତ ହୋଇଥିଲେ। ଆସନ୍ତା ମାସରେ ବର୍ତ୍ତମାନର ରାଷ୍ଟ୍ରପତି ରିୟୁଭେନ୍ ରିଭିଲିନ୍‌ଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଥିବାବେଳେ ହର୍‌ଜୋଗ୍ ଦେଶର ୧୧ତମ ରାଷ୍ଟ୍ରପତି ହେବେ।

୪ ବର୍ଷ ପରେ ପାକିସ୍ତାନ ଜେଲରୁ ଫେରିଲେ

ହାଇଦ୍ରାବାଦ, ୨।୬: ସୀମା ଡେଇଁ ପାକିସ୍ତାନ ପଳାଇଥିବା ତେଲଙ୍ଗାନାର ଜଣେ ଯୁବକ ୪ ବର୍ଷ ପରେ ଭାରତ ଫେରିଛନ୍ତି। ୨୦୧୭ ଏପ୍ରିଲରୁ ପ୍ରଶାନ୍ତ ନିଖୋଜ ରହିଥିଲେ। ପ୍ରଶାନ୍ତ ବ୍ୟକ୍ତିଗତ କାରଣରୁ ସୁଇଜରଲାଣ୍ଡ ଯିବାକୁ ବାହାରିଥିବାବେଳେ ବିମାନ ଯାତ୍ରା ବ୍ୟୟ ବହନ କରିପାରି ନ ଥିଲେ। ତେଣୁ ସେ ଚାଲିଚାଲି ଯିବାକୁ ସ୍ଥିର କରିଥିଲେ। ଉକ୍ତ ବର୍ଷ ଏପ୍ରିଲ ୧୧ରେ ରାଜସ୍ଥାନର ବିକାନେରକୁ ଟ୍ରେନ୍ ଯୋଗେ ଯିବା ପରେ ଭାରତ-ପାକିସ୍ତାନ ସୀମା ଡେଇଁ ପାକିସ୍ତାନକୁ ପଳାଇଥିଲେ। ପାକ୍ ଅଧିକାରୀମାନେ ତାଙ୍କୁ ବେଆଇନ ଭାବେ ସୀମା ଡେଇଁବା ଅଭିଯୋଗରେ ଗିରଫ କରି ନେଇଥିଲେ। ଆଇଟି ସେକ୍ଟରରେ ଚାକିରି କରିଥିବା ପ୍ରଶାନ୍ତଙ୍କୁ ପାକିସ୍ତାନ ସୋମବାର ଅଟାରି-ୱାଘା ବର୍ଡରରେ ଭାରତୀୟ ଅଧିକାରୀଙ୍କୁ ହସ୍ତାନ୍ତର କରିଥିଲା। ତେଲଙ୍ଗାନା ସରକାର ତାଙ୍କୁ ମୁକୁଳାଇବା ପାଇଁ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଏବଂ ବହିର୍ବ୍ୟାପାର ମନ୍ତ୍ରଣାଳୟ ସହ ଯୋଗାଯୋଗ କରିଥିଲେ।

ବାଘ ଖୋଜୁଛନ୍ତି ବିଦ୍ୟା

ଚର୍ଚ୍ଚାରେ ଥିବା ବଲିଉଡ୍ ଫିଲ୍ମ 'ଶେର୍‌ନି'ର ଟ୍ରେଲର ରିଲିଜ ହୋଇଛି। ଏଥିରେ ବିଦ୍ୟା ବଲାନଙ୍କ ନୂଆ ଅବତାର ଦେଖିବାକୁ ତାଙ୍କ ଫ୍ୟାନ୍ ବେଶ୍ ଉତ୍ସାହିତ ଅଛନ୍ତି। ବିଦ୍ୟା ଏହି ଟ୍ରେଲରକୁ ଇନ୍‌ଷ୍ଟାଗ୍ରାମ ଆକାଉଣ୍ଟରେ ଶେୟାର କରିଛନ୍ତି। 'ସାହସୀ, ଦୃଢ଼, ନିର୍ଭିକ ହୁଅ; ଏବେ ଶେର୍‌ନି ଗର୍ଜନ କରିବାର ସମୟ ଆସିଛି' ବୋଲି ବିଦ୍ୟା ପୋଷ୍ଟରେ ଲେଖିଛନ୍ତି। ଅଢ଼େଇ ମିନିଟ୍‌ର ଏହି ଟ୍ରେଲରରେ ବିଦ୍ୟାଙ୍କ ଚମତ୍କାର ଅଭିନୟ ଦେଖିବାକୁ ମିଳିଛି। ଏଥିରେ ସେ ଜଣେ ବନବିଭାଗ ଅଧିକାରୀଙ୍କ ଚରିତ୍ରରେ ଅଭିନୟ କରିଛନ୍ତି। ଗାଁ ଲୋକଙ୍କ ପାଇଁ ବିପଦ ସାଜିଥିବା ଏକ ବାଘ ଧରିବା ମିଶନରେ ବିଦ୍ୟା ବାହାରିଥିବା ଦେଖିବାକୁ ମିଳିଛି। ଜଙ୍ଗଲ ସଂରକ୍ଷଣ ସମେତ ମହିଳା ସଶକ୍ତୀକରଣ ବାର୍ତ୍ତା ମଧ୍ୟ ଚଳଚ୍ଚିତ୍ରରେ ରହିଛି। ଅମିତ ମସୁରକରଙ୍କ ନିର୍ଦ୍ଦେଶିତ 'ଶେର୍‌ନି' ଜୁନ୍ ୧୮ରେ ଆମାଜନ ପ୍ରାଇମ୍‌ରେ ମୁକ୍ତିଲାଭ କରିବ।

ଆଖି ନ ଥାଇ ଏଭରେଷ୍ଟ ଚଢ଼ିଲେ

ଚାଇନାର ଜଣେ ପର୍ବତାରୋହଣକାରୀ ବିନା ଦୃଷ୍ଟିଶକ୍ତିରେ ବିଶ୍ୱର ସର୍ବୋଚ୍ଚ ପର୍ବତ ଶୃଙ୍ଗ ଏଭରେଷ୍ଟ ଚଢ଼ିବାରେ ସଫଳ ହୋଇଛନ୍ତି। ୪୪ ବର୍ଷୀୟ ଝାଙ୍ଗ ହୋଙ୍ଗ୍ ଏପରି କରିବାରେ ଏସିଆ ମହାଦେଶର ପ୍ରଥମ ଏବଂ ବିଶ୍ୱର ତୃତୀୟ ବ୍ୟକ୍ତି ହୋଇଛନ୍ତି। ଶେର୍‌ପା ଏବଂ ଗାଇଡ୍‌ଙ୍କ ସହଯୋଗରେ ଝାଙ୍ଗ ମେ' ୨୪ରେ ନେପାଳ ପଟରୁ ଏଭରେଷ୍ଟ ଆରୋହଣ କରିଥିଲେ। ୨୦୦୧ରେ ଏହି ପର୍ବତଶୃଙ୍ଗରେ ଚଢ଼ିଥିବା ଆଉ ଜଣେ ନେତ୍ରହୀନ ଆମେରିକୀୟ ପର୍ବତାରୋହଣକାରୀ ଏରିକ୍ ୱେଇହେନ୍‌ମେୟରଙ୍କ ଦ୍ୱାରା ସେ ପ୍ରଭାବିତ ହୋଇଥିଲେ ବୋଲି ଝାଙ୍ଗ୍ କହିଛନ୍ତି। ଅଷ୍ଟ୍ରିଆର ଜଣେ ଦୃଷ୍ଟିହୀନ ପର୍ବତାରୋହଣକାରୀ ଏଭରେଷ୍ଟ ଶୃଙ୍ଗକୁ ଯାଇ ସଫଳତାର ସହ ଫେରିଥିଲେ। ୨୧ ବର୍ଷର ହୋଇଥିବାବେଳେ ଗ୍ଲୁକୋମାରେ ପୀଡ଼ିତ ହୋଇ ଝାଙ୍ଗ୍‌ଙ୍କ ଦୃଷ୍ଟିଶକ୍ତି ନଷ୍ଟ ହୋଇଥିଲା। ଏଭରେଷ୍ଟ ଆରୋହଣ କରିବା ପୂର୍ବରୁ ସେ ୫ ବର୍ଷ ଟ୍ରେନିଂ ନେଇଥିଲେ ବୋଲି କହିଛନ୍ତି।

୧୦୦ କୋଟିଙ୍କୁ ଟିକା ଲକ୍ଷ୍ୟ କେତେ ଦୂର

୨୦୨୧ ଡିସେମ୍ବର ସୁଦ୍ଧା କେନ୍ଦ୍ର ସରକାର ୧୦୦ କୋଟି ଭାରତୀୟଙ୍କୁ ଟିକା ଦେବା ପାଇଁ ସ୍ଥିର କରିଛନ୍ତି। ତେବେ ବର୍ତ୍ତମାନର ମନ୍ଥର ଟିକାକରଣକୁ ଦେଖିଲେ ଏହି ଲକ୍ଷ୍ୟ ଏତେ ସହଜରେ ପୂରଣ ହେବ ନାହିଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ଭାର୍ଗବଙ୍କ ଦାବି ଗୁଜବ

ଆସନ୍ତା ଡିସେମ୍ବର ଶେଷ ସୁଦ୍ଧା ସାରା ଦେଶରେ ଟିକାକରଣ ଶେଷ ହୋଇଯାଇଥିବ ବୋଲି ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ୍ ରିସର୍ଚ୍ଚ (ଆଇସିଏମ୍‌ଆର୍) ଅଧ୍ୟକ୍ଷ ଡ. ବଳରାମ ଭାର୍ଗବଙ୍କ ଦାବିକୁ ବୁଧବାର ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଏକ ଗୁଜବ ବୋଲି ଅଭିହିତ କରିଛନ୍ତି। ଏଥିସହ କେନ୍ଦ୍ର ଭାକ୍ସିନ କିଣି ରାଜ୍ୟଗୁଡ଼ିକୁ ମାଗଣାରେ ଯୋଗାଇବା ଆବଶ୍ୟକ ବୋଲି ଏକ ଖବରଦାତା ସମ୍ମିଳନୀରେ ସେ ଦାବି କରିଛନ୍ତି। ମମତାଙ୍କ ମତରେ ଭାଜପା ନେତୃତ୍ୱାଧୀନ କେନ୍ଦ୍ର ସରକାର ୨୦୨୧ ଡିସେମ୍ବର ସୁଦ୍ଧା ସମସ୍ତ ନାଗରିକଙ୍କ ଟିକାକରଣ ଶେଷ ହେବ ବୋଲି ଯେଉଁ ଦାବି କରୁଛନ୍ତି, ତାହା କେବଳ ଏକ ପରିହାସ ମୂଳକ ପ୍ରତାରଣା। ସେମାନେ ଭିତ୍ତିହୀନ ଦାବି କରୁଛନ୍ତି। ଭାରତରେ ୧୪୦ କୋଟି ଲୋକ ଅଛନ୍ତି। ସମସ୍ତଙ୍କୁ ଟିକା ଦେବା ଛୋଟ କଥା ନୁହେଁ। ପ୍ରକାଶ ଯେ, ଆସନ୍ତା ଜୁଲାଇ ଶେଷ କିମ୍ବା ଅଗଷ୍ଟ ମାସ ଆରମ୍ଭ ବେଳକୁ ଦିନକୁ ୧ କୋଟି ଲୋକଙ୍କୁ କୋଭିଡ୍ ଟିକା ଦିଆଯିବ। ଏଥିପାଇଁ ଧୈର୍ଯ୍ୟ ଧରିବାକୁ ପଡ଼ିବ ବୋଲି ମଙ୍ଗଳବାର ଭାର୍ଗବ କହିଥିଲେ।

'ସମସ୍ତଙ୍କୁ ମାଗଣା ଦିଅ'

ମାଗଣାରେ ସାର୍ବଜନୀନ ଟିକାକରଣ ପାଇଁ କେନ୍ଦ୍ର ଉପରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଚାପ ଅଭିଯାନ ଆରମ୍ଭ କରିଛନ୍ତି। ଟୁଇଟରରେ ହାଶଟ୍ୟାଗ୍ ସ୍ପିକ୍‌ଅପ୍ ଫର୍ ଫ୍ରି ୟୁନିଭର୍ସାଲ ଭାକ୍ସିନେଶନ ଶୀର୍ଷକ କ୍ୟାମ୍ପେନ ଆରମ୍ଭ କରି ରାହୁଲ ଲେଖିଛନ୍ତି, ଟିକା ହେଉଛି ମହାମାରୀ କରୋନା ବିରୋଧରେ ଲଢ଼ିବା ପାଇଁ ସବୁଠୁ ବଡ଼ ସୁରକ୍ଷା କବଚ। କେନ୍ଦ୍ର ସରକାର କୋଭିଡ୍ ମୃତ୍ୟୁର ପ୍ରକୃତ ସଂଖ୍ୟା ଲୁଚାଉଛନ୍ତି। ଲୋକେ ସରକାରଙ୍କଠାରୁ ସାର୍ବଜନୀନ ମାଗଣା ଟିକା ପାଇଁ ସ୍ୱର ଉତ୍ତୋଳନ କରନ୍ତୁ।

ଏବର୍ଷ ଅସମ୍ଭବ: ବିଶେଷଜ୍ଞ

ନୂଆଦିଲ୍ଲୀ/ କୋଲକାତା,୨।୬

ଭାରତରେ ପ୍ରସ୍ତୁତ କୋଭିଡ୍ ଭାକ୍ସିନ ଦେଶବାସୀଙ୍କ ପାଇଁ ପର୍ଯ୍ୟାପ୍ତ ନୁହେଁ। ଟିକାକରଣ ଜାରି ରଖିବା ପାଇଁ ଆବଶ୍ୟକ ପରିମାଣର ଭାକ୍ସିନ ଉପଲବ୍ଧ ନାହିଁ। ତେଣୁ ଇଣ୍ଡିଆନ୍ କାଉନ୍‌ସିଲ୍ ଅଫ୍ ମେଡିକାଲ ରିସର୍ଚ୍ଚ (ଆଇସିଏମ୍‌ଆର୍) ଏବଂ ନ୍ୟାଶନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାଲେରିଆ ରିସର୍ଚ୍ଚର ବିଶେଷଜ୍ଞମାନେ କେନ୍ଦ୍ରର ଦୁର୍ବଳ ଟିକାକରଣ ଯୋଜନାକୁ ସମାଲୋଚନା କରିଛନ୍ତି।

ଚଳିତବର୍ଷ ଶେଷ ସୁଦ୍ଧା ୧୦୦ କୋଟି ଭାରତୀୟଙ୍କୁ ଟିକା ଦେବା ପାଇଁ ଦେଶରେ କୋଭାକ୍ସିନ ଓ କୋଭିଶିଲ୍ଡ ଟିକା ଉତ୍ପାଦନକୁ ତ୍ୱରାନ୍ୱିତ କରିବା ଲାଗି କେନ୍ଦ୍ର ସରକାର ଯୋଜନା କରିଛନ୍ତି। କିନ୍ତୁ ଏହା ଅସମ୍ଭବ ମନେହେଉଛି ବୋଲି ବୁଧବାର ବିଜିଏମ୍ ଗ୍ଲୋବାଲ ହେଲ୍‌ଥ ଜର୍ନାଲରେ ଏକ ରିପୋର୍ଟ ପ୍ରକାଶ ପାଇଛି। ବର୍ତ୍ତମାନ ସୁଦ୍ଧା ଦେଶର ମୋଟ ଜନସଂଖ୍ୟାର ମାତ୍ର ୩% ଲୋକଙ୍କୁ ଟିକା ଦିଆଯାଇପାରିଛି। ତେଣୁ ବିଦେଶୀ କମ୍ପାନୀଗୁଡ଼ିକୁ ଭାରତରେ ଭାକ୍ସିନ ଯୋଗାଣ ପାଇଁ ଅନୁମତି ଦିଆଯାଉ ବୋଲି ବିଶେଷଜ୍ଞମାନେ କେନ୍ଦ୍ରକୁ ପରାମର୍ଶ ଦେଇଛନ୍ତି। ଉକ୍ତ ରିପୋର୍ଟରେ ଉଲ୍ଲେଖ କରାଯାଇଛି ଯେ, ଦୁଇଟି ଯାକ ଡୋଜ୍ ନେବାର ୨ ସପ୍ତାହ ପରେ ସ୍ୱାସ୍ଥ୍ୟଗତ ସୁରକ୍ଷା ମିଳିଥାଏ। ଭାକ୍ସିନର ଚାହିଦା ଅଧିକ ଥିବାରୁ ସଂକ୍ରମଣ ରୋକିବାକୁ ହେଲେ ଆଗାମୀ ଦିନରେ ଭାରତକୁ ଭାକ୍ସିନର ଅଧିକ ଉତ୍ସ ଖୋଜିବାକୁ ପଡ଼ିବ। ଅଧିକରୁ ଅଧିକ ଲୋକଙ୍କୁ ଟିକା ଦେବା ପାଇଁ ସରକାର ଘରୋଇ ହସ୍ପିଟାଲଗୁଡ଼ିକୁ ଟିକାକରଣ ଅନୁମତି ଦେଇଛନ୍ତି। ହସ୍ପିଟାଲଗୁଡ଼ିକ ଏଥିଲାଗି ଡୋଜ୍ ପିଛା ପ୍ରାୟ ୨୨୦ରୁ ୧,୦୯୮ ଟଙ୍କା ନେଉଛନ୍ତି। ଅର୍ଥାତ୍ ଲୋକେ ମଧ୍ୟ ଜୀବନ ବଞ୍ଚାଇବା ପାଇଁ ଏତେ ଟଙ୍କା ପଇଠ କରିବାକୁ ସକ୍ଷମ। ତେଣୁ ଭାରତକୁ କରୋନା ମୁକ୍ତ କରିବାକୁ ହେଲେ ଟିକାକରଣକୁ ତ୍ୱରାନ୍ୱିତ କରିବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି।

ମାସକୁ ୨୩୮ ନିୟୁତ ଡୋଜ୍ ଦରକାର

୨୦୨୧ ସୁଦ୍ଧା ଦେଶର ସମସ୍ତ ସାବାଳକଙ୍କୁ ଟିକା ଦେବାକୁ ହେଲେ ଭାରତକୁ ମୋଟ ୧.୮୮ ବିଲିୟନ୍ ଡୋଜ୍ ଆବଶ୍ୟକ। ଏଥିରୁ ୧.୬୭ ବିଲିୟନ୍ ଅର୍ଥାତ୍ ୮୯% ଡୋଜ୍‌ଟିକା ଦିଆଯିବା ବାକି ଅଛି। ଅର୍ଥାତ୍ ଦେଶରେ ଜୁନ୍‌ରୁ ପ୍ରତିମାସ ୨୩୮ ନିୟୁତ ଡୋଜ୍ ଟିକା ଦିଆଯିବା ଦରକାର। ଏହି ଅବଧି ମଧ୍ୟରେ ୧୮ ବର୍ଷରୁ କମ୍ ବୟସ୍କଙ୍କ ସମେତ ସମସ୍ତଙ୍କୁ ଟିକା ଦେବାକୁ ହେଲେ ଭାରତକୁ ଜୁନ୍‌ରୁ ଡିସେମ୍ବର ପର୍ଯ୍ୟନ୍ତ ମାସିକ ୨.୫୧ ବିଲିୟନ୍ ଡୋଜ୍ ଭାକ୍ସିନ ଲୋଡ଼ା ପଡ଼ିବ। କୋୱିନ୍ ଡ୍ୟାଶ୍‌ବୋର୍ଡ ଅନୁସାରେ ବର୍ତ୍ତମାନ ଦୈନିକ ୩.୮ ନିୟୁତ ଡୋଜ୍ ଟିକା ଦିଆଯାଉଛି। ଜୁନ୍ ୧ ସୁଦ୍ଧା ଦେଶରେ ମୋଟ ୨୧୬ ନିୟୁତ ଡୋଜ୍ ଟିକା ଦିଆଯାଇଛି। ତେଣୁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେବା ନେଇ ସନ୍ଦେହ ସୃଷ୍ଟି ହୋଇଛି।

ପିଲାଙ୍କଠାରେ କୋଭାକ୍ସିନ ପରୀକ୍ଷା ଆରମ୍ଭ

୨ରୁ ୧୮ ବର୍ଷ ବୟସ ବର୍ଗର ପିଲାମାନଙ୍କଠାରେ ଭାରତର ସ୍ୱଦେଶୀ କୋଭିଡ୍ ଟିକା କୋଭାକ୍ସିନ୍‌ର କ୍ଲିନିକାଲ ପରୀକ୍ଷା ବୁଧବାର ପାଟନାସ୍ଥିତ ଏମ୍ସରେ ଆରମ୍ଭ ହୋଇଛି। ଏଥିପାଇଁ ଗତ ସପ୍ତାହରୁ ନାମ ପଞ୍ଜୀକରଣ ଚାଲିଥିଲା। ପିଲାମାନଙ୍କଠାରେ କୋଭାକ୍ସିନ୍‌ର ଦ୍ୱିତୀୟ ଓ ତୃତୀୟ ପର୍ଯ୍ୟାୟ କ୍ଲିନିକାଲ ପରୀକ୍ଷା କରିବାକୁ ଭାରତର ଔଷଧ ମହାନିୟନ୍ତ୍ରକ (ଡିସିଜିଆଇ) ମଞ୍ଜୁରୀ ପ୍ରଦାନ କରିବା ପରେ ଏମ୍ସ ପାଟନା, ଏମ୍ସ ଦିଲ୍ଲୀ ଏବଂ ମେଡିଟ୍ରିନା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ନାଗପୁରରେ ଏହି ପରୀକ୍ଷା କରାଇବାକୁ ସ୍ଥିର ହୋଇଥିଲା। ୭୦ରୁ ୮୦ ଜଣ ପିଲାଙ୍କଠାରେ ପରୀକ୍ଷା କରାଇବାକୁ ଲକ୍ଷ୍ୟ ରଖାଯାଇଥିବା ପାଟନା ଏମ୍ସ ସୁପରିଣ୍ଟେଣ୍ଡେଣ୍ଟ କହିଛନ୍ତି। ପଞ୍ଜୀକରଣ କରିଥିବା ପିଲାମାନଙ୍କର ଆର୍‌ଟି-ପିସିଆର ଏବଂ ଆଣ୍ଟିବଡ଼ି ପରୀକ୍ଷା ପରେ ନେଗେଟିଭ୍ ରିପୋର୍ଟ ଆସିଥିବା ପିଲାଙ୍କୁ ଟିକା ଦିଆଯିବ।

ଇରାନ ନୌସେନା ଜାହାଜ ଜଳିଗଲା

ତେହରାନ, ୨।୬: ଇରାନ ନୌସେନାର ବୃହତ୍ତମ ଯୁଦ୍ଧ ଜାହାଜରେ ମଙ୍ଗଳବାର ବିଳମ୍ବିତ ରାତିରେ ନିଆଁ ଲାଗିଯିବା ସହ ଏହା ଗଲ୍‌ଫ ଅଫ୍ ଓମାନରେ ବୁଡ଼ିଯାଇଛି। ଏପରି ଘଟିବା ପଛର କାରଣ ଜଣାପଡିନାହିଁ। ଏକ ଦ୍ୱୀପର ନାଁ ଅନୁସାରେ ଜାହାଜର ନାମ ଖର୍ଗ ରଖାଯାଇଥିଲା। ଏହା ଇରାନ ପାଇଁ ମୁଖ୍ୟ ତୈଳ ଟର୍ମିନାଲ ଭାବେ କାମ କରୁଥିଲା। ନିଆଁ ଲିଭାଇବାକୁ ଉଦ୍ୟମ ସତ୍ତ୍ୱେ ଅଗ୍ନିଶମ ଅଧିକାରୀ ବିଫଳ ହୋଇଥିଲେ। ଫଳରେ ଜାହାଜଟି ଇରାନ ବନ୍ଦର ଜାସ୍କ ନିକଟରେ ବୁଡ଼ିଯାଇଥିଲା। ତେବେ ଜାହାଜ ଚାଳକଙ୍କ ସମେତ ସେଥିରେ ଥିବା ଅନ୍ୟ ସଦସ୍ୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଥିବା ଜଣାପଡ଼ିଛି। ଜାହାଜ ଜଳୁଥିବାର ଫଟୋ ଏବଂ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ନିଆଁ ଏତେ ଭୟଙ୍କର ଥିଲା ଯେ ମହାକାଶ ସାଟେଲାଇଟ ଏହାର ଫଟୋ ଉତ୍ତୋଳନ କରିଛି।

ଏହି ଜାହାଜ ୧୯୭୭ ମସିହାରେ ବ୍ରିଟେନରେ ନିର୍ମିତ ହୋଇଥିଲା। ୧୯୮୪ ମସିହାରେ ଏହା ଇରାନ ନୌସେନାରେ ସାମିଲ ହୋଇଥିଲା।

ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ: ୨୪ ଗିରଫ

ଗୁଆହାଟୀ, ୨।୬(ଆଇଏଏନ୍‌ଏସ୍)

ଆସାମର ହୋଜାଇ ଜିଲାର ଏକ ସରକାରୀ ହସ୍ପିଟାଲରେ କାର୍ଯ୍ୟରତ ଜଣେ ଡାକ୍ତରଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଏହି ଘଟଣାରେ ପୋଲିସ ୨୪ ଜଣଙ୍କୁ ଗିରଫ କରିଛି। ସେଉଜ୍ କୁମାର ସେନାପତି ନାମକ ଏହି ଡାକ୍ତର ହୋଜାଇ ଜିଲାର ଉଡାଲି କୋଭିଡ୍ କେୟାର ସେଣ୍ଟରରେ ନିଯୁକ୍ତ ହୋଇଥିଲେ। ମଙ୍ଗଳବାର ସେଠାରେ ଅକ୍ସିଜେନ ଅଭାବରୁ ଜଣେ କୋଭିଡ୍ ରୋଗୀଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଥିଲା। ରୋଗୀଙ୍କ ସମ୍ପର୍କୀୟମାନେ ଡାକ୍ତରଙ୍କୁ ଗୋଇଠା ମାରିବା ସହ ଇଟା ଓ ଧାତବ ଖଣ୍ଡରେ ଆକ୍ରମଣ କରିଥିଲେ। ଗୁରୁତର ଆହତ ଡାକ୍ତରଙ୍କୁ ନାଗାଓଁର ଅନ୍ୟ ଏକ ହସ୍ପିଟାଲରେ ଚିକିତ୍ସା କରାଯାଉଛି। ୨୪ ଜଣ ଆକ୍ରମଣକାରୀଙ୍କୁ ଗିରଫ କରାଗଲାଣି ଓ ଖୁବ୍‌ଶୀଘ୍ର ଚାର୍ଜଶିଟ୍ ଦାଖଲ ହେବ ବୋଲି ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱ ଶର୍ମା କହିଛନ୍ତି। ସେ ନିଜେ ଘଟଣା ଉପରେ ନଜର ରଖିଛନ୍ତି ଏବଂ ଡାକ୍ତରଙ୍କୁ ନ୍ୟାୟ ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି।

ଇସ୍ତଫା ଦେଲେଣି ୮ ସ୍ୱାସ୍ଥ୍ୟମନ୍ତ୍ରୀ

ନୂଆଦିଲ୍ଲୀ, ୨।୬

କୋଭିଡ୍ ପରିଚାଳନାରେ ବିଫଳତା

ବିଭିନ୍ନ ଦେଶରେ କୋଭିଡ୍ ପରିଚାଳନାଗତ ତ୍ରୁଟି ପାଇଁ ଗତ ୫ ମାସ ମଧ୍ୟରେ ୮ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଇସାରିଲେଣି। ଇକୁଏଡର ସ୍ୱାସ୍ଥ୍ୟମନ୍ତ୍ରୀ ଭାବେ ରୋଡଲ୍ଫ ଫାର୍‌ଫାନ ନିଯୁକ୍ତ ହେବାର ୩ ସପ୍ତାହ ପରେ ଗତ ମାର୍ଚ୍ଚରେ ଇସ୍ତଫା ଦେଇଥିଲେ। ଟିକାକରଣ ଅଭିଯାନରେ ତାଙ୍କ ବିରୋଧରେ ପ୍ରିୟାପ୍ରୀତି ତୋଷଣ ଅଭିଯୋଗ ହୋଇଥିଲା, ଯାହାର ତଦନ୍ତ ଜାରି ରହିଛି। ତାଙ୍କ ପୂର୍ବରୁ ସ୍ୱାସ୍ଥ୍ୟମନ୍ତ୍ରୀ ଥିବା ଜୁଆନ୍ କାର୍ଲୋସ ଜେଭାଲୋସ୍ ମଧ୍ୟ ମାସେ ପୂର୍ବରୁ ଟିକାକରଣ ଅନିୟମିତତାକୁ ନେଇ ଇସ୍ତଫା ଦେଇଥିଲେ। କୋଭିଡ୍‌କୁ ନେଇ ଅତ୍ୟଧିକ ଚାପ ହେତୁ ଏପ୍ରିଲ ୧୩ରେ ଅଷ୍ଟ୍ରିଆ ସ୍ୱାସ୍ଥ୍ୟମନ୍ତ୍ରୀ ରୁଡଲ

କରୋନା ସଂକ୍ରମଣ ସ୍ଥିତି

	ଆକ୍ରାନ୍ତ	ମୃତ୍ୟୁ	ଆରୋଗ୍ୟ
ବିଶ୍ୱ	୧୭,୨୧,୫୫,୨୭୨	୩୬,୯୫,୩୭୦	୧୫,୪୭,୬୭,୬୬୩
ଭାରତ	୨,୮୪,୦୬,୬୧୩	୩,୩୬,୯୨୩	୨,୬୩,୩୩,୯୪୭
ଓଡ଼ିଶା	୭,୮୨,୧୩୧	୨୮୩୧(+୫୩)	୭,୦୨,୬୨୧

ବୁଧବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

ସଂକ୍ଷେପରେ

ମା' ହେବ 'ରାଖୀ'

ବାରଙ୍ଗ,୨।୬(ଡି.ଏନ୍.ଏ.): ନନ୍ଦନକାନନର ସିମ୍ପାଞ୍ଜି ରାଖୀ ପ୍ରଥମ ଥର ପାଇଁ ମା' ହେବାକୁ ଯାଉଛି। ଏବେ ଆଉ ଏକ ଶାବକ ଏହି ପରିବାରକୁ ଆସିବ। ବୁଧବାର ନନ୍ଦନକାନନର ଡାକ୍ତରମାନେ ରାଖୀର ଗର୍ଭ ପରୀକ୍ଷା କରିବା ପରେ ଏହି ସୂଚନା ମିଳିଛି। ସାଥୀ ଅଣ୍ଡିରା ସିମ୍ପାଞ୍ଜି ଜୁଲୁ ସହ ତା'ର ମିଳନ ସଫଳ ହୋଇଛି। ପୂର୍ଣ୍ଣିମାର ଦ୍ୱିତୀୟ ଗର୍ଭସ୍ଥ ସନ୍ତାନ ହେଉଛି ରାଖୀ। ରାଖୀପୂର୍ଣ୍ଣିମାରେ ଜନ୍ମ ହୋଇଥିବାରୁ ତା'ର ନାମ ରାଖୀ ରଖାଯାଇଥିଲା। ଏବେ ତାକୁ ପ୍ରାୟ ୧୦ ବର୍ଷ ବୟସ ହେଲାଣି। ଏହା ପୂର୍ବରୁ ଗତ ଫେବୃୟାରୀ ୧୫ରେ ରାଖୀର ମା' ପୂର୍ଣ୍ଣିମା ଚତୁର୍ଥ ଗର୍ଭସ୍ଥ ସନ୍ତାନକୁ ଜନ୍ମ ଦେଇଥିଲା। ପୂର୍ଣ୍ଣିମା ଓ ତା'ର ଛୁଆ ସୁସ୍ଥ ଥିବାବେଳେ ଉଭୟଙ୍କୁ ଅଲଗା ରଖାଯାଇଛି। ନନ୍ଦନକାନନର ଅନ୍ୟତମ ଆକର୍ଷଣ ହେଉଛି ସିମ୍ପାଞ୍ଜି। ନନ୍ଦନକାନନକୁ ବୁଲିବାକୁ ଆସୁଥିବା ପର୍ଯ୍ୟଟକମାନେ କିଛି ସମୟ ପାଇଁ ସିମ୍ପାଞ୍ଜିମାନଙ୍କୁ ଦେଖି ମଜା ଉଠାଇଥାନ୍ତି। ଏବେ ନନ୍ଦନକାନନରେ ସିମ୍ପାଞ୍ଜି ସଂଖ୍ୟା ୭ରେ ପହଞ୍ଚିଛି। ସେମାନଙ୍କ ମଧ୍ୟରେ ଗୋଟିଏ ଅଣ୍ଡିରା, ୫ମାଈ ଓ ଗୋଟିଏ ନବଜାତକ ରହିଛନ୍ତି।

ପାନୀୟ ଜଳ ପ୍ରକଳ୍ପ ପାଇଁ ନାବାର୍ଡର ୨୫୪ କୋଟି ଋଣ

ଭୁବନେଶ୍ୱର,୨।୬: ପାନୀୟ ଜଳ ଯୋଗାଣ ପ୍ରକଳ୍ପ ପାଇଁ ନାବାର୍ଡ ପକ୍ଷରୁ ରାଜ୍ୟ ସରକାରଙ୍କୁ ୨୫୪ କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି। ଗ୍ରାମୀଣ ଭିତ୍ତିଭୂମି ଉନ୍ନତୀକରଣ ପାଣ୍ଠି (ଆର୍‌ଆଇଡିଏଫ୍) ଅଧୀନରେ ଏହି ପାଣ୍ଠି ବ୍ୟବସ୍ଥା କରାଯାଇଛି। ଏହି ପାଣ୍ଠି ଖର୍ଚ୍ଚ ଦ୍ୱାରା ଯାଜପୁର ଏବଂ ପୁରୀ ଜିଲାରେ ୨ ବୃହତ୍ ପାଇପ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ସ୍ଥାପନ ଯୋଜନା ରଖାଯାଇଛି। ଯାଜପୁରର ଧର୍ମଶାଳା ଓ ବଡ଼ଚଣା ବ୍ଲକ ଏବଂ ପୁରୀର ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ଅଞ୍ଚଳରେ ଲୋକମାନେ ଉକ୍ତ ପ୍ରକଳ୍ପ ଦ୍ୱାରା ଲାଭବାନ ହୋଇପାରିବେ। ଏହା ମଧ୍ୟରେ ମୋଟ ୫୫୬ ଗ୍ରାମର ୧.୩୭ ଲକ୍ଷ ପରିବାର ଏବଂ ୮.୭୫ ଲକ୍ଷ ଜନସଂଖ୍ୟା ଲାଭାନ୍ୱିତ ହୋଇପାରିବେ ବୋଲି ନାବାର୍ଡ ଓଡ଼ିଶାର ସିଜିଏମ୍ ସି.ଉଦୟ ଭାସ୍କର କହିଛନ୍ତି।

ଟ୍ରକ୍ ମାଡ଼ିଯାଇ ଜେଜେମା', ନାତି ମୃତ

କେନ୍ଦୁଝର,୨।୬(ସ୍ୱ.ପ୍ର.): ଘର ଅଗଣାରେ ବସିଥିବା ବେଳେ ଟ୍ରକ ମାଡ଼ି ଯିବାରୁ ଜେଜେମା' ଓ ନାତିଙ୍କ ମୃତ୍ୟୁ ହୋଇଛି। କେନ୍ଦୁଝର ସଦର ଥାନା ଅନ୍ତର୍ଗତ ୨୦ନଂ. ଜାତୀୟରାଜପଥର ବାଙ୍କମାରୁଣୀ ସାହି ନିକଟରେ ବୁଧବାର ଏହି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ ପଳାଶପଙ୍ଗା ପଞ୍ଚାୟତ ବାଙ୍କମାରୁଣୀ ଗ୍ରାମର ସୁମିତ୍ରା ମହାନ୍ତ ଓ ଶୁଭମ ମହାନ୍ତ। ସନ୍ଧ୍ୟାରେ ଏନ୍‌ଏଚ୍ ପାର୍ଶ୍ୱ ଘର ନିକଟରେ ସୁମିତ୍ରା ତାଙ୍କ ନାତି ଶୁଭମଙ୍କୁ ଧରି ବସିଥିଲେ। ସେହି ସମୟରେ ପଦ୍ମପୁର ପଟୁ ଆସୁଥିବା ଏକ ଟ୍ରକ୍ ଭାରସାମ୍ୟ ହରାଇ ସେମାନଙ୍କ ଉପରେ ଚଢ଼ିଯାଇଥିଲା। ଫଳରେ ଶୁଭମଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ସୁମିତ୍ରା ଗୁରୁତର ହୋଇଥିଲେ। ତୁରନ୍ତ ତାଙ୍କୁ ଆମ୍ବୁଲାନ୍ସ ଯୋଗେ କେନ୍ଦୁଝର ଡାକ୍ତରଖାନା ପଠାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି।

'ଚାଇନା, ଦକ୍ଷିଣପୂର୍ବ ଏସିଆ ହଟ୍‌ସ୍ପଟ୍'

ନ୍ୟୁୟର୍କ, ୨।୬: ନୂଆ କରୋନା ଭୂତାଣୁ ପାଇଁ ଚାଇନା, ଜାପାନ, ଫିଲିପାଇନ୍ସ ଏବଂ ଥାଇଲାଣ୍ଡ ହଟ୍‌ସ୍ପଟ ହୋଇପାରେ ବୋଲି ଏକ ଅଧ୍ୟୟନରୁ ଜଣାପଡ଼ିଛି। ବାଦୁଡିବାହିତ ଏହି ଭୂତାଣୁ ପାଇଁ ଉପରୋକ୍ତ ଅଞ୍ଚଳ ଅନୁକୂଳ ହୋଇଥିବାବେଳେ ଉକ୍ତ ରୋଗ ବାଦୁଡି ଶରୀରରୁ ମଣିଷକୁ ସଂକ୍ରମିତ ହେବା ପାଇଁ ମଧ୍ୟ ଉପଯୁକ୍ତ ପରିବେଶ ସୃଷ୍ଟି କରିଥାଏ। ଜଙ୍ଗଲ ବିଭାଜନ, କୃଷି ସମ୍ପ୍ରସାରଣ ଏବଂ ପ୍ରାଣିଜ ଉତ୍ପାଦନ ବୃଦ୍ଧି ସମେତ ଜମି ବ୍ୟବହାରରେ ପରିବର୍ତ୍ତନ

ନୂଆ କରୋନା ଭୂତାଣୁ

ଏହାର କାରଣ ବୋଲି ନେଚର ଫୁଡ୍ ନାମକ ପତ୍ରିକାରେ ପ୍ରକାଶିତ ଅଧ୍ୟୟନରେ କୁହାଯାଇଛି। ବର୍ତ୍ତମାନର ଅଧିକାଂଶ ହଟ୍‌ସ୍ପଟ୍ ଚାଇନାରେ ରହିଛି, ଯେଉଁଠି ମାଂସ ଉତ୍ପାଦନ ଚାହିଦା ବୃଦ୍ଧି ଯୋଗୁ ଔଦ୍ୟୋଗିକ ପ୍ରାଣୀ ଫାର୍ମ ବହୁପରିମାଣରେ ବଢ଼ିଯାଇଛି। ଏହାବ୍ୟତୀତ ଜାପାନର କେତେକ ଅଞ୍ଚଳ, ଫିଲିପାଇନ୍ସର ଉତ୍ତର ଭାଗ, ଚାଇନା ସାଙ୍ଘାଇ ମଧ୍ୟ ହଟ୍‌ସ୍ପଟରେ ପରିଣତ ହେବାର ଯଥେଷ୍ଟ ସମ୍ଭାବନା ରହିଛି। ଇଣ୍ଡୋଚାଇନା ଏବଂ ଥାଇଲାଣ୍ଡର କେତେକ ଅଞ୍ଚଳରେ ପ୍ରାଣିଜ ଉତ୍ପାଦନ ବୃଦ୍ଧି ପାଉଥିବାରୁ ହଟ୍‌ସ୍ପଟ ହେବା ଆଶଙ୍କା କରାଯାଇଛି। ବର୍କେଲିସ୍ଥିତ କାଲିଫର୍ନିଆ ୟୁନିଭର୍ସିଟି, ମିଲନସ୍ଥିତ ପଲିଟେକ୍‌ନିକ ୟୁନିଭର୍ସିଟି ଏବଂ ନ୍ୟୁଜିଲାଣ୍ଡର ମାସି ୟୁନିଭର୍ସିଟିର ଗବେଷକମାନଙ୍କର ଏକ ଟିମ୍ ଏହି ଗବେଷଣା କରିଥିଲେ। ସେମାନଙ୍କ ମତରେ ଜମି ବ୍ୟବହାରରେ ପରିବର୍ତ୍ତନ ମାନବ ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱପୂର୍ଣ୍ଣ ପ୍ରଭାବ ପକାଇଥାଏ। ଆମେ ପରିବେଶରେ ପରିବର୍ତ୍ତନ ଆଣୁଥିବାବେଳେ ତାହା ପ୍ରାଣୀଜନିତ ରୋଗ ବଢ଼ାଇବାର କାରଣ ହେଉଛି ବୋଲି ୟୁନିଭର୍ସିଟି ଅଫ୍ କାଲିଫର୍ନିଆର ପ୍ରଫେସର ପାଓଲୋ ଡି'ଓଡୋରିକୋ କହିଛନ୍ତି। ଯଦିଓ ସାର୍ସ-କୋଭ-୨ ବା କରୋନା ଭୂତାଣୁର ବାସ୍ତବ ଉତ୍ସ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ, ଏହା ପ୍ରଥମେ ଅଶ୍ୱଖୁରାକୃତି ବାଦୁଡ଼ିକୁ ସଂକ୍ରମଣ କରିବା ପରେ ସେଠାରୁ ମାନବ ଶରୀରକୁ ବ୍ୟାପିଥିଲା ବୋଲି କୁହାଯାଉଛି।

କରୋନା ନେଲା ୪୦ ଜୀବନ

୪ ଜିଲାରୁ ୫ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ

- ଦିନକରେ ୮,୩୯୯ ପଜିଟିଭ୍ ଚିହ୍ନଟ
- ରାଜ୍ୟରେ ସଂକ୍ରମିତ ହାର ୧୨.୫୯%



ଭୁବନେଶ୍ୱର, ୨।୬(ବ୍ୟୁରୋ)

ରାଜ୍ୟରେ ପୁଣି ରେକର୍ଡ କରିଛି କୋଭିଡ୍ ମୃତ୍ୟୁ। ଗତ ୨୪ଘଣ୍ଟାରେ ୪୦ଜଣଙ୍କ ଜୀବନ ଯାଇଛି। ଫଳରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୨୮ଶହ ପାର୍ କରିଯାଇଛି। ଏହି ୪୦ ମୃତକଙ୍କ ମଧ୍ୟରେ ଅନୁଗୋଳ, ଖୋର୍ଦ୍ଧା, କଟକ ଓ କଳାହାଣ୍ଡି ଜିଲାରୁ ୫ଜଣ ଲେଖାଏ ରହିଛନ୍ତି। ଗତ ପ୍ରାୟ ୧୦ଦିନ ହେବ ଅନୁଗୋଳ ଜିଲାରେ ସର୍ବାଧିକ ୫ଜଣଙ୍କ ମୃତ୍ୟୁ ହୋଇଛି। ଝାରସୁଗୁଡ଼ାରୁ ଆଉ ୪ଜଣ, ରାୟଗଡ଼ା ଓ ବୌଦ୍ଧରୁ ୩ଜଣ ଲେଖାଏ, ସମ୍ବଲପୁର, ନବରଙ୍ଗପୁର ଓ ଦେବଗଡ଼ରୁ ୨ଜଣ ଲେଖାଏ, ଢେଙ୍କାନାଳ, ଗଜପତି, ଯାଜପୁର, ବାଲେଶ୍ୱର ଏବଂ ମାଲକାନଗିରିରୁ ଜଣେ ଲେଖାଏ ଆକ୍ରାନ୍ତଙ୍କ ମୃତ୍ୟୁ ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ମୃତ୍ୟୁ ସଂଖ୍ୟା ୨,୮୩୧କୁ ବୃଦ୍ଧି ପାଇଛି। ଏଥିମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୪୭୬ ମୃତକ ରହିଛନ୍ତି।

ଅନ୍ୟପକ୍ଷରେ ରାଜ୍ୟରେ ସଂକ୍ରମଣ ହାର ହ୍ରାସ ପାଉଥିବା ଦେଖାଯାଇଛି। ଗତ ୨୪ ଘଣ୍ଟାରେ ୬୬,୬୮୩ ନମୁନା ପରୀକ୍ଷା ହୋଇଥିବାବେଳେ ୮,୩୯୯ଜଣ ପଜିଟିଭ୍ ବାହାରିଛନ୍ତି। ସଂକ୍ରମଣ ହାର ୧୨.୫୯ ପ୍ରତିଶତ ରହିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧା ଜିଲାରୁ ସର୍ବାଧିକ ୧,୧୦୨ଜଣ ଥିବାବେଳେ କଟକରୁ ୭୬୬, ଯାଜପୁର ୫୧୪, ମୟୂରଭଞ୍ଜରୁ ୪୮୫, ସୁନ୍ଦରଗଡ଼ରୁ ୪୭୭, ପୁରୀ ୪୭୫, ଅନୁଗୋଳରୁ ୪୬୮, ଢେଙ୍କାନାଳ ୪୫୧, ରାୟଗଡ଼ା ୨୯୨, ଜଗତ୍‌ସିଂହପୁର ୨୬୯, ବାଲେଶ୍ୱର ୨୪୦, ନୟାଗଡ଼ ୨୨୩, ନବରଙ୍ଗପୁରରୁ ୨୦୦ ଜଣ ରହିଛନ୍ତି। ବାକି ସବୁ ଜିଲାରେ ସଂକ୍ରମଣ ସଂଖ୍ୟା ୨ଶହ ତଳକୁ ରହିଥିବା ବେଳେ ଏବେ ରାଜ୍ୟରେ ମୋଟ ସଂକ୍ରମିତ ସଂଖ୍ୟା ୭,୮୨,୧୩୧ରେ ପହଞ୍ଚିଛି। ରାଜ୍ୟରେ କରୋନା ସ୍ଥିତିକୁ ନେଇ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଦେଶରେ ସଂକ୍ରମଣ ଖସୁଛି। ଅନ୍ୟ ରାଜ୍ୟରେ ଯେତେବେଳେ ସଂକ୍ରମଣ ବଢୁଥିଲା, ଆମର ସେତେବେଳେ ଅଧିକ ନ ଥିଲା। ଆମ ରାଜ୍ୟରେ ବିଳମ୍ବରେ ସଂକ୍ରମଣ ବଢ଼ିଥିବାରୁ ଏବେ ଖସୁଛି। ସେହିପରି ଅନ୍ୟ ରାଜ୍ୟ ଅପେକ୍ଷା ଆମ ରାଜ୍ୟରେ ମୃତ୍ୟୁ ସଂଖ୍ୟା କମ୍ ରହିଛି। ମେ' ମାସରେ ଅଧିକ ଗୁରୁତର ରୋଗୀ ଥିବାରୁ ଅଧିକ ମୃତ୍ୟୁ ହେଉଛି। ବର୍ତ୍ତମାନ ଗୁରୁତର ରୋଗୀଙ୍କ ସଂଖ୍ୟା କମ୍ ରହୁଛି। ଅଧିକାଂଶ ହସ୍ପିଟାଲରେ ବେଡ୍ ମଧ୍ୟ ଖାଲି ରହୁଥିବା ଡା. ମିଶ୍ର କହିଛନ୍ତି।

ରାଜ୍ୟରେ ପ୍ରାଣ ହରାଇଲେଣି ୨୨ ଡାକ୍ତର

ଦ୍ୱିତୀୟ ଲହର ଘାତକ

ଦେଶରେ ୫୯୪, ଦିଲ୍ଲୀରେ ସର୍ବାଧିକ ୧୦୭

କରୋନାର ଦ୍ୱିତୀୟ ଲହର ଦେଶରେ ଯେଉଁ ପ୍ରଭାବ ପକାଇଲା ତାହା ସାରା ବିଶ୍ୱରେ ରେକର୍ଡ କରିଦେଲା। ପ୍ରଥମ ଲହରରେ ଭାରତ ସଂକ୍ରମଣ କ୍ଷେତ୍ରରେ ବହୁ ପଛରେ ଥିବାବେଳେ ଏଥର କିନ୍ତୁ ବିଶ୍ୱର ସବୁ ଦେଶକୁ ଟପିଗଲା। ଦ୍ୱିତୀୟ ଲହରରେ ମୃତ୍ୟୁହାର ହଠାତ୍ ଉପରମୁହାଁ ହୋଇଗଲା। ଏହି ମହାମାରୀ କାହାରିକୁ ଛାଡ଼ିନାହିଁ। ବହୁ ପ୍ରତିଷ୍ଠିତ ବ୍ୟକ୍ତି ମଧ୍ୟ କୋଭିଡ୍ ଲଢ଼େଇରେ ହାରିଯାଇଛନ୍ତି। ଏପରି କି, ଚିକିତ୍ସା କରୁଥିବା ଡାକ୍ତରମାନେ ବି କରୋନା କବଳରୁ ବାଦ୍ ପଡ଼ିନାହାନ୍ତି। ଦେଶରେ ପ୍ରାୟ ୧୨ଲକ୍ଷରୁ ଊର୍ଦ୍ଧ୍ୱ ଡାକ୍ତର କୋଭିଡ୍ ଚିକିତ୍ସା କ୍ଷେତ୍ରରେ ନିୟୋଜିତ ହୋଇଛନ୍ତି। ଇଣ୍ଡିଆନ ମେଡିକାଲ ଆସୋସିଏଶନ (ଆଇଏମ୍‌ଏ) ସୂଚନା ଅନୁଯାୟୀ, ଦ୍ୱିତୀୟ ଲହରରେ ଦେଶରେ ପ୍ରାୟ ୫୯୪ ଡାକ୍ତରଙ୍କ ମୃତ୍ୟୁ ଘଟିଛି। ଏମାନଙ୍କ ମଧ୍ୟରେ ଦିଲ୍ଲୀରୁ ସର୍ବାଧିକ ୧୦୭ଜଣ ରହିଛନ୍ତି। ସେହିପରି ବିହାରରେ ୯୬, ଉତ୍ତରପ୍ରଦେଶରେ ୬୭, ରାଜସ୍ଥାନରେ ୪୩, ଝାଡ଼ଖଣ୍ଡରେ ୩୯, ଆନ୍ଧ୍ରପ୍ରଦେଶ ଓ ତେଲଙ୍ଗାନାରେ ୩୨ଜଣ ଲେଖାଏ, ଗୁଜରାଟରେ ୩୧, ପଶ୍ଚିମବଙ୍ଗରେ ୨୫ ଏବଂ ଓଡ଼ିଶାରେ ୨୨ଜଣ ରହିଛନ୍ତି। ମହାରାଷ୍ଟ୍ରରେ ୧୭, ମଧ୍ୟପ୍ରଦେଶରେ ୧୬, ଆସାମ ଓ କର୍ନାଟକରେ ୮ଜଣ ଲେଖାଏ, କେରଳ ଓ ମଣିପୁରରେ ୫ଜଣ ଲେଖାଏ, ଛତିଶଗଡ଼, ହରିୟାଣା, ଜମ୍ମୁରେ ୩ଜଣ ଲେଖାଏ, ଗୋଆ ଓ ତ୍ରିପୁରାରେ ୨ଜଣ ଲେଖାଏ, ଉତ୍ତରାଖଣ୍ଡ ଓ ପଣ୍ଡିଚେରୀରେ ଜଣେ ଲେଖାଏ ରହିଛନ୍ତି। ତେବେ ଓଡ଼ିଶାର ମୃତ୍ୟୁ ସଂଖ୍ୟା ଆହୁରି ଅଧିକ ହୋଇଥାଇପାରେ। କାରଣ ଆଇଏମ୍‌ଏ କେବଳ ପଞ୍ଜୀକୃତ ଡାକ୍ତରଙ୍କ ରେକର୍ଡ ରଖିଛି।

ଭୁବନେଶ୍ୱର ବିନ୍ଦୁସାଗରରେ ବୁଧବାର ଅନୁଷ୍ଠିତ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ଚନ୍ଦନଚାପ ଯାତ୍ରା।

ଭିଜିଲାନ୍ସ ହାତରେ ଟିଡିସିସି ମ୍ୟାନେଜର

ବୋଲେରୋରେ ଯାଉଥିବାବେଳେ ୧୮ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଜବତ

ସୁନ୍ଦରଗଡ଼,୨।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଟିଡିସିସି (ଟ୍ରାଇବାଲ ଡେଭଲପ୍‌ମେଣ୍ଟ କୋ-ଅପରେଟିଭ ସୋସାଇଟି)ର ଜିଲା ମ୍ୟାନେଜର ଜୟପ୍ରକାଶ ମହାନ୍ତି ବୁଧବାର ସକାଳେ ଭିଜିଲାନ୍ସ ବିଭାଗ ହାତରେ ଧରାପଡିଛନ୍ତି। ଭିଜିଲାନ୍ସ ବିଭାଗ ଅଧିକାରୀମାନେ ତାଙ୍କଠାରୁ ୧୮ଲକ୍ଷ ୮୦ ହଜାର ୫୦୦ ଟଙ୍କା ଜବତ କରିଛନ୍ତି। ସେ ସକାଳ ପ୍ରାୟ ୫ଟା ୩୦ରେ ନିଜ ଘର ଭୁବନେଶ୍ୱରକୁ ଯିବା ପାଇଁ ବାହାରିଥିଲେ। ସୁନ୍ଦରଗଡ଼ରୁ ଏକ ବୋଲେରୋରେ ଝାରସୁଗୁଡା ରେଳଷ୍ଟେଶନକୁ ଯାଉଥିଲେ। ସେଠାରୁ ସେ ରାଉରକେଲା-ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ୍ ଟ୍ରେନ୍ ଯୋଗେ ଘରକୁ ଯିବା ପାଇଁ ଟିକେଟ କରିଥିଲେ। ସାଙ୍ଗରେ ଏତେ ପରିମାଣର ଟଙ୍କା ଧରି ଯାଉଥିବା ସମ୍ପର୍କରେ ସୂଚନା ପାଇ ସୁନ୍ଦରଗଡ଼ ଭିଜିଲାନ୍ସ ଡିଏସ୍‌ପି ସୁଧାଂଶୁ ଶେଖର ପୂଜାରୀଙ୍କ ନେତୃତ୍ୱରେ ସ୍ୱତନ୍ତ୍ର ଟିମ୍ ସୁନ୍ଦରଗଡ଼ ନିକଟସ୍ଥ ମସ୍ନିକାନୀ ଟୋଲ୍‌ପ୍ଲାଜାଠାରେ ତାଙ୍କ ଗାଡିକୁ ଅଟକାଇ ଏହି ଟଙ୍କା ଜବତ କରିଥିଲେ। ଏତେ ପରିମାଣର ଟଙ୍କା କାହିଁକି କେଉଁ ଆଡେ ନେଉଥିଲେ ସେ ନେଇ କୌଣସି ସନ୍ତୋଷଜନକ ଉତ୍ତର ନ ଦେବାରୁ ତାଙ୍କୁ ସୁନ୍ଦରଗଡ ଭିଜିଲାନ୍ସ କାର୍ଯ୍ୟାଳୟକୁ ଆଣି ଅଧିକ ପଚରାଉଚୁରା କରାଯାଇଥିଲା। ଏ ନେଇ ରାଉରକେଲା ଭିଜିଲାନ୍ସ ଡିଭିଜନ ଥାନାରେ ଏକ ମାମଲା (ନଂ. ୫।୨୧) ରୁଜୁହୋଇଛି। ଅଧିକ ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ବିଭାଗ ପକ୍ଷରୁ କୁହାଯାଇଛି।

ଟିଡିସିସିର ସୁନ୍ଦରଗଡ଼ ଜିଲା ମ୍ୟାନେଜର ଜୟପ୍ରକାଶ ମହାନ୍ତି।

ଜୀଅନ୍ତା ଜଳିଗଲେ ଡ୍ରାଇଭର

ହାଇୱା ପଛକୁ ପିଟିଲା ହାଇୱା

କାମାକ୍ଷାନଗର, ୨।୬(ଡି.ଏନ.ଏ.)

ଢେଙ୍କାନାଳ-କାମାକ୍ଷାନଗର ମୁଖ୍ୟରାସ୍ତାର ଜଡ଼ାପାଳ ଛକ ନିକଟରେ ବୁଧବାର ଭୋର୍ ପ୍ରାୟ ୪ଟାରେ ଏକ ଲୋମଟାଙ୍କୁରା ଦୁର୍ଘଟଣା ଘଟିଛି। ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ପାଉଁଶ ବୋଝେଇ ହାଇୱା ପଛକୁ ଅନ୍ୟ ଏକ ପାଉଁଶ ବୋଝେଇ ହାଇୱା ଧକ୍କା ଦେଇଛି। ଦୁର୍ଘଟଣା ପରେ ଗାଡ଼ିରେ ନିଆଁ ଲାଗିଯିବାରୁ ପଛ ଗାଡ଼ିର ଚାଳକ ଜୀଅନ୍ତା ଜଳିଯାଇଛନ୍ତି। ମୃତକ ହେଲେ ଝାଡ଼ଖଣ୍ଡର ସୁନୀଲ ଯାଦବ।

ପ୍ରତ୍ୟକ୍ଷଦର୍ଶୀଙ୍କ ସୂଚନା ଅନୁଯାୟୀ, କାମାକ୍ଷାନଗରରେ ଚାଲିଥିବା ଏନ୍‌ଏଚ୍ ୫୩ ସମ୍ପ୍ରସାରଣ କାର୍ଯ୍ୟ ଲାଗି 'ଆଶ ଟ୍ରେକ୍' କମ୍ପାନୀର ଉକ୍ତ ଦୁଇ ହାଇୱା ଢେଙ୍କାନାଳ ଜିଲା କଣ୍ଟାବଣିଆ ଥାନା ବିଆରଜି ପ୍ଲାଣ୍ଟରୁ ପାଉଁଶ ନେଇ ଆସୁଥିଲେ। ଆଗରେ ଆସୁଥିବା ହାଇୱା (ନଂ.ଏମ୍‌ଏଚ୍ ୦୪ ଜେକେ ୨୭୧୫)ର ଡ୍ରାଇଭର ଜଡ଼ାପାଳ ନିକଟରେ ରାସ୍ତା ପାର୍ଶ୍ୱରେ ଗାଡ଼ି ଛଡ଼ା କରି ରଖିଥିଲେ। ଏହି ସମୟରେ ପଛରେ ଆସୁଥିବା ହାଇୱା (ନଂ. ଏମ୍‌ଏଚ୍ ୦୪ ଜେକେ ୨୭୧୫) ଭାରସାମ୍ୟ ହରାଇ ପଛରୁ ଧକ୍କା ଦେଇଥିଲା। ଦୁର୍ଘଟଣା ଏତେ ତୀବ୍ର ଥିଲା ଯେ, ଦୁର୍ଘଟଣା ଘଟାଇଥିବା ହାଇୱାରେ ନିଆଁ ଲାଗିଯାଇଥିଲା। ଡ୍ରାଇଭର ଗାଡ଼ି ଭିତରୁ ବାହାରି ନ ପାରି ଜଳିଯାଇଥିଲେ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ଅଗ୍ନିଶମ ବାହିନୀ ଦଳ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। କାମାକ୍ଷାନଗର ପୋଲିସ ମୃତଦେହ ଜବତ କରିଛି। ଏ ନେଇ ନଂ. ୧୯୯/୨୧ରେ ମାମଲା ରୁଜୁ ହୋଇଛି। ଉଭୟ ଗାଡ଼ିକୁ ଅଟକ ରଖି ପୋଲିସ ତଦନ୍ତ କରୁଛି।

'ପୁରୁଷଙ୍କ ପାଇଁ ଘରୋଇ ହିଂସା ଆଇନ ନ ଥିବା ଦୁର୍ଭାଗ୍ୟଜନକ'

ଚେନ୍ନାଇ, ୨।୬: ଘରୋଇ ହିଂସାର ଶିକାର ହେଉଥିବା ପୁରୁଷମାନେ ସ୍ତ୍ରୀଙ୍କ ବିରୋଧରେ ଅଭିଯୋଗ ଆଣୁଛନ୍ତି। ହେଲେ ଏ ନେଇ ଆଇନ ନ ଥିବା ଦୁର୍ଭାଗ୍ୟଜନକ ବୋଲି ମାଡ୍ରାସ ହାଇକୋର୍ଟ ମଙ୍ଗଳବାର କହିଛନ୍ତି। ପ୍ରାଣୀଧନ ଚିକିତ୍ସକ ପି. ଶଶିକୁମାରଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ୍ ଏସ୍ ବୈଦ୍ୟନାଥନ୍‌ଙ୍କ ଖଣ୍ଡପୀଠ ଏହା କହିଛନ୍ତି। ୨୦୧୫ରେ ଶଶିକୁମାରଙ୍କ ସ୍ତ୍ରୀ ଘରୋଇ ହିଂସାକୁ କାରଣ ଦର୍ଶାଇ ଛାଡ଼ପତ୍ର ପାଇଁ ମହିଳା କୋର୍ଟରେ ମାମଲା କରିଥିଲେ। ଶଶିକୁମାର ମଧ୍ୟ ସ୍ତ୍ରୀ ତାଙ୍କ ପ୍ରତି କଠୋର ବ୍ୟବହାର କରୁଥିବା ଏବଂ ସ୍ୱେଚ୍ଛାକୃତ ଭାବେ ତାଙ୍କୁ ଛାଡୁଥିବା ନେଇ ପ୍ରଥମ ଅତିରିକ୍ତ ସବ୍-ଜଜ୍‌ଙ୍କ ନିକଟରେ ଅଭିଯୋଗ ଦାଖଲ କରିଥିଲେ। ଛାଡ଼ପତ୍ର ପୂର୍ବରୁ ମହିଳା ଜଣକ ଶଶିକୁମାରଙ୍କ ବିରୋଧରେ ତାଙ୍କ କାର୍ଯ୍ୟାଳୟକୁ ଘରୋଇ ହିଂସା ଅଭିଯୋଗ ପଠାଇବା ପରେ ଶଶିକୁମାରଙ୍କୁ ନିଲମ୍ବନ କରାଯାଇଥିଲା। ମହିଳା ଜଣକ ଅନାବଶ୍ୟକ ଭାବେ ଶଶିକୁମାରଙ୍କ ପାଇଁ ସମସ୍ୟା ଉପୁଜାଇଥିଲେ ବୋଲି କୋର୍ଟ କହିଛନ୍ତି। ୧୫ ଦିନ ମଧ୍ୟରେ ଶଶିକୁମାରଙ୍କ ଚାକିରିକୁ ଫେରାଇନେବାକୁ ପଶୁପାଳନ ଓ ଚିକିତ୍ସା ସେବା ନିର୍ଦ୍ଦେଶକଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

ଅନିଶ୍ଚିତତାରେ ଶ୍ରୀ ବଳଦେବଜୀଉଙ୍କ ରଥଯାତ୍ରା

**କେନ୍ଦ୍ରାପଡ଼ା

ଆଜିର ମନ୍ତବ୍ୟ

କେନ୍ଦ୍ର ସରକାର କୋଭିଡ୍ ମୃତ୍ୟୁର ପ୍ରକୃତ ସଂଖ୍ୟା ଲୁଚାଉଛନ୍ତି। ଲୋକେ ସାର୍ବଜନୀନ ମାଗଣା ଟିକା ପାଇଁ ସ୍ୱର ଉତ୍ତୋଳନ କରନ୍ତୁ।
-ରାହୁଲ ଗାନ୍ଧୀ, କଂଗ୍ରେସ ନେତା

ଜନ୍ମଦିନର ଶୁଭେଚ୍ଛା

ସୁଧାଂଶୁ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ନାବାଳିକାଙ୍କୁ ଦ୍ୱିତୀୟ ବିବାହ କରି ଯୁବକ ଗିରଫ

ଧର୍ମଶାଳା,୨୮(ଡି.ଏନ.ଏ.): ଧର୍ମଶାଳା ଥାନା ଅଧୀନ ଜାରକା ଅଞ୍ଚଳର ଜଣେ ନାବାଳିକାଙ୍କୁ ଦ୍ୱିତୀୟ ବିବାହ କରିବା ଅଭିଯୋଗରେ ପୋଲିସ୍ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଯାଜପୁର ଟାଉନ୍ ଥାନା ଅଧୀନ ଗୋପାଳପୁର ଗ୍ରାମର ରଶ୍ମିରଞ୍ଜନ ମହାପାତ୍ର। ରଶ୍ମିରଞ୍ଜନ କିଛି ବର୍ଷ ହେଲା ଜାରକା ଅଞ୍ଚଳରେ ରହି କାଠମିସ୍ତ୍ରୀ ଭାବେ କାମ କରୁଥିଲେ। ୩ବର୍ଷ ପୂର୍ବେ ତରଞ୍ଜିଆ ଗ୍ରାମରେ ବିବାହ କରିଥିଲେ। ତେବେ ଦମ୍ପତିଙ୍କ ମଧ୍ୟରେ ମନୋମାଳିନ୍ୟ ହେବାରୁ ରଶ୍ମିରଞ୍ଜନ ସ୍ତ୍ରୀଙ୍କୁ ଛାଡି ଜାରକା ନିକଟସ୍ଥ ଭଡାଘରେ ରହୁଥିଲେ। ତେବେ ଭଡାଘର ମାଲିକଙ୍କ ନାବାଳିକା ଝିଅ ସହିତ ରଶ୍ମିରଞ୍ଜନଙ୍କ ସମ୍ପର୍କ ଗଢ଼ି ଉଠିଥିଲା। ଏପରିକି ଗତ ବର୍ଷ ସେ ନାବାଳିକାଙ୍କୁ ନେଇ ଫେରାର ହୋଇଯାଇଥିଲେ। ଏ ନେଇ ନାବାଳିକାଙ୍କ ବାପା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ନଂ.-୨୨୬/୨୦ ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। ଏହାରି ଭିତରେ ନାବାଳିକା ଏବେ ସାବାଳିକ ହୋଇ ଯାଇଛନ୍ତି। ରଶ୍ମିରଞ୍ଜନ ତାଙ୍କୁ ସାଙ୍ଗରେ ନେଇ ନିକଟସ୍ଥ ଭବାନୀପୁର ପଞ୍ଚାୟତ ଚାନ୍ଦପୁର ଗ୍ରାମରେ ଏକ ଭଡା ଘରେ ରହୁଥିଲେ। ଖବର ପାଇ ଜାରକା ପୋଲିସ ବିଟ ହାଉସ ଅଧିକାରୀ ରାଜକିଶୋର ନାୟକ ସେଠାରେ ଚଢଉ କରି ରଶ୍ମିରଞ୍ଜନଙ୍କୁ ଗିରଫ କରିଥିଲେ। ଅପହୃତା ଯୁବତୀଙ୍କୁ ଉଦ୍ଧାର କରିଥିଲେ। ଉଦ୍ଧାର ଯୁବତୀଙ୍କ ୨ ମାସର ଏକ ଶିଶୁ କନ୍ୟା ରହିଥିବା ଜଣାପଡ଼ିଛି। ତେବେ ଉଭୟ ଝିଅ ଓ ମା'ଙ୍କୁ ତାଙ୍କ ପରିବାର ଲୋକ ଗ୍ରହଣ କରିବାକୁ ରାଜି ହେଉ ନ ଥିବା ସୂଚନା ମିଳିଛି। ବୁଧବାର ପୋଲିସ ଉଭୟଙ୍କ ଡାକ୍ତରୀ ମାଇନା କରାଇବା ସହ ମାଜିଷ୍ଟ୍ରେଟଙ୍କ ନିକଟରେ ଯୁବତୀଙ୍କ ବୟାନ ରେକର୍ଡ କରିଛି।

ଯୁବକଙ୍କ ମୃତ ଦେହ ଜବତ, ହତ୍ୟା ସନ୍ଦେହ

ଯାଜପୁର ସଦର,୨୮(ଡି.ଏନ.ଏ.)-ଯାଜପୁର ସଦର ଥାନା ଅନ୍ତର୍ଗତ ଦେବିଲି ପଞ୍ଚାୟତ ମହମଦାପୁର ପଡିଆରୁ ବୁଧବାର ଜଣେ ଯୁବକଙ୍କ ମୃତଦେହ ଜବତ ହୋଇଛି। ମୃତକ ହେଲେ ସେହି ଗ୍ରାମ କଣ୍ଟିଆସାହିର ବିଦ୍ୟାଧର ଖୁଣ୍ଟିଆ(୨୮)। ମଙ୍ଗଳବାର ରାତିରୁ ବିଦ୍ୟାଧର ଘରୁ ବାହାରିବା ପରେ ଆଉ ଘରକୁ ଫେରି ନ ଥିଲେ। ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କୁ ପାଇ ନ ଥିଲେ ବୋଲି ପରିବାର ଲୋକେ କହିଛନ୍ତି। ବୁଧବାର ସକାଳୁ ତାଙ୍କ ମୃତ ଦେହକୁ ଦେଖି ସ୍ଥାନୀୟ ଲୋକେ ଥାନାକୁ ଖବର ଦେଇଥିଲେ। ତେବେ ବିଦ୍ୟାଧରଙ୍କୁ କେହି ହତ୍ୟା କରି ଫିଙ୍ଗି ଦିଆଯାଇଛି ବୋଲି ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ଘଟଣା ସ୍ଥଳରେ ଯାଜପୁର ସଦର ଥାନା ଅଧିକାରୀ ପହଞ୍ଚି ଅଧିକ ତଦନ୍ତ ଆରମ୍ଭ କରିଛନ୍ତି।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

କଡାକେ ତରି କଡାକେ ମରି
କଡ଼ାଏ କଉଡ଼ି ବେଉତି ପାରିଲେ
ସୁନା କଳସରେ ଚିରାଳ ମାରି।

ଘର ସଂସାର କରିଥିଲେ ଅନେକ ଦୁଃଖ କଷ୍ଟ ସହିବାକୁ ପଡିଥାଏ। ଜଞ୍ଜାଳ କୁ ଡରି ନ ଯାଇ ଯିଏ ଦୃଢ଼ ଭାବେ ମୁକାବିଲା କରେ ସିଏ ହିଁ ସବୁ କ୍ଷେତ୍ରରେ ସଫଳ ହୋଇଥାଏ। ସ୍ୱଳ୍ପ ଆୟରେ ଯିଏ ଘର ସଂସାର ସୁରୁଖୁରୁରେ ଚଳାଇ ଦିଏ ସେ ହିଁ ପ୍ରଶଂସାର ପାତ୍ର ବୋଲାଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

କଇଁଆ ପତରେ ଛାଇଲି ଘର
ମେଘ ବରଷଇ ଦର ଦର।

କଇଁଆ ପତରରେ ଘର ଛାଆଣି କରିବା ମୂର୍ଖାମିର ପରିଚୟ ହୋଇଥାଏ। ଏପରି ଛାଆଣିରେ ଫାଙ୍କ ରହୁଥିବାରୁ ଏଥିରେ ଦିନବେଳା ସୂର୍ଯ୍ୟ ଓ ରାତିରେ ତାରା ଦେଖାଯିବା ଥୟ। ଅର୍ଥାଭାବରୁ ଏପରି ଘରଛାଆଣି କଲେ ବର୍ଷାଦିନେ ହଇରାଣ ହରକତ ହେବା ସୁନିଶ୍ଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୁଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା: ଲିଃ

classifieds Everyday 0674-2580101, 2549302

SALE

Ready to move 2BHK flat(1st floor), 1150sqft. Near Mount Litera Zee School, Kateni, Bhubaneswar. Immediate for sale. Contact- 9937162220. Price - 30Lakhs**. D-20819

Residential Plots at Nakhara (Anantapur) Dadhichi, Madanpur (Opp.) GEC, Sundarpada (Balabhadrapur), Rangabazar, Pahala. 7978209813. D-70848

Monalisa massage club : All types body massage with hiprofile smart lady rooms service available 9708545108. D-20823

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-
classifieddharitri@gmail.com

ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ସଙ୍କଟରେ ଗୋପାଳପୁରର ଟସର ଶିଳ୍ପ

ରସୁଲପୁର,୨୮(ଡି.ଏନ.ଏ.)

ରସୁଲପୁର ବ୍ଲକ ଅଧୀନ ପ୍ରଥମାଖଣ୍ଡି ପଞ୍ଚାୟତର ଗୋପାଳପୁର ଟସର ଶିଳ୍ପ ଏବେ ସଂକଟରେ। ବାତ୍ୟା, ବନ୍ୟା ଓ କରୋନା ମହାମାରୀ ଯୋଗୁ ଗୋପାଳପୁରରେ ଥିବା ହାରାହାରି ୧୦୦୦ ବୁଣାକାର ପରିବାର ହାତବାନ୍ଧି ବସିଛନ୍ତି। ସେମାନଙ୍କ ଉତ୍ପାଦିତ ଦ୍ରବ୍ୟ ବିକ୍ରି ହୋଇପାରୁ ନାହିଁ। ନୂତନ ବସ୍ତ୍ର ବୁଣିବା ପାଇଁ କଞ୍ଚାମାଲ ଉପଲବ୍ଧ ନାହିଁ। ବୁଣାକାର ପରିବାରକୁ ସମିତିଗୁଡ଼ିକ କାମ ଯୋଗାଇ ପାରୁନାହାନ୍ତି। ଫଳରେ ବୁଣାକାର ପରିବାର ନାନା ସମସ୍ୟା ଦେଇ ଗତି କରୁଛନ୍ତି। ତେଣୁ ଶତାଧିକ ବୁଣାକାର ପରିବାର ସେମାନଙ୍କ ସମସ୍ୟା ସମ୍ପର୍କରେ ଏକ ଦାବିପତ୍ର ଜରିଆରେ ମୁଖ୍ୟନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ଏଥିରେ ହସ୍ତକ୍ଷେପ ନ କଲେ ବେଉଷା ଛାଡ଼ି ବୁଣାକାରମାନେ ଦାଦନ ଖଟିବାକୁ ଯିବେ ବୋଲି ବୁଣାକାର ନେତା ମକରଧ୍ୱଜ ଗୁଇଁ, ରମେଶ ଚନ୍ଦ୍ର ଦାସ, ପ୍ରତିମା ଗୁଇଁ, ସକୁନ୍ତଳା ଚାନ୍ଦ, ମାଳତୀ ଦତ୍ତ, ଗୋବିନ୍ଦ ଦାସ, ନାରାୟଣ ଦାସ, ଦୁର୍ଯ୍ୟୋଧନ ଚାନ୍ଦ ଓ ବଳରାମ ଦାସ ପ୍ରମୁଖ ଚେତାବନୀ ଦେଇଛନ୍ତି। ସେମାନେ ଦେଇଥିବା ଦାବିପତ୍ରରେ ଉଲ୍ଲେଖ କରିଛନ୍ତି ଯେ, ୨୦୧୯ ଫନୀରେ ବୁଣାକାର ପ୍ରଭାବିତ ହୋଇଥିଲେ।

୨୦୨୦ ପ୍ରାରମ୍ଭରେ କରୋନା ମହାମାରୀ ଯୋଗୁ କାରବାର ଠପ୍ ହୋଇଗଲା। ଅଗଷ୍ଟ ୨୦୨୦ରେ ବ୍ରାହ୍ମଣୀ ନଦୀରେ ପ୍ରଳୟକାରୀ ବନ୍ୟା ଆସିବାରୁ ଗୋପାଳପୁରରେ ୨୦୦ଫୁଟ୍ ଘାଇ ହୋଇଥିଲା। ଏଥିରେ ଗୋପାଳପୁର ଓ ଚକଗୋପାଳପୁର ଗାଁ ବୁଣାକାରଙ୍କ ତନ୍ତଶାଳରେ ପାଣି ପଶି ଲକ୍ଷାଧିକ ଟଙ୍କାର କଞ୍ଚାମାଲ ଓ ବସ୍ତ୍ର ଆଦି ନଷ୍ଟ ହୋଇଥିଲା। ପ୍ରାୟତଃ ୮୦୦ ପରିବାରର ତନ୍ତଶାଳା ପ୍ରଭାବିତ ହୋଇଥିଲା। ସେତେବେଳେ ମୁଖ୍ୟମନ୍ତ୍ରୀ ବୁଣାକାର ପରିବାରଙ୍କ ଉଦ୍ଦେଶ୍ୟରେ ୫୦ କେଜି ଚାଉଳ, ୫୦୦ଟଙ୍କା ସହିତ କ୍ଷୟକ୍ଷତି ବାବଦକୁ ୪୧୦୦ଟଙ୍କା ପ୍ରଦାନ କରିବାକୁ ଘୋଷଣା କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ମୁତବାକ କ୍ଷତିଗ୍ରସ୍ତ ପରିବାରକୁ ଚାଉଳ ଓ ୫୦୦ଟଙ୍କା ମିଳିଛି। ଅର୍ଥରାଶି ମିଳି ପାରିନାହିଁ। ୪ବର୍ଷ ହେଲା ଗୋପାଳପୁରର ବୁଣାକାର ପରିବାରକୁ ନୂତନ କର୍ମଶାଳା ଯୋଗାଇ ଦିଆଯାଇ ନାହିଁ। କରୋନା ସମୟରେ ବୁଣାକାର ହିତରେ ମୁଖ୍ୟମନ୍ତ୍ରୀ ୨୫କୋଟି ଟଙ୍କାର ସ୍ୱତନ୍ତ୍ର ପାକେଜ ଘୋଷଣା କରିଥିଲେ। ଏହି ସହାୟତା ପର୍ଯ୍ୟାପ୍ତ ହେଉ ନ ଥିବାରୁ ଅନୁଦାନ ରାଶିକୁ ବୃଦ୍ଧି କରିବାକୁ ଦାବିପତ୍ରରେ ଉଲ୍ଲେଖ କରାଯାଇଛି। ବୁଣାକାରଙ୍କୁ କଳାକାର ଭାବରେ ବିବେଚନା କରାଯାଇ ୫୦ ବର୍ଷରୁ ଊର୍ଦ୍ଧ୍ୱ ବୁଣାକାର ମହିଳା ଓ ପୁରୁଷଙ୍କୁ ୧୨୦୦ ଟଙ୍କା ଭତ୍ତା ପ୍ରଦାନ କରିବାକୁ ଦାବି କରାଯାଇଛି। ସେହିପରି କଲ୍ୟାଣ ପାଣ୍ଠିରୁ ବୁଣାକାର ପରିବାରର ବିଦ୍ୟାର୍ଥୀଙ୍କୁ ମେଧାବୃତ୍ତି ଯୋଗାଇ ଦେବାକୁ ମଧ୍ୟ ଦାବିରେ ଉଲ୍ଲେଖ ରହିଛି। ହସ୍ତତନ୍ତ ଓ ହସ୍ତଶିଳ୍ପ ଉନ୍ନୟନ ବିକାଶ ପରିଷଦକୁ ପୁନଃ କାର୍ଯ୍ୟକ୍ଷମ କରିବା ସହ ପରିଷଦ ଅଧୀନରେ ଥିବା ୨୦କୋଟି ଅନୁଦାନକୁ ବୁଣାକାରଙ୍କ ହିତରେ ତୁରନ୍ତ ବିନିଯୋଗ କରିବା ଆଦି ନେଇ ଦାବିପତ୍ରରେ ଉଲ୍ଲେଖ କରାଯାଇଛି।

ପ୍ରଥମ ପୃଷ୍ଠାରୁ...

ଟିକା ନୀତି ସ୍ୱେଚ୍ଛାଚାରୀ...

ବୁଧବାର ସୁପ୍ରିମକୋର୍ଟ ୱେବ୍‌ସାଇଟ୍‌ରେ ଅପ୍‌ଲୋଡ୍ କରାଯାଇଛି। ଖଣ୍ଡପୀଠ ଏଥିରେ କହିଛନ୍ତି, ଖବର ମିଳୁଛି ଯେ ୧୮-୪୪ ବର୍ଷ ବୟସ୍କ ଲୋକେ କୋଭିଡ୍-୧୯ରେ ଆକ୍ରାନ୍ତ ହେବା ସହ ସେମାନଙ୍କ ଅବସ୍ଥା ଅତି ଗମ୍ଭୀର ହୋଇଯାଉଛି। ସେମାନଙ୍କୁ ଦୀର୍ଘ ସମୟ ଧରି ହସ୍ପିଟାଲରେ ଭର୍ତ୍ତି ହେବାକୁ ପଡୁଛି। ଏପରି କି ବହୁ କ୍ଷେତ୍ରରେ ଏଭଳି ରୋଗୀଙ୍କ ମୃତ୍ୟୁ ମଧ୍ୟ ଘଟୁଛି। ମହାମାରୀର ପରିବର୍ତ୍ତିତ ରୂପର ଭୟାବହତାକୁ ଦେଖି ଏହି ବୟସ ବର୍ଗର ଲୋକଙ୍କ ପାଇଁ ସ୍ୱତନ୍ତ୍ର ଟିକାକରଣ ନୀତି କରାଯିବାର ଆବଶ୍ୟକତା ଅନୁଭୂତ ହେଉଛି। ତେବେ ବୈଜ୍ଞାନିକ ଆଧାରରେ ବିଭିନ୍ନ ଆୟୁ ବର୍ଗର ଲୋକଙ୍କୁ ଟିକା ଦେବାରେ ପ୍ରାଥମିକତାକୁ ବଜାୟ ରଖାଯାଇପାରେ। ହେଲେ କେନ୍ଦ୍ର ପକ୍ଷରୁ ପ୍ରଥମ ଦ୍ୱିତୀୟ ପର୍ଯ୍ୟାୟରେ ମାଗଣାରେ ଟିକା ଦିଆଯିବା ଏବଂ ୧୮-୪୪ ବର୍ଷୀୟଙ୍କ ପାଇଁ ରାଜ୍ୟ ଓ ଘରୋଇ ହସ୍ପିଟାଲଗୁଡ଼ିକୁ ଭାକ୍ସିନ ପାଇଁ ଅର୍ଥ ପଇଠ କରିବା ପ୍ରଥମ ଦୃଷ୍ଟିରେ ସ୍ୱେଚ୍ଛାଚାରୀ ଓ ଅଯୌକ୍ତିକ ଭଳି ମନେହେଉଛି। ଟିକାକରଣ ପାଇଁ କେନ୍ଦ୍ରୀୟ ବଜେଟରେ ୩୫,୦୦୦ କୋଟି ଟଙ୍କା ଆବଣ୍ଟନ କରାଯାଇଥିଲା। ସେହି ଅର୍ଥରୁ ଏହି ସାବାଳକମାନଙ୍କୁ କାହିଁକି ଟିକା ଦିଆଯାଉ ନାହିଁ ବୋଲି ଖଣ୍ଡପୀଠ ପ୍ରଶ୍ନ କରିଛନ୍ତି।

ସୁପ୍ରିମକୋର୍ଟ କହିଛନ୍ତି, କେନ୍ଦ୍ର ସରକାରଙ୍କ ସମସ୍ତ ଟିକା ଅଧିଗ୍ରହଣ ନିର୍ଦ୍ଦେଶନାମା, ଭାକ୍ସିନ ଅର୍ଡରର ପରିମାଣ ଏବଂ ଯୋଗାଣ ତାରିଖ ସମ୍ପର୍କରେ ସତ୍ୟପାଠରେ ସ୍ପଷ୍ଟ ଭାବେ ଉଲ୍ଲେଖ ରହିବା ଆବଶ୍ୟକ। ସେହିପରି ମୋଟ ଜନସଂଖ୍ୟାର କେତେ ପ୍ରତିଶତଙ୍କୁ ଗୋଟିଏ ଏବଂ ଦୁଇଟି ଲେଖାଏ ଡୋଜ୍ ଦିଆଯାଇଛି ଅଦାଲତ ସେହି ତଥ୍ୟ ମାଗିଛନ୍ତି। ଦେଶର ଅବଶିଷ୍ଟ ଲୋକଙ୍କୁ କେବେ ଓ କିପରି ଭାକ୍ସିନ ଦେବା ପାଇଁ କେନ୍ଦ୍ର ସରକାରଙ୍କ ଯୋଜନା ରହିଛି, ତାହାର ମଧ୍ୟ ବିବରଣୀ ମାଗିଛନ୍ତି। ୨ ସପ୍ତାହ ପରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି ହେବାକୁ ଥିବାବେଳେ ଧାର୍ଯ୍ୟ ତାରିଖ ପୂର୍ବରୁ ଜବାବ ଦାଖଲ ପାଇଁ ଖଣ୍ଡପୀଠ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ମଧ୍ୟ ସତ୍ୟପାଠ ମାଗିଛନ୍ତି, ଯେଉଁଥିରେ ସମ୍ପୃକ୍ତ ସରକାରମାନେ ମାଗଣାରେ ଟିକା ଦେଉଛନ୍ତି କି ନାହିଁ ସ୍ପଷ୍ଟ କରିବେ।

କେନ୍ଦ୍ର ଟିକା କିଣି...

କରିବା ନେଇ ସରକାର ସଂଶୋଧନ କରିଛନ୍ତି। ଏହା ସତ୍ତ୍ୱେ ଟେଣ୍ଡର ଜରିଆରେ ଟିକା କିଣିବା ନେଇ ଉଦ୍ୟମ ସଫଳ ହେବନାହିଁ ଆଶଙ୍କା କରି ରାଜ୍ୟ ସରକାର ବୁଧବାର ଉପରୋକ୍ତ ପଦକ୍ଷେପ ନେଇଛନ୍ତି। ମୁଖ୍ୟମନ୍ତ୍ରୀମାନଙ୍କୁ ଲେଖିଥିବା ଚିଠିରେ ନବୀନ ଉଲ୍ଲେଖ କରିଛନ୍ତି ଯେ ଗତ ୧ ବର୍ଷ ହେବ କୋଭିଡ୍-୧୯ ମହାମାରୀ ବିଶ୍ୱର ସମସ୍ତ ଦେଶକୁ ପ୍ରଭାବିତ କରିଛି। ଅଧିକାଂଶ ଦେଶରେ ଏହି ମହାମାରୀର ଅନେକ ଲହର ଦେଖିବାକୁ ମିଳିଛି। ଭାରତ ମଧ୍ୟ ଏଥିରୁ ବାଦ୍ ଯାଇନାହିଁ। ଆମେ ଭୂତାଣୁର ଦୁଇଟି ଲହର ସମ୍ମୁଖୀନ ହୋଇଛୁ। ଏହି ମହାମାରୀର ଦ୍ୱିତୀୟ ଲହର ପରେ ଭବିଷ୍ୟତରେ ଆଉ କେତେ ଲହର ଆସିବ ତାହା କହିବା ମୁସ୍କିଲ। ଦେଶର ପ୍ରତ୍ୟେକ ନାଗରିକ ଏହି ମହାମାରୀ ଦ୍ୱାରା ଗଭୀର ଭାବେ ପ୍ରଭାବିତ ହୋଇଛନ୍ତି। କେହି ମୃତ୍ୟୁମୁଖରେ ପଡ଼ିଥିବା ବେଳେ କେହି ଜୀବିକା ହରାଇଛନ୍ତି। ଏହାର ପ୍ରଭାବରୁ କେହି ବର୍ତ୍ତିପାରି ନାହାନ୍ତି। ଟିକା ଦ୍ୱାରା ମହାମାରୀର ଭବିଷ୍ୟତ ଲହରରୁ ଲୋକଙ୍କୁ ରକ୍ଷା କରାଯାଇ ପାରିବ। ବିଭିନ୍ନ ଦେଶ ଟିକାକରଣ କାର୍ଯ୍ୟକ୍ରମ ଯୋଗୁ କୋଭିଡ୍ ନିୟନ୍ତ୍ରଣରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛନ୍ତି। ଯଦି ଯୁଦ୍ଧକାଳୀନଭିତ୍ତିରେ ଟିକାକରଣକୁ ପ୍ରାଧାନ୍ୟ ଦିଆଯିବ ନାହିଁ ତେବେ କୌଣସି ରାଜ୍ୟ ସୁରକ୍ଷିତ ବୋଲି କୁହାଯାଇପାରିବ ନାହିଁ।

ଚିଠିରେ ଦୁଇଟି କଥା ଉପରେ ନବୀନ ଗୁରୁତ୍ୱ ଦେଇଛନ୍ତି। ଗୋଟିଏ ହେଲା କେନ୍ଦ୍ର ସରକାର ଟିକା କିଣି ରାଜ୍ୟଗୁଡ଼ିକୁ ଯୋଗାଇବା ଆବଶ୍ୟକ ଏବଂ ଦ୍ୱିତୀୟଟି ହେଲା ଟିକାକରଣ ଯୋଜନାର ବିକେନ୍ଦ୍ରୀକରଣ ସାଙ୍ଗକୁ ଟିକାଦାନ ପଦ୍ଧତିକୁ ସରଳୀକରଣ କରି ରାଜ୍ୟକୁ ନିଷ୍ପତ୍ତି ନେବା ପାଇଁ ସୁଯୋଗ ଦେବା ଦରକାର। ଇଣ୍ଟରନେଟ୍ ସୁବିଧା ନ ଥିବାରୁ ଦୁର୍ଗମ ଓ ପାର୍ବତ୍ୟ ଅଞ୍ଚଳରେ ରହୁଥିବା ଲୋକମାନେ ଟିକା ନେବା ପାଇଁ ଅନ୍‌ଲାଇନ ପଞ୍ଜୀକରଣ କରିପାରୁ ନାହାନ୍ତି। ସେମାନଙ୍କୁ ଟିକା ଦେବା ଲାଗି ନିଜସ୍ୱ ନୀତି ଗ୍ରହଣ କରିବାକୁ ରାଜ୍ୟ ସରକାରଙ୍କୁ ଅନୁମତି ଦେବା ଆବଶ୍ୟକ। ସ୍ୱାଧୀନତା ଆନ୍ଦୋଳନ ପରେ ସମ୍ଭବତଃ କରୋନା ବିରୋଧରେ ଲଢ଼େଇ ଦେଶବାସୀଙ୍କ ପାଇଁ ଦ୍ୱିତୀୟ ସର୍ବବୃହତ୍ ସଂଘର୍ଷ ଭାବେ ଉଭା ହୋଇଛି। ଏଭଳି ଘଡ଼ିସନ୍ଧି ମୁହୂର୍ତ୍ତରେ ରାଜନୈତିକ ଓ ବ୍ୟକ୍ତିଗତ ଦ୍ୱେଷ ବିଦ୍ୱେଷରୁ ଊର୍ଦ୍ଧ୍ୱକୁ ଉଠି ସଂଘୀୟ ବ୍ୟବସ୍ଥା ଆଧାରରେ ଲୋକଙ୍କ ଜୀବନ ବଞ୍ଚାଇବା ପାଇଁ ସମସ୍ତେ ଆଗେଇ ଆସିବା ଉଚିତ ବୋଲି ନବୀନ କହିଛନ୍ତି।

୧୮ ବର୍ଷରୁ ଊର୍ଦ୍ଧ୍ୱ ବୟସ୍କଙ୍କୁ ଟିକାକରଣ କରିବା ଘୋଷଣା ପରେ ଟିକାର ଆବଶ୍ୟକତା ବଢ଼ିଛି। ଫଳରେ ଟିକାର ଚାହିଦା ମେଣ୍ଟାଇବା ପାଇଁ ବିଭିନ୍ନ ରାଜ୍ୟ ସରକାର ବିଶ୍ୱ ବଜାରରୁ ଟିକା କିଣିବା ପାଇଁ ଗ୍ଲୋବାଲ ଟେଣ୍ଡର ଆହ୍ୱାନ କରିଥିଲେ। ତେବେ ଟିକା ପ୍ରସ୍ତୁତ କରୁଥିବା ଆନ୍ତର୍ଜାତିକ ସଂସ୍ଥାମାନେ ରାଜ୍ୟ ସରକାରଙ୍କୁ ଟିକା ଯୋଗାଇବା ସକାଶେ କେନ୍ଦ୍ର ସରକାରଙ୍କ ଅନୁମତି ଓ ଗ୍ୟାରେଣ୍ଟି ଆବଶ୍ୟକ କରୁଛନ୍ତି। ଆନ୍ତର୍ଜାତିକ ସଂସ୍ଥା ସିଧାସଳଖ ରାଜ୍ୟ ସରକାରଙ୍କ ସହ ଟିକା କାରବାର କରିବାକୁ ଚାହୁଁନାହାନ୍ତି। ଅନ୍ୟପକ୍ଷରେ ଦେଶ ଭିତରେ ଥିବା ଟିକା ପ୍ରସ୍ତୁତକାରୀ ସଂସ୍ଥାଗୁଡ଼ିକ ଆବଶ୍ୟକ ପରିମାଣର ଟିକା ଯୋଗାଇବା ପାଇଁ ସମର୍ଥ ହେଉ ନାହାନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, କରୋନାରୁ ରକ୍ଷା ପାଇବାର ଏକମାତ୍ର ରାସ୍ତା ହେଉଛି ଟିକାକରଣ। ଯେଉଁ ଦେଶଗୁଡ଼ିକ ଟିକାକରଣଙ୍କୁ ଗୁରୁତ୍ୱ ଦେଉଛନ୍ତି ସେହି ଦେଶରେ କରୋନା ସ୍ଥିତିରେ ସୁଧାର ଆସିଛି। ରାଜ୍ୟ ସରକାରମାନେ ଟିକାକରଣକୁ ନେଇ ପରସ୍ପର ମଧ୍ୟରେ ପ୍ରତିଯୋଗିତା କରିବା ଅପେକ୍ଷା ଯଥାଶୀଘ୍ର କିଭଳି ସମସ୍ତଙ୍କୁ ଟିକା ମିଳିବ ସେ ଦିଗରେ ଉଦ୍ୟମ କରିବା ଆବଶ୍ୟକ ରହିଛି। ମୁଖ୍ୟମନ୍ତ୍ରୀ ସମସ୍ତ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିବା ସହ ୬ ଜଣ ମୁଖ୍ୟମନ୍ତ୍ରୀଙ୍କ ସହିତ ବ୍ୟକ୍ତିଗତ ଭାବେ ଟେଲିଫୋନ୍‌ରେ କଥା ହୋଇଛନ୍ତି। ସେମାନଙ୍କ ମଧ୍ୟରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଓ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ ମଧ୍ୟ ଅଛନ୍ତି। ନବୀନ କେନ୍ଦ୍ରକୁ ଦେଇଥିବା ପ୍ରସ୍ତାବକୁ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ସମର୍ଥନ କରିଛନ୍ତି। ଏଥିସହିତ ଟିକାକରଣ କାର୍ଯ୍ୟକ୍ରମକୁ କାର୍ଯ୍ୟକାରୀ କରିବା ଦିଗରେ କ୍ଷମତାର ବିକେନ୍ଦ୍ରୀକରଣ ନେଇ ମୁଖ୍ୟମନ୍ତ୍ରୀ ଦେଇଥିବା ପ୍ରସ୍ତାବକୁ ମଧ୍ୟ ମମତା

ମହିଳା ଶକ୍ତି ପକ୍ଷରୁ ମାସ୍କ, ରାଶନ ବଣ୍ଟନ

ବଲାଙ୍ଗୀର ଅଫିସ: ବଲାଙ୍ଗୀର ମହିଳା ଶକ୍ତି ସଙ୍ଗଠନ ପକ୍ଷରୁ ସହରର ବିଜାଖମନ୍, ରେଲୱେ ଷ୍ଟେଶନ୍, ରାଜୀବନଗର, କାମାକ୍ଷୀନଗର, ଉଦୟ ନଗର, ଠିକାଦାରପଡା ଅଞ୍ଚଳରେ ବିଧବା ମହିଳା ଓ ଗରିବ ଶ୍ରେଣୀର ନିସହାୟ ଲୋକଙ୍କୁ ମାସ୍କ ଓ ରାଶନ୍ ସାମଗ୍ରୀ ବଣ୍ଟନ କରାଯାଇଛି। କରୋନା ମହାମାରୀରେ ବହୁ ବିଧବା, ଗରିବ ଶ୍ରେଣୀର ଲୋକେ ନାହିଁନଥିବା ଅସୁବିଧା ଭୋଗ କରୁଛନ୍ତି । ଅନେକ ଲୋକ ରୋଜଗାର ହରାଇ ଚିନ୍ତାରେ ପଡିଛନ୍ତି । ଏତିକି ବେଳେ ଲକ୍‌ଡାଉନ୍ ଅବଧି ବଢ଼ି ବଢ଼ି ଚାଲିଛି । ଏଭଳି ଲୋକଙ୍କୁ ଚିହ୍ନଟ କରାଯାଇ ମହିଳା ଶକ୍ତି ପକ୍ଷରୁ ଡାଲି, ଚାଉଳ, ଆଳୁ, ପିଆଜ, ସାବୁନ୍, ମାସ୍କ, ସାନିଟାଇଜର ବଣ୍ଟନ କରାଯାଇଛି । ଗୋପାଳ ଚନ୍ଦ୍ର ମିଶ୍ର ଓ ରାକେଶ ଭୋଇଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ଚାଷୀଙ୍କ ଚିନ୍ତା ବଢ଼ାଉଛନ୍ତି ବୁଲା ଗୋରୁ

ଝାରସୁଗୁଡ଼ା ଅଫିସ,୨।୬

ଝାରସୁଗୁଡ଼ା ଜିଲାରେ ହଜରା ହଜାର ସଂଖ୍ୟାରେ ବୁଲାଗୋରୁ ଅବାଧରେ ବିଚରଣ କରୁଛନ୍ତି। ଚାଷୀମାନେ ଜଗିଲେ ମଧ୍ୟ ସେମାନଙ୍କ କବଳରୁ ଫସଲ ରକ୍ଷା କରିବା ସମ୍ଭବପର ହେଉନାହିଁ। ଏ ନେଇ କ୍ଷତିଗ୍ରସ୍ତ ଚାଷୀ ଚିନ୍ତାରେ ପଡିଛନ୍ତି। ଚାଷୀମାନେ ପଞ୍ଚାୟତ, ତହସିଲ, ବ୍ଲକ୍ ଅଫିସରେ ଅଭିଯୋଗ କଲେ ମଧ୍ୟ ସୁଫଳ ମିଳୁନାହିଁ । ଫଳରେ ସେମାନେ ଚାଷ ଛାଡିବାକୁ ବସିଲେଣି। ଏଥିପାଇଁ ଫସଲ ଉତ୍ପାଦନ ହ୍ରାସ ପାଇ ଜିଲାରେ ଖାଦ୍ୟଶସ୍ୟ ଯୋଗାଣ ଉପରେ ପ୍ରଭାବ ପକାଇବ ବୋଲି ଜିଲା କୃଷକ ସଙ୍ଗଠନ ମତ ପ୍ରକାଶ କରିଛି। ଜିଲା ପ୍ରଶାସନ ବୁଲାଗୋରୁଙ୍କୁ ନିୟନ୍ତ୍ରଣରେ ରଖିବାପାଇଁ କ୍ଷତିଗ୍ରସ୍ତ ଚାଷୀ ଓ ଜିଲା କୃଷକ ସଙ୍ଗଠନ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଦାବି କରିଛନ୍ତି। ପ୍ରତିକାର ନ କଲେ ଆଗାମୀ ଦିନରେ ଚାଷୀ ରାଜରାସ୍ତାକୁ ଓହ୍ଲାଇବା ପାଇଁ ବାଧ୍ୟହେବେ ବୋଲି ଚେତାବନୀ ଦେଇଛନ୍ତି। ଝାରସୁଗୁଡା ଜିଲାରେ ସର୍ବାଧିକ ଜଙ୍ଗଲ କିସମ ଓ ଚାଷ ଜମି ରହିଛି। ଏହିସବୁ ଜମିରେ ବିଭିନ୍ନ ପ୍ରକାର କଳକାରଖାନା ସାଙ୍ଗକୁ ଖଣିଖାଦାନ ଗଢିଉଠିଛି। ଏଥିରେ ପାଇଁ ଲୋକେ ଚାଷ ଜମି, ଜଙ୍ଗଲ ଜମି ଓ ବାସଗୃହ ଆଦି ହରାଇ ବିସ୍ଥାପିତ ହେଉଛନ୍ତି। ବିସ୍ଥାପିତ ଲୋକେ ଗାଁ ଛାଡି ଏବେ କଳକାରଖାନା କଲୋନୀ ଓ ସହରରେ ବସବାସ କରୁଛନ୍ତି। ବିସ୍ଥାପିତ ଗ୍ରାମରେ ରହୁଥିବାରୁ ସେମାନେ ଗୃହପାଳିତ ପ୍ରାଣୀ ଗୋରୁମାନଙ୍କୁ ଛାଡିଦେଉଛନ୍ତି। ଏହିସବୁ ଗୋରୁ ଅବାଧରେ ବିଚରଣ କରି ରାସ୍ତାଘାଟ ଅବରୋଧ କରିବା ସହ ଫସଲ ହାନି କରୁଛନ୍ତି। ଏଥିପାଇଁ ଅନେକ

ଇବ୍‌ଥର୍ମାଲ ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ବୁଲା ଗୋରୁ।

ପ୍ରତିକାର ନ ହେଲେ ଆନ୍ଦୋଳନ ଚେତାବନୀ

ସମୟରେ ଟ୍ରାଫିକ୍ ସମସ୍ୟା ଦେଖାଦେବା ସହ ଦୁର୍ଘଟଣା ଘଟି ଧନଜୀବନ ହାନି ଘଟୁଛି। ଏଥିରେ ଅସନ୍ତୋଷ ବ୍ୟକ୍ତକରି ସ୍ଥାନୀୟ ଲୋକେ ଗତବର୍ଷ ବୁଲା ଗୋରୁଙ୍କୁ ନେଇ ଏମ୍‌ସିଏଲ୍ ଲଖନପୁର କ୍ଷେତ୍ର କାର୍ଯ୍ୟାଳୟ ଭିତରେ ଭର୍ତ୍ତିକରି ପ୍ରତିବାଦ କରିଥିଲେ। କ୍ଷତିଗ୍ରସ୍ତ ଚାଷୀ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଜିଲାରେ ରହିଛି କୋଟିକୋଟି ଟଙ୍କାର ଜିଲା ଖଣିଜ ପାଣ୍ଠି। ଏହି ପାଣ୍ଠି ବିନିଯୋଗରେ ଜିଲାର ବିଭିନ୍ନ ଉନ୍ନୟନ କାର୍ଯ୍ୟ ହେଉଛି। ଏଥିରେ ବୁଲା ଗୋରୁଙ୍କୁ ଥଇଥାନ କରାଗଲେ ଗୋସମ୍ପଦ ରକ୍ଷା ହେବା ସହ କ୍ଷତିଗ୍ରସ୍ତ ଚାଷୀ ଉପକୃତ ହୋଇପାରନ୍ତେ।

ସଂକ୍ଷେପରେ

ବେଆଇନ ପଥର ଖନନ ବେଳେ ଚଢ଼ାଉ

ଜେସିବି ଜବତ, ଜରିମାନା ଆଦାୟ

ଗୋଲାମୁଣ୍ଡା, ୨।୬ (ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ତହସିଲ ଅଧୀନ ସୁକୁନିମୁଣ୍ଡା ନିକଟ ରାସ୍ତା ପାର୍ଶ୍ୱରେ ଏକ ଜେସିବି ସାହାଯ୍ୟରେ ବେଆଇନ ପଥର ଖନନ ବେଳେ ଅଚାନକ ତହସିଲଦାର ଚଢାଉ କରିଥିଲେ। ତହସିଲଦାର ସର୍ବେଶ୍ୱର ଜାଲଙ୍କ ନେତୃତ୍ୱରେ ଜେସିବିକୁ ଜବତ କରି ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସୂଚନାମତେ ଜେସିବି ମେସିନ୍ ସାହାଯ୍ୟରେ ସରକାରୀ ଜମିରେ ବେଆଇନ ପଥର ଖନନ ଓ ମୁରୁମ ମାଟି ଖୋଳୁଥିବା ଅଭିଯୋଗ ହୋଇଥିଲା। ଗୋଲାମୁଣ୍ଡା ରାଜସ୍ୱ ନିରୀକ୍ଷକ ହିମାଂଶୁ ଶେଖର ପଣ୍ଡା, ରାଜସ୍ୱ ପରିଦର୍ଶକ ଉଦିତ ପ୍ରତାପ ବାରିକ, ବଡଚେରଗାଁ ରାଜସ୍ୱ ନିରୀକ୍ଷକ ଜିତେନ୍ଦ୍ର କୁମାର ନାଏକ ଓ ଗୋଲାମୁଣ୍ଡା ତହସିଲଦାର ଜାଲଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରଯାଇ ଚଢ଼ାଉ କରାଯାଇଥିଲା। ଘଟଣାସ୍ଥଳରୁ ଜେସିବି ଜବତ କରି ଗୋଲାମୁଣ୍ଡା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଜେସିବି ମାଲିକଙ୍କୁ ଡକାଯାଇ ତାଙ୍କଠାରୁ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଭେଟିଲେ ବିଜେଡ଼ି ନେତା

ସୁନ୍ଦରଗଡ଼ ,୨।୬(ଡି.ଏନ୍.ଏ)

ସୁନ୍ଦରଗଡ଼ ବିଜୁ ଜନତା ଦଳ (ବିଜେଡି)ର ଏକ ପ୍ରତିନିଧି ମଣ୍ଡଳୀ ବରିଷ୍ଠ ନେତା ଜୟ ନାରାୟଣ ତ୍ରିପାଠୀ ଓ ପୂର୍ବତନ ନଗରପାଳ ବେଣଧର ତାଣ୍ଡିଆଙ୍କ ନେତୃତ୍ୱରେ ଯାଇ ବୁଧବାର ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସରୋଜ କୁମାର ମିଶ୍ରଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରିଥିଲେ। ସ୍ୱାସ୍ଥ୍ୟସେବାରେ ବର୍ତ୍ତମାନ ଦେଖା ଦେଇଥିବା ବିଭିନ୍ନ ପ୍ରକାର ଅସୁବିଧା ଓ ଏହାର ଶୀଘ୍ର ସମାଧାନ ପାଇଁ ବିଜେଡି ନେତାମାନେ ଦାବି କରିଥିଲେ। ଦାବିଗୁଡିକ ମଧ୍ୟରେ ସୁନ୍ଦରଗଡ଼ ଏନ୍‌ଟିପିସି କୋଭିଡ୍ ମେଡିକାଲରେ ଭର୍ତ୍ତିହୋଇ ଚିକିତ୍ସା ହେଉଥିବା ରୋଗୀମାନଙ୍କୁ ଠିକ୍ ସମୟରେ ଏବଂ ଠିକ ପରିମାଣର ଖାଦ୍ୟ ଦିଆଯାଉ ନ ଥିବାରୁ ଏହା ଉପରେ ପ୍ରତିନିଧି ମଣ୍ଡଳୀ ଘୋର ଅସନ୍ତୋଷ ପ୍ରକାଶ କରିବା ସହିତ ଖାଦ୍ୟ ଯୋଗାଉ ଥିବା ଯେକେହି ମଧ୍ୟ ହେଇଥାଉ ନା କାହିଁକି ଉକ୍ତ ସଂସ୍ଥା ଉପରେ ଦୃଢ ପଦକ୍ଷେପ ନେବା ପାଇଁ ଦାବି କରିଥିଲେ। ଦ୍ୱିତୀୟ ଥର ମହାମାରୀ କରୋନା ଦ୍ରୁତ ଗତିରେ ବ୍ୟାପୁଥିବା ଯୋଗୁ ତାକୁ ରୋକିବା ପାଇଁ ରାଜ୍ୟ ସରକାର ଗତ ମାର୍ଚ୍ଚ ମାସରେ ଦୈନିକ ୫୦୦ଟଙ୍କା ବେତନରେ ଏଏନ୍‌ଏମ୍‌ମାନଙ୍କୁ ନିଯୁକ୍ତି ଦେଇଥିଲେ। ଏହି ମହାମାରୀ କରୋନାରେ ନିଜ ପରିବାର ତଥା ନିଜ ଜୀବନକୁ ବାଜି ଲଗେଇ ଲୋକଙ୍କ ସେବା କରୁଥିବା ଅନେକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ଏଏନ୍‌ଏମ୍‌ମାନେ ଏବେ ଯାଏ ତାଙ୍କ ଦରମା ପାଇ ନ ଥିବାରୁ ଏହା ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଦାବି କରିଥିଲେ। ଏହା ସହିତ ଯେଉଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଏବେ ଯାଏ ଏଏନ୍‌ଏମ୍‌ମାନଙ୍କୁ ଦରମା ଦିଆ ଯାଇନି ସେହି ସ୍ୱାସ୍ଥ୍ୟକେନ୍ଦ୍ରର ଅଧିକାରୀଙ୍କୁ ଯଥାଶୀଘ୍ର ଚିଠି କରି ପ୍ରତ୍ୟେକ ଦିନ ୫୦୦ ଟଙ୍କା ହିସାବରେ ଏଏନ୍‌ଏମ୍‌ମାନଙ୍କ ବିଲ ତିଆରି କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଦାବି କରିଥିଲେ। ବର୍ତ୍ତମାନ ମହାମାରୀ କରୋନାକୁ ରୋକିବା ଲାଗି ଜିଲାର ତିନୋଟି ପୌରାଞ୍ଚଳ ଯଥା ସୁନ୍ଦରଗଡ଼, ରାଜଗାଙ୍ଗପୁର ଓ ବୀରମିତ୍ରପୁରରେ ୧୮ ବର୍ଷରୁ ୪୪ ବର୍ଷର ଯୁବ ବର୍ଗଙ୍କୁ କାହିଁକି ପ୍ରଥମ ଡୋଜ ଭେକସିନ ଟିକା ଦିଆଯାଉନି ବୋଲି ବିଜେଡି ପ୍ରତିନିଧି ମଣ୍ଡଳୀ ଅସନ୍ତୋଷ ପ୍ରକାଶ କରିବାରୁ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସଙ୍ଗେ ସଙ୍ଗେ ରାଜ୍ୟ ସ୍ୱାସ୍ଥ୍ୟସଚିବଙ୍କ ସହିତ ଫୋନରେ ଆଲୋଚନା କରି ଅତି ଶୀଘ୍ର ସୁନ୍ଦରଗଡ଼, ରାଜଗାଙ୍ଗପୁର ଓ ବୀରମିତ୍ରପୁରର ଯୁବ ବର୍ଗମାନଙ୍କୁ ପ୍ରଥମ ଡୋଜ ଭେକସିନ ଟିକା ଦେବା ଆରମ୍ଭ କରାଯିବ ବୋଲି କହିଥିଲେ। ଏହି ପ୍ରତିନିଧି ମଣ୍ଡଳୀରେ ବିଜେଡି ଜିଲା କୃଷକ ସେଲର ସମ୍ପାଦକ ସୁନୀଲ ମହାପାତ୍ର, ପ୍ରଦୀପ ବିଶ୍ୱକର୍ମା, ନିର୍ମଳ ବୋଷ, ଅନିଲ ସାହୁ, ଅନିଲ ମହାପାତ୍ର, ମୁକେଶ ପଟେଲ, ଅଭୟ କୁଲୁ, ବରୁଣ ବାଗ ଓ ମୁନ୍ନା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଜାଗା ଦେବାକୁ କହି ୧୧ଲକ୍ଷ ଟଙ୍କା ଠକେଇ

ଭୁବନେଶ୍ୱର,୨।୬(ବ୍ୟୁରୋ): ସମ୍ବଲପୁରରେ ଜମି ଦେବାକୁ କହି ଏକ ଦମ୍ପତି ୧୬ଲକ୍ଷ ଟଙ୍କା ଠକି ନେଇଥିଲେ। ଅଭିଯୋଗ ପରେ ପୋଲିସ ବୁଧବାର ଅଭିଯୁକ୍ତ ମହିଳାଙ୍କୁ ଗିରଫ କରିଥିବାବେଳେ ତାଙ୍କ ସ୍ୱାମୀ ଫେରାର ହୋଇଯାଇଛନ୍ତି। ଗିରଫ ମହିଳା ହେଲେ ବରଗଡ଼ ଜିଲା ଅମ୍ବାଭନାର ଭାରତୀ ସିଧାର। ଭାରତୀଙ୍କ ସ୍ୱାମୀ ଭୀଷ୍ମ ସିଧାରଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପୋଲିସ କହିଛି। ସୂଚନା ଅନୁଯାୟୀ, ଅଭିଯୋଗକାରିଣୀ ଜୟଶ୍ରୀ ନାୟକଙ୍କ ସ୍ୱାମୀ ଓ ଅଭିଯୁକ୍ତ ଭୀଷ୍ମ ସିଧାର ଉଭୟ ଭୁବନେଶ୍ୱରସ୍ଥିତ ସିଆର୍‌ପିଏଫରେ କାର୍ଯ୍ୟ କରନ୍ତି। ଜୟଶ୍ରୀଙ୍କ ସ୍ୱାମୀ ସମ୍ବଲପୁରରେ କାର୍ଯ୍ୟରତ ଥିବାବେଳେ ସେଠାରେ ଏକ ଜାଗା କିଣିବାକୁ ଇଚ୍ଛା କରିଥିଲେ। ଏହି ସମୟରେ ଭୀଷ୍ମ ଓ ତାଙ୍କ ସ୍ତ୍ରୀ ଭାରତୀ ସମ୍ବଲପୁରରେ ଥିବା ତାଙ୍କ ଜାଗା ବିକ୍ରି କରିବାକୁ ଚାହୁଁଛନ୍ତି ବୋଲି କହିଥିଲେ। ୨୦୧୭ରେ ଜାଗା ବିକ୍ରି କରିବା ବାବଦରେ ଅଭିଯୁକ୍ତ ଦ୍ୱୟ ଜୟଶ୍ରୀଙ୍କ ସ୍ୱାମୀଙ୍କଠାରୁ ୧୧ଲକ୍ଷ ଟଙ୍କା ନେଇଥିଲେ। ହେଲେ ଟଙ୍କା ନେବାର ଦୀର୍ଘ ୪ବର୍ଷ ପରେ ମଧ୍ୟ ସେମାନେ ଜାଗା ଦେଇ ନ ଥିଲେ। ଜୟଶ୍ରୀ ଓ ତାଙ୍କ ସ୍ୱାମୀ ବାରମ୍ବାର ଯୋଗାଯୋଗ କରିଥିଲେ ମଧ୍ୟ ସେମାନେ ଧରାଛୁଆଁ ଦେଇ ନ ଥିଲେ କି ଟଙ୍କା ଫେରସ୍ତ କରି ନ ଥିଲେ। ଏନେଇ ଜୟଶ୍ରୀ ନୂଆପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ।

ମହିଳା ଗିରଫ, ସ୍ୱାମୀ ଫେରାର

ଭଉଁରି ଯାତ୍ରାରେ ନିୟୋଜିତ ହେବେ ୫ ପ୍ଲାଟୁନ ଫୋର୍ସ

ସିଂହଦ୍ୱାର ଥାନା ସମ୍ମୁଖରେ ଆୟୋଜିତ ସମୀକ୍ଷା ବୈଠକରେ ଏସ୍‌ପି କନୱର ବିଶାଲ ସିଂ ଏବଂ ଅନ୍ୟ ଅଧିକାରୀ ।

ପୁରୀ ଅଫିସ, ୨।୬: ଅକ୍ଷୟତୃତୀୟାଠାରୁ ମହାପ୍ରଭୁଙ୍କ ଆରମ୍ଭ ହୋଇଥିବା ବାହାର ଚନ୍ଦନ ଯାତ୍ରାର ବିଂଶତମ ଦିବସକୁ ଭଉଁରି ଯାତ୍ରା କୁହାଯାଏ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଏବଂ ରଥସଂହିତା ଅନୁଯାୟୀ ଏହିଦିନ ଚକଡେରା ନୀତି ସମ୍ପନ୍ନ ହୋଇଥାଏ। ଏଣୁ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏ ନେଇ ବୁଧବାର ଏସ୍‌ପି କନୱର ବିଶାଲ ସିଂହଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ସିଂହ କହିଥିଲେ, ଚଳିତବର୍ଷ କରୋନାଜନିତ କଟକଣା କାରଣରୁ ବିନାଭକ୍ତରେ ମହାପ୍ରଭୁଙ୍କ ବାହାର ଚନ୍ଦନ ଯାତ୍ରା ଅନୁଷ୍ଠିତ ହେଉଛି। ଏହା କେବଳ ପୁରୀବାସୀ ଓ ଅଗଣିତ ଭକ୍ତଙ୍କ ସହଯୋଗ ଯୋଗୁ ହୋଇପାରିଛି। ସେହପରି ଭଉଁରି ଯାତ୍ରାରେ ମଧ୍ୟ ଲୋକଙ୍କ ସହଯୋଗ ରହିଲେ ନିଶ୍ଚିତ ଭାବେ ସୁରୁଖୁରୁରେ ନୀତିକାର୍ଯ୍ୟ ସମ୍ପନ୍ନ ହେବ ବୋଲି ଏସ୍‌ପି କହିଛନ୍ତି। ଚନନ୍ଦ ଯାତ୍ରା ଆରମ୍ଭରୁ ୪ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହୁଛନ୍ତି। ତେବେ ଭଉଁରି ଯାତ୍ରାକୁ ଦୃଷ୍ଟିରେ ରଖି ଶାନ୍ତିଶୃଙ୍ଖଳା ପାଇଁ ଆଉ ଏକ ଅଧିକ ଅର୍ଥାତ ୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ରହିବେ। ସେହିପରି ଏକ ପ୍ଲାଟୁନ ପୋଲିସ ଫୋର୍ସ ରିଜର୍ଭରେ ରହିବେ। ଅପରପକ୍ଷେ ରଥଖଳାରେ ରଥକାମ ସୁରୁଖୁରୁରେ ହେବା ପାଇଁ ବ୍ୟାରିକେଡ କରାଯାଇ ପରିସୀମା ବଢ଼ାଯିବ। ତେବେ ଯେପରି ଟ୍ରାଫିକ ସମସ୍ୟା ନ ହୁଏ, ଜରୁରିକାଳୀନ ଯାନଗୁଡ଼ିକର ଯାତାୟାତରେ ଯେପରି ଅସୁବିଧା ନ ହେବ ଏବଂ ବଡ଼ଦାଣ୍ଡର ଟ୍ରାଫିକ ବ୍ୟବସ୍ଥା ସୁଗମ ହୋଇପାରିବ ସେନେଇ ଏସ୍‌ପି ସମୀକ୍ଷା କରିଥିଲେ। ଅନ୍ୟପଟେ ଆଗାମୀ ୨୪ତାରିଖରେ ମହାପ୍ରଭୁଙ୍କ ଦେବସ୍ନାନ ପୂର୍ଣ୍ଣିମା ଅନୁଷ୍ଠିତ ହେବ। ତେଣୁ କିଭଳି ସୁରକ୍ଷା ବ୍ୟବସ୍ଥା ରହିବ ଏବଂ କେଉଁ ଅଫିସର କେଉଁ ସ୍ଥାନରେ ନିୟୋଜିତ ରହିବେ ସେନେଇ ବୈଠକରେ ଏସ୍‌ପି ସିଂହ ଆଲୋଚନା କରିଥିଲେ। ତେଣେ ପୂର୍ବବର୍ଷ ଭଳି ଏଥର ସେହି ସମାନ ପୋଲିସ ବ୍ୟବସ୍ଥା ରହିବ ବୋଲି ଏସ୍‌ପି ସୂଚନା ଦେଇଛନ୍ତି। ତେବେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଦେବସ୍ନାନ ପୂର୍ଣ୍ଣିମାକୁ ନେଇ ଏସ୍‌ଓପି ଆସିବା ପରେ ପୋଲିସ ତା'ର ଦାୟିତ୍ୱ ନିର୍ବାହ କରିବ ବୋଲି ଏସ୍‌ପି ସିଂ ସୂଚନା ଦେଇଛନ୍ତି।

ଏସ୍‌ପିଙ୍କ ସମୀକ୍ଷା ବୈଠକ

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
No.CAD-383:- **TENDER ALERT**
01)Tender Call Notice No-01/2021-22: Replacement of 90kN 245KV old Single Suspension and Double Suspension type of disc insulator strings by long rod insulators at different locations of the 220 KV Balasore-New Duburi DC line under EHT O&M Division, Balsore.
02)Tender Call Notice No.03/2021-22: Construction of office building for Store S/d Rengali at Grid S/S Rengali under EHT O&M Division Joda.
For details please visit : www.optcl.co.in. FIPR-12/2021-22
OIPR-04011/11/0019/2122

National Health Mission
Odisha State Health & Family Welfare Society
Health & FW Department, Govt. of Odisha
Annex Building of SIH & FW, Nayapalli, Unit-8, Bhubaneswar-751012
Advt. No: 12/21 Date:01.06.20201
Request for Proposal (RFP) through online for Operation & Management of Urban Primary Health Center in partnership mode under NHM
No. E-128:- Odisha State Health & Family Welfare Society invites **online application** as per the prescribed RFP document from credible entities registered under Society Registration Act/ Indian Trust Act/ Company Act./ Institutions like Medical Colleges/Hospitals run under Govt./ Public Sector/Pvt. Sector for operation & management of some **Urban Primary Health Centers** in partnership mode. The selection of Agencies are subject to the Notification of UPHC by Govt. and approval of the projects in NHM PIP 2021-22.
The eligibility criteria and detailed requirements for "Operation & Management of UPHC" are set forth in the RFP document which can be downloaded along with user manual for online application from the website: www.nhmodisha.gov.in. Interested bidders fulfilling the eligibility criteria may submit their online application & required documents as set forth in this RFP. The bidders have to submit EMD only in a sealed envelope through Speed post/Registered post/ Courier only clearly superscribing the name of the UPHC applied for management on the envelope to the CDM&PHO of the applied district on or before the last date for submission of online application mentioned in the RFP.
The interested bidders can apply online on the web link www.nhmodisha.in/ngo. The online applications complete in all respect should be submitted **latest by 22.06.2021**. Incomplete applications/applications received from the blacklisted NGOs/ Trusts will be summarily rejected. The authority reserves the right for cancellation of the Advertisement / selection / modification of guidelines for selection without assigning any reason thereof. No personal inquiry shall be entertained.
Sd./- **Mission Director, NHM & Member Secretary, OSH&FW Society**
OIPR-10084/11/0008/2122

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. 04-SBP-TRD-OT-2021-22, ତା.31.05.2021ରିଖ
କାର୍ଯ୍ୟର ନାମ : ୨୪ ଘଣ୍ଟିଆ (ଅହୋରାତ୍ର) ଉପଲବ୍ଧତା ସହିତ ଦୁଇ ବର୍ଷ ନିମନ୍ତେ ବୋଇଣ୍ଡା (BONA) ଏବଂ କଣ୍ଟାବାଞ୍ଜି (KBJ) ସ୍ଥିତ OHE ଡିପୋ ପାଇଁ SWARAJ MAZDA LIMITED SARTAJ HG 72 BS-IV 3335/EICHER 10.75 E2 PLUS 3515 କିମ୍ବା ଅନୁରୂପ ମେକ୍ ଏବଂ ମଡେଲର ପ୍ରତ୍ୟେକ 4.5 ଟନ୍ ବୋଝେଇ କ୍ଷମତା ବିଶିଷ୍ଟ ଦୁଇ ଗୋଟି ଟ୍ରକ୍ ଭଡ଼ା ସୂତ୍ରରେ ନେବା ଏବଂ ପରିଚାଳନା ।
ଆନୁମାନିକ ମୂଲ୍ୟ (ଟଙ୍କାରେ): 36,96,626.40
ଶେଷ ହେବା ଅବଧି: 730 ଦିନ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.06.2021ରିଖ 1530 ଘଟିକା ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନିଗମର ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-130/M/21-22

See Career Appointment on every Wednesday & Saturday

PANCHAYAT SAMITI, NUAPADA
DIST.- NUAPADA
BID IDENTIFICATION No. P.S., NPD/ 02/ 2021-22
No.3049// DEV / Dtd.2.6.2021
The Block Development Officer, Nuapada on behalf of Governor of Odisha invites percentage rate bids in single cover system for the construction of works as detailed in the table, from the class of eligible contractors as mentioned in column-5 (Five) registered with the State Governments and Contractors of equivalent Grade/ Class Registered with Central Government/ MES / Railways, to be eventually drawn up in PWD P-1 Agreement form, for execution of Building / Road Works. The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing of the agreement. The successful bidder is requested to produce / submit @ 2% of work value security deposit of Rs.67,000/- (Rupees Sixty seven thousand) only of the time of execution of agreement. The bidders may submit bids for the following work.

Sl. No.	Name of the work	Approximate value of work (Rs. in lakh)	Period of completion	Class of contractor	Cost of bid documents (Non-refundable) (including GST)
1	2	3	4	5	6
1	Construction of 4 Nos. Staff Quarter (Flat Type) at Nuapada Block under SFC 2020-21	3347978	6 months	B & C	7080/-

1. The sale of the bid document shall start from Dt.04.06.2021 and close on Dt.16.06.2021 at 1.30 P.M. in the office of the undersigned. Bids shall be received by this office upto 5.00 P.M. on date 16.06.2021 through Registered Post/ Speed Post only. The authority will not be held responsible for any Postal delay in delivering of the bid documents or non-receipt of the same.
2. The details bid documents will also be available in the district website http://nuapada.nic.in from 04.06.2021 to 16.06.2021.
3. Bid documents consisting of plans, specification, the schedule of quantities and the set of terms & conditions of contract and other necessary documents can be seen in the office of the undersigned during office hours everyday except on Sunday & public holidays till last date of sale and receipt of tender papers.
4. The bid will be opened on Dt.17.06.2021 at 11.30 A.M. in the office of the udnersigned in presence of the bidders or their authorized representatives.
5. The authority reserves right to reject any or all the bids without assigning any reason thereof.
Sd./- Block Development Officer, Nuapada

Sambalpur University
Institute of Information Technology (SUIIT)
Jyoti Vihar, Burla, Sambalpur, Odisha – 768019
(An Autonomous Constituent Unit of Sambalpur University

ଆମର ଏଇ ସାଧାରଣ ମାନବୀୟ ସ୍ତରରୁ ଉର୍ଦ୍ଧ୍ୱକୁ ଉଠିଥିବା ଯେ କୌଣସି ମହାନ୍ ମଣିଷ ଆମକୁ ଏହି ପ୍ରତ୍ୟୟ ଦିଅନ୍ତି ଯେ– ମଣିଷ ପକ୍ଷରେ ଏକ ଦିବ୍ୟ ଜୀବନ ବଞ୍ଚିବାର ସମ୍ଭାବନା ଅଛି। ଏବଂ ଯେକୌଣସି ମନୁଷ୍ୟ ମଧ୍ୟ ଇଚ୍ଛା ବା ସଂକଳ୍ପ କଲେ– ଦିବ୍ୟ ଆଲୋକ ଓ ଦିବ୍ୟଶକ୍ତି ପ୍ରାପ୍ତ ହୋଇପାରିବ। –ଶ୍ରୀଅରବିନ୍ଦ

ପରିବେଶକୁ କାଳ ସିନ୍ଥେଟିକ୍ କପଡ଼ା

ମାନେକା ଗାନ୍ଧୀ

ତୁମେ ଯାହା ଖାଉଛ ତାହା କେବଳ ପୃଥିବୀ ଓ ବସବାସ କରୁଥିବା ଜୀବଙ୍କ ଜୀବନ ଶେଷ କରି ଦେଉନି, ବରଂ ଯାହା ପିନ୍ଧୁଛ ସେଥିରେ ମଧ୍ୟ ଏଭଳି ବିପଦକୁ ସାମ୍ନା କରିବାକୁ ପଡୁଛି। ପ୍ରତିଥର କପଡ଼ାର ଜିନିଷ କିଣିବାବେଳେ ତୁମକୁ ଜୀବମଣ୍ଡଳ ଏବଂ ଭୂମଣ୍ଡଳ ବା ସ୍ଥଳମଣ୍ଡଳ ମଧ୍ୟରେ ପସନ୍ଦ କରିବାକୁ ପଡିଥାଏ। ଜୀବମଣ୍ଡଳ ଏକ ପ୍ରକାର କୃଷିକ୍ଷେତ୍ର, ଯେଉଁଠୁ ବିଭିନ୍ନ ଗଛରୁ ସୂତା, ଲାଇଲେନ ଓ ସିଲ୍କ ଉତ୍ପାଦନ କରାଯାଏ। ପୃଥିବୀର ସୁରକ୍ଷା ଆବରଣ ଭୂମଣ୍ଡଳରୁ ଜୀବାଶ୍ମ ଇନ୍ଧନ ଉତ୍ତୋଳନ କରାଯାଇ ତାହାକୁ ପଲିଷ୍ଟର ଭଳି ସିନ୍ଥେଟିକ କପଡ଼ାରେ ପରିଣତ କରାଯାଇଥାଏ। ସ୍ୱଷ୍ଟତଃ, ଜଣେ ସମ୍ବେଦନଶୀଳ ବ୍ୟକ୍ତି କେବଳ ପୁନଃ ଉପଯୋଗକ୍ଷମ ତଥା ଅକ୍ଷୟ ସଂସାଧନକୁ ପସନ୍ଦ କରିବ। କିନ୍ତୁ ସବୁ କପଡାର ୭୦% ଅଣ ପାରମ୍ପରିକ ଇନ୍ଧନରୁ ହିଁ ଆସିଥାଏ। ଆମେ ପ୍ଲାଷ୍ଟିକ, ନାଇଲନ, ଏର୍କିଲିକ, ପଲିଷ୍ଟର ପିନ୍ଧୁଛୁ। ଏପରି କି ଆକର୍ଷଣୀୟ ବନାରସୀ ଶାଢୀରେ ବି ଏବେ ପଲିଷ୍ଟର ମିଶିଲାଣି। ଆମେ ଫ୍ୟାଶନ ଶିଳ୍ପ ଉପରେ ଗୁରୁତ୍ୱ ଦେଉ ନାହୁଁ। ଫ୍ୟାଶନ ଶିଳ୍ପ ଯୋଗୁ ହଜାର ହଜାର ଜଙ୍ଗଲ କଟାଯାଉଛି। ଗଛରୁ ପ୍ରସ୍ତୁତ କପଡା ପାଇଁ ବାଉଁଶ, ୟୁକାଲିପଟାସ ଆଦି ଗଛ କାଟିବାକୁ ପଡେ। ପୁଣି ଗଛ ଲଗାଯାଏ ଓ ତାହାକୁ କାଟି ପୁଣି କପଡ଼ା ପ୍ରସ୍ତୁତ କରାଯାଏ। ଯଦି ସୂତା କପଡ଼ା ପାଇଁ କପାକୁ ପସନ୍ଦ କରିବ ତେବେ ଏହାଦ୍ୱାରା ବହୁତ କ୍ଷତି ହେବ। ଭାରତରେ କପା ଚାଷରେ ପ୍ରଚୁର ନେଓନିକୋଟିନୋଏଡ୍ କୀଟନାଶକ ବ୍ୟବହାର ହୋଇଥାଏ। ଏହାଯୋଗୁ ଲକ୍ଷ ଲକ୍ଷ ମହୁମାଛିଙ୍କ ଜୀବନ ଚାଲିଯାଏ ଏବଂ ଏହା ଆମ ଖାଦ୍ୟ ଭଣ୍ଡାରକୁ ବ୍ୟାପକ କ୍ଷତିକରିଥାଏ। ପଲିଷ୍ଟର କିମ୍ବା ନାଇଲନ ପାଇଁ ଅତ୍ୟଧିକ ଖଣି ଖନନ କରିବାକୁ ପଡେ ଓ ଏହାଦ୍ୱାରା ଜଙ୍ଗଲ ନଷ୍ଟ ହୋଇଥାଏ। ଏହା ସହ ଖଣି ଚାରିପାଖରେ ମାଇଲ ମାଇଲ ପର୍ଯ୍ୟନ୍ତ ପାଣି ବିଷାକ୍ତ ହୋଇଯାଏ। ପରିବେଶ ଉପଯୋଗୀ ପୋଷାକ ତଥା କୃଷି ଉତ୍ପାଦରୁ ପ୍ରସ୍ତୁତ କପଡା ପିନ୍ଧିବା ଲାଗି ପସନ୍ଦ କଲେ ମଧ୍ୟ ସେଥିରେ ରଙ୍ଗ ସମସ୍ୟା ରହିଛି। କପଡ଼ା ଜୈବିକ ସୂତାର ହୋଇପାରେ, କିନ୍ତୁ ଏହାର ରଙ୍ଗ ସିନ୍ଥେଟିକ୍, ଯାହା କୃତ୍ରିମ ଓ ରାସାୟନିକ ପ୍ରକ୍ରିୟାରେ ପ୍ରସ୍ତୁତ କରାଯାଏ। ଆମେ ପିନ୍ଧୁଥିବା ଅଧିକାଂଶ କପଡ଼ା ବା ପୋଷାକର ରଙ୍ଗ ସିନ୍ଥେଟିକ୍। ଏକ ଆକଳନରୁ ଜଣାଯାଏ ଯେ, କପଡା ଉତ୍ପାଦନ ଏବଂ ରଙ୍ଗରେ ବିଶ୍ୱରେ ଉତ୍ପାଦିତ ମୋଟ ରାସାୟନିକର ୨୫% ବ୍ୟବହାର କରାଯାଏ। କପଡ଼ାରେ ରଙ୍ଗକୁ ବାନ୍ଧିବା ପାଇଁ ଏବେ ୬୦–୭୦% ରଙ୍ଗରେ କାଡିୟମ,ମର୍କ୍ୟୁରି, ଟିନ୍, କୋବାଲ୍ଟ, ଲିଡ୍ ଏବଂ କ୍ରୋମ୍ ଭଳି ଭାରି ଧାତୁ ବ୍ୟବହାର କରାଯାଉଛି। ରଙ୍ଗ ଶିଳ୍ପରେ ପ୍ରଚୁର ପାଣି ଉପଯୋଗ ହୁଏ ଏବଂ ବଳକା ରଙ୍ଗକୁ ସଫାକରି ନଦୀକୁ ଫିଙ୍ଗି ଦିଆଯାଏ। ପ୍ରାଣୀମାନେ ଏହି ନଦୀପାଣି ପିଇ ମୃତ୍ୟୁମୁଖରେ ପଡନ୍ତି। ରାସାୟନିକ ରଙ୍ଗ ଶିଳ୍ପର କର୍ମଚାରୀମାନେ ଅନ୍ତସ୍ରାବୀ ସମସ୍ୟାର ସମ୍ମୁଖୀନ ହୋଇଥାଆନ୍ତି।

ଭାରତରେ ସବୁ ଶିଳ୍ପଠାରୁ କପଡ଼ା ଶିଳ୍ପ ସବୁଠୁ ପ୍ରଦୂଷିତ। ବିଶ୍ୱ ସ୍ତରରେ ତେଲ ପରେ କପଡା ଶିଳ୍ପ ଦ୍ୱିତୀୟ ପ୍ରଦୂଷିତ ଉତ୍ସ। ବିଶ୍ୱରେ ମୋଟ କାର୍ବନ ନିର୍ଗମନର ୧୦% ଏହି ଶିଳ୍ପରୁ ହୋଇଥାଏ। ଏହା ମଧ୍ୟ ବିଶ୍ୱର ପଞ୍ଚମ କାର୍ବନ ଡାଇଅକ୍ସାଇଡ ନିର୍ଗମନକାରୀ ଉତ୍ସ। ବିଶ୍ୱର ଶୀଷ ୩ଟି ଜଳ ନଷ୍ଟ କରୁଥିବା ଶିଳ୍ପ ମଧ୍ୟରେ ଏହା ଅନ୍ତର୍ଭୁକ୍ତ ଓ ମଧୁରଜଳ ଉତ୍ସକୁ ଭୀଷଣ ଭାବେ ପ୍ରଦୂଷିତ କରିଥାଏ। ଗୋଟିଏ ଟି–ଶାର୍ଟ ତିଆରି କରିବା ପାଇଁ ୨୬୦୦ ଲିଟର ପାଣି ଆବଶ୍ୟକ । ନ୍ୟାଶ୍‌ନାଲ ଓସେନିକ ଆଣ୍ଡ୍ ଆଟ୍‌ମୋସ୍ଫିୟରିକ ଆଡ୍‌ମିନିଷ୍ଟ୍ରେଶନର ମେରାଇନ ଡେବ୍ରିସ ପ୍ରୋଗ୍ରାମ ଅନୁଯାୟୀ, ପ୍ରତିଥର ତୁମେ ଧୋଉଥିବା ସିନ୍ଥେଟିକ୍ ଜିନିଷରୁ ପାଣିରେ କୋଟି କୋଟି ମାଇକ୍ରୋଫାଇବର ମିଶିଥାଏ। ମାଇକ୍ରୋଫାଇବର ଏକ ପ୍ରକାର ମାଇକ୍ରୋପ୍ଲାଷ୍ଟିକ। ଏହା ପ୍ଲାଷ୍ଟିକ ଆଧାରିତ ସୂତା। ଏହି ସୂତାଗୁଡ଼ିକ ଏତେ ଛୋଟ ଯେ , ତାହା ୱେଷ୍ଟ ୱାଟର ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ମାଧ୍ୟମରେ ଯାଇ ସମୁଦ୍ରରେ ମିଶିଥାଏ । ସି ପ୍ଲାଙ୍କଟନ(ସମୁଦ୍ରରେ ରହୁଥିବା ସୂକ୍ଷ୍ମ ଜୀବ) ଏହି ପ୍ଲାଷ୍ଟିକ ସୂତାକୁ ଖାଇଥାଏ । ମାଛ ପ୍ଲାଙ୍କଟନକୁ ଖାଏ ଓ ମଣିଷ ସେହି ମାଛକୁ ଖାଇଥାଏ। ଏଣୁ କପଡ଼ାରେ ଉପଯୋଗ ଏହି ପ୍ଲାଷ୍ଟିକ ସୂତା ସିଧା ପାକସ୍ଥଳୀରେ ପହଞ୍ଚିଯାଏ। ଫ୍ଲୋରିଡା ମାଇକ୍ରୋପ୍ଲାଷ୍ଟିକ ଆୱାରନେସ୍ ପ୍ରୋଜେକ୍ଟ(ଏଫ୍‌ଏମ୍‌ଏପି) ଅନୁଯାୟୀ, ଉପକୂଳ ଅଞ୍ଚଳରୁ ସଂଗୃହୀତ ପାଣି ନମୁନାର ୮୯%ରେ ଅତି କମ୍‌ରେ ଖଣ୍ଡେ ମାଇକ୍ରୋପ୍ଲାଷ୍ଟିକ ରହିଥିବା ଜଣାପଡ଼ିଛି।

କପଡ଼ା ଉତ୍ପାଦନରେ ବ୍ୟବହୃତ ସିନ୍ଥେଟିକ୍ ସୂତା ପରିବେଶର କ୍ଷତି କରିଥାଏ। ଏହାର ଉତ୍ପାଦନ ପ୍ରକ୍ରିୟାରୁ ନାଇଟ୍ରସ ଅକ୍ସାଇଡ ଏବଂ ହାଇଡ୍ରୋକ୍ଲୋରିନ ଭଳି ଏସିଡିକ୍ ଗ୍ୟାସ୍ ନିର୍ଗତ ହୋଇଥାଏ। ସାଇନ୍ସ ନ୍ୟୁଜ୍ ଗବେଷଣାରୁ ଜଣାପଡିଛି ଯେ,ବାୟୁମଣ୍ଡଳରେ ପ୍ରତିବର୍ଷ ୦.୨% ନାଇଟ୍ରସ ଅକ୍ସାଇଡ ବୃଦ୍ଧିପାଉଛି ଓ ଏହାର କିଛି ଅଂଶ ନାଇଲନ ଏବଂ ପଲିଷ୍ଟର ଉତ୍ପାଦନରୁ ଆସୁଛି। ନାଇଟ୍ରସ ଅକ୍ସାଇଡ୍ ଏକ ଗ୍ରୀନ୍ ହାଉସ୍ ଗ୍ୟାସ୍(ସବୁଜଗୃହ ଗ୍ୟାସ) ଓ କାର୍ବନ ଡାଇଅକ୍ସାଇଡଠାରୁ ଏହାର ୩୦୦ ଗୁଣ କ୍ଷତିକାରକ କ୍ଷମତା ରହିଛି। ପଲିଷ୍ଟର ଉତ୍ପାଦନରେ କପଡା ଶିଳ୍ପ ୨୦୧୫ରେ ପ୍ରାୟ ୭୦୬ ବିଲିୟନ କେ.ଜି.(୧.୫ ଟ୍ରିଲିୟନ ପାଉଣ୍ଡ)ସବୁଜଗୃହ ଗ୍ୟାସ୍ ନିର୍ଗମନ କରିଥିଲା। ଏହା ୧୮୫ ତାପଜ (କୋଇଲା ଚଳିତ) ପାୱାର ପ୍ଲାଣ୍ଟରୁ ନିର୍ଗମନ ହେଉଥିବା ସବୁଜଗୃହ ଗ୍ୟାସ୍ ସହ ପ୍ରାୟ ସମାନ। ପ୍ଲାଷ୍ଟିକ ପୋଷାକ ଆମ ତ୍ୱଚା ଏବଂ ଶ୍ୱାସନଳୀକୁ ପ୍ରଭାବିତ କରେ। ଏହା ମଧ୍ୟ ପୁରୁଷଙ୍କ ପ୍ରଜନନ କ୍ଷମତା ହ୍ରାସ କରେ। ଉକ୍ତ କପଡ଼ାରେ ଥିବା କ୍ୟାନ୍‌ସର ସୃଷ୍ଟିକାରୀ ଫର୍ମାଲଡିହାଇଡ୍ ଯୋଗୁ ସ୍କିନ ଆଲର୍ଜି, ଆଖିରୁ ପାଣି ବାହାରିବା ସମସ୍ୟା ଦେଖାଦିଏ। ଟିଟାନିୟମ ଅକ୍ସାଇଡ, ବେରିୟମ ସଲ୍‌ଫେଟ ହାଇପର ସ୍କିନ ପିଗମେଣ୍ଟେସନ, ଡର୍ମାଟିଟିସ୍ ଏବଂ କେନ୍ଦ୍ର ସ୍ନାୟବିକ ପ୍ରକ୍ରିୟାକୁ ପ୍ରଭାବିତ କରେ। ଏହା ଯୋଗୁ ମୁଣ୍ଡବିନ୍ଧା ଏବଂ ମେରୁଦଣ୍ଡ ଯନ୍ତ୍ରଣା ଦେଖାଦିଏ। ଏଥିରୁ ମୁକ୍ତି ପାଇବାକୁ ହେଲେ ଗ୍ରୀନ୍ କୁହାଯାଉଥିବା ନାଇଲନ, ପଲିଷ୍ଟର,ଲିକ୍ରା,ଆର୍କିଲିକ୍ ପୋଷାକ କିଣନ୍ତୁ ନାହିଁ । ଅପ୍‌ସାଇକ୍ଲିଡ ପ୍ଲାଷ୍ଟିକ ଫ୍ୟାଶନ ବ୍ରାଣ୍ଡରୁ ଦୂରେଇ ରୁହନ୍ତୁ। ମନୁଷ୍ୟକୃତ ସିନ୍ଥେଟିକ୍ ପୋଷାକ ବ୍ୟବହାର ବନ୍ଦ କଲେ ତାହା ମାଇନିଂ କମାଇବା ସହ ଜଙ୍ଗଲର ସୁରକ୍ଷା କରିବ। ପ୍ରଚୁର ପେଟ୍ରୋଲିୟମ ବଞ୍ଚିପାରିବ। ଆଂଶିକ ସିନ୍ଥେଟିକ ରେୟୋନ ଗଛର ସେଲୁଲୋଜ(ଏକପ୍ରକାର ପ୍ରାକୃତିକ ପଦାର୍ଥ)ରୁ ପ୍ରସ୍ତୁତ ହେଉଥିଲେ ମଧ୍ୟ କପଡ଼ା କୃତ୍ରିମ ଉପାୟରେ ତିଆରି କରାଯାଏ। ରେୟୋନ ପାଇଁ ବ୍ୟାପକ ଜଙ୍ଗଲ ନଷ୍ଟ କରାଯାଏ। ଏଥରୁ ସଂରକ୍ଷିତ ଜଙ୍ଗଲ ମଧ୍ୟ ବାଦ୍ ପଡେନି। ରେୟୋନ ଯୋଗୁ ବହୁ ପ୍ରଜାତିର ଜୀବ ଏବେ ବିଲୁପ୍ତିର ଦ୍ୱାର ଦେଶରେ। ଅଧିକ ପୋଷାକ କିଣ ନାହିଁ କି ବାହାରେ ଫିଙ୍ଗି ଦିଅନାହିଁ। ନିକଟରେ ମ୍ୟାକ୍‌ଆର୍ଥର ଫାଉଣ୍ଡେଶନ ଦ୍ୱାରା କରାଯାଇଥିବା ଏକ ଗବେଷଣାରୁ ଜଣାପଡିଛି ଯେ, ପ୍ରତି ସେକେଣ୍ଡରେ ଗୋଟିଏ ଟ୍ରକ କପଡା ବର୍ଜ୍ୟ ନଷ୍ଟ କରାଯାଉଛି। କୋପେନହାଗେନ ଫ୍ୟାଶନ ସମିଟ ପ୍ରକାଶ କରିଛି ଯେ, ଫ୍ୟାଶନ ଯୋଗୁ ପ୍ରତିବର୍ଷ ୯୨ ମିଲିୟନ ଟନ୍ କଠିନ ବର୍ଜ୍ୟ ଭୂପୃଷ୍ଠରେ ଠୁଳ ହୋଇ ରହୁଛି। ସିନ୍ଥେଟିକ କପଡା ବା ସୂତା ବିଘଟନ ହେବା ପାଇଁ ୨୦୦ ବର୍ଷ ଲାଗିଯାଏ। ପ୍ରତିବର୍ଷ ୧ ମିଲିୟନ ଟନ୍‌ରୁ ଅଧିକ କପଡା ବାହାରେ ଫିଙ୍ଗି ଦିଆଯାଉଛି। ପ୍ରତିବର୍ଷ ୧୫୦ ବିଲିୟନ ପୋଷାକ ତିଆରି କରାଯାଉଛି , ପ୍ରତ୍ୟେକ ବ୍ୟକ୍ତି ପାଇଁ ୨୦ଟି ନୂଆ ପୋଷାକ ପ୍ରସ୍ତୁତ ହେଉଛି। ୧୯୯୯ରୁ ୨୦୦୯ ଅବ୍ୟବହୃତ କପଡା ପରିମାଣ ୪୦% ବୃଦ୍ଧିପାଇଛି।

ପାଇନାପଲ୍ ଲେଦର ଭଳି କପଡା ପସନ୍ଦ କରନ୍ତୁ। ପ୍ଲାଣ୍ଟ କିମ୍ବା ଫ୍ରୁଟ୍‌ସ ଲେଦର ବର୍ଜ୍ୟରୁ ପ୍ରସ୍ତୁତ କରାଯିବା ଏବେ ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି। ଫିଲିପାଇନ୍ସରେ ମିଳୁଥିବା ଏକ ପ୍ରକାର ସପୁରି ପତ୍ରରୁ ପିନାଟେକ୍ସ (ଏକ ପ୍ରକାର କପଡ଼ା) ତିଆରି ହେଉଛି। ଏହା ପାରମ୍ପରିକ ପଦ୍ଧତିରେ ପ୍ରସ୍ତୁତ ଲେଦରଠାରୁ ଅଧିକ ସ୍ଥାୟୀ ଓ ମଜଭୁତ । ଏଥିପାଇଁ କମ୍ ପାଣି ଆବଶ୍ୟକ। ପ୍ରାଣୀମାନଙ୍କୁ ପରିବେଶଗତ କ୍ଷତି ପହଞ୍ଚାଇବା ଭଳି ରାସାୟନିକ ପଦାର୍ଥ ଏଥିରେ ନାହିଁ। ବର୍ଜ୍ୟଭାବେ ବଳିପଡୁଥିବା ପତ୍ରକୁ ଖତ କିମ୍ବା ବାୟୋମସ ଭାବେ ବି ଉପଯୋଗ କରାଯାଉଛି। ସୋୟ ଫାବ୍ରିକ ଏକ ପ୍ରକାର ପରିବେଶ ଉପଯୋଗୀ କପଡ଼ା ଯାହା ସୋୟାବିନର ଚୋପାରୁ ପ୍ରସ୍ତୁତ ହେଉଛି। ଏହା ସହଜରେ ମାଟିରେ ମିଶିପାରୁଛି। ଏଣୁ ଜୈବିକ ସୂତା ଓ ଜୈବିକ ରଙ୍ଗର ପୋଷାକ କିଣନ୍ତୁ ଓ ପୃଥିବୀ ତଥା ପରିବେଶର ସୁରକ୍ଷା କରନ୍ତୁ।

Email: gandhim@nic.in

ବୈଦେଶିକ ମୁଦ୍ରା



ନିମାଇଁ ଚରଣ ଲେଙ୍କା

ମନୁଷ୍ୟ ଯେତେ ପାପକର୍ମ କରି ଧନ ସମ୍ପତ୍ତି ଅର୍ଜନ କରିଥାଏ, ମୃତ୍ୟୁ ପରେ କିଛି ବି ସାଙ୍ଗରେ ନେଇପାରେନାହିଁ। କେବଳ ପାପକର୍ମର ଫଳ ହିଁ ସାଥିରେ ଯାଏ। ଠିକ୍ ଏହିପରି ଏକ ଅଜବ ଚିନ୍ତା ଜୁଟିଥିଲା ଆଧୁନିକ ଯୁଗରେ, ଦେଶ ବିଦେଶରେ ବ୍ୟବସାୟ କରୁଥିବା ଜଣେ କୋଟିପତି ବ୍ୟବସାୟୀଙ୍କ ମୁଣ୍ଡରେ। ସେ ଏପରି ଜଣେ ଜ୍ଞାନୀପୁରୁଷଙ୍କ ସନ୍ଧାନରେ ଥିଲେ, ଯିଏ ତାଙ୍କୁ ତାଙ୍କର ସମସ୍ତ ଧନ ସମ୍ପତ୍ତିକୁ ମୃତ୍ୟୁ ପରେ ସାଙ୍ଗରେ ନେଇପାରିବାର ମାର୍ଗ ସମ୍ପର୍କରେ ପରାମର୍ଶ ଦେଇପାରିବେ। ଚାରିଆଡୁ ହତାଶ ହେବାର କିଛିଦିନ ପରେ ଜଣେ ସାଧୁ ତାଙ୍କୁ ସଠିକ୍ ମାର୍ଗ ଜଣାଇ ଦେବେ ବୋଲି କହି ତାଙ୍କର ଆତିଥ୍ୟ ଗ୍ରହଣ କଲେ। ବ୍ୟବସାୟୀ ଅତିଥି ସତ୍କାର କରି ତାଙ୍କୁ ସେହି ମାର୍ଗଟି ଜଣାଇବା ପାଇଁ ଅନୁରୋଧ କଲେ। ସାଧୁ ତାଙ୍କୁ ପ୍ରଶ୍ନକଲେ– ଆପଣ ତ ବିଦେଶରେ ବ୍ୟବସାୟ କରୁଛନ୍ତି। ଆମ ଦେଶର ମୁଦ୍ରା(ଟଙ୍କା) ତ ସେଠାରେ ଚଳୁନଥିବ। ତେବେ କପର ଏହାର ଆଦାନପ୍ରଦାନ କରନ୍ତି? ବ୍ୟବସାୟୀ କହିଲେ– ବାବା! ବିଭିନ୍ନ ଦେଶରେ ବିଭିନ୍ନ ମୁଦ୍ରାର ପ୍ରଚଳନ ଅଛି। ତେଣୁ ଆମ ଦେଶ ମୁଦ୍ରାର ମୂଲ୍ୟ ଅନୁପାତରେ ସେ ଦେଶର ମୁଦ୍ରା (ଡଲାର, ପାଉଣ୍ଡ, ରୁବଲ, ୟେନ ଆଦି)ର ମୂଲ୍ୟ ଯାହାହୁଏ, ସେହି ହିସାବରେ ବ୍ୟବସାୟ ଚାଲେ। ସାଧୁ କହିଲେ– ପ୍ରତ୍ୟେକ ଦେଶର ଯେପରି ନିଜସ୍ୱ ପ୍ରଚଳିତ ମୁଦ୍ରା ଥାଏ, ଠିକ୍ ସେହିପରି ମୃତ୍ୟୁ ପରେ ଆପଣ ଯେଉଁ ଦେଶ (ପରଲୋକ)କୁ ଯିବେ, ସେଠାରେ ମଧ୍ୟ ନିଜସ୍ୱ ମୁଦ୍ରା ପ୍ରଚଳନର ବ୍ୟବସ୍ଥା ଅଛି। ସେହି ମୁଦ୍ରାର ନାମ ହେଉଛି 'ସତ୍‌କର୍ମ'। ଆପଣ ସେଠାକୁ ଶହେ କୋଟି ଟଙ୍କା ନେଲେ ମଧ୍ୟ ସେଠାରେ ଚଳିବ ନାହିଁ। କିନ୍ତୁ ସେହି ମୂଲ୍ୟର 'ସତ୍‌କର୍ମ' ସାଥିରେ ନେଲେ ସେଠାରେ ଆପଣଙ୍କୁ ସମ୍ମାନ ଦିଆଯାଇ ଏକ ଉଚ୍ଚତର ଶ୍ରେଷ୍ଠଜୀବନ (ଜନ୍ମ) ପାଇଁ ନିର୍ଦ୍ଦେଶ ମିଳିବ। ନଚେତ୍ ଯଦି ଏଠାରେ 'ଅସତ୍ ବା ପାପକର୍ମ' କରିଥାଆନ୍ତି, ସେଠାରେ ଅପରାଧୀ ଭାବେ ଭୟଙ୍କର ଦଣ୍ଡ ଦିଆଯାଇ ଘୋର ଅନ୍ଧକାରପୂର୍ଣ୍ଣ କାଳକୋଠରି (ପ୍ରେତଜଗତ) ମଧ୍ୟକୁ ନିକ୍ଷେପ କରାଯିବ ଏବଂ ଦଣ୍ଡ ଭୋଗ ପରେ ଏକ ନୀଚ ଜନ୍ମ ପାଇଁ ନିର୍ଦ୍ଦେଶ ମିଳିବ। ତେଣୁ ଯଦି ଆପଣ ସମସ୍ତ ଧନ, ସମ୍ପତ୍ତିକୁ ମୃତ୍ୟୁ ପରେ ସାଥିରେ ନେବାକୁ ଚାହୁଁଆଆନ୍ତି, ତେବେ ସେ ସବୁର ମୂଲ୍ୟ ଅନୁପାତରେ 'ସତ୍‌କର୍ମ' କରିଯାଆନ୍ତୁ। ସାଧୁଙ୍କର ଏହି ଉପଦେଶରେ ବ୍ୟବସାୟୀଙ୍କର ଜ୍ଞାନୋଦୟ ହେଲା ଏବଂ ସେ ନିଷ୍କାମ ଭାବେ 'ସତ୍‌କର୍ମ' କରିବା ପାଇଁ ଜୀବନକୁ ସମର୍ପିତ କରିଦେଲେ।

ମୃତ୍ୟୁହେଲେ 'ସ୍ୱଭାବ' ସାଥିରେ ଯିବ, 'ଧନ' ନୁହେଁ। କିନ୍ତୁ ମନୁଷ୍ୟ 'ସ୍ୱଭାବ' ଖରାପ କରି ଧନ ସଂଗ୍ରହ କରିବାରେ ଲାଗିଛି। ତେଣୁ ଧନକୁ ଶ୍ରେଷ୍ଠ ଭାବିବା ବୁଦ୍ଧିଭ୍ରଷ୍ଟ ହେବାର ଲକ୍ଷଣ। ଏବେ ଯେଉଁ ଧନ ମିଳିଛି, ତାହା ବର୍ତ୍ତମାନ କର୍ମର ଫଳନୁହେଁ,' ପ୍ରାରବ୍ଧ (ଅତୀତ)ର ଫଳ। ବର୍ତ୍ତମାନ କାଳରେ ଧନ ପାଇଁ ଯେଉଁ ମିଥ୍ୟା, କପଟତା ଓ ଦୁର୍ନୀତି ଆଦି କରାଯାଉଛି, ତା'ର ଫଳ(ଦଣ୍ଡ) ଭବିଷ୍ୟତରେ ହିଁ ମିଳିବ। ଅନ୍ୟାୟ ଉପାୟରେ ଉପାର୍ଜିତ ଧନ ଯେ ଆମ କାମରେ ଆସିବ, ସେଥିପାଇଁ କିଛି ନିଶ୍ଚୟତା ନାହିଁ, ନିଶ୍ଚୟତା ଅଛି ଦଣ୍ଡ ଭୋଗିବାରେ। ତେଣୁ ନିଜ ଦୁଃଖ ଦୂର କରିବା ପାଇଁ ଆମେ ଯେପରି ଧନ ଖର୍ଚ୍ଚ କରୁ, ଅନ୍ୟ ପାଇଁ ସେପରି ଖର୍ଚ୍ଚ କରିବାକୁ ହେବ। ତେବେ ଯାଇ ଆମେ ଧନ ରଖିବାର ଯୋଗ୍ୟାଧିକାରୀ ହୋଇପାରିବା। ଧନ ମିଳିଗଲେ ବ୍ୟକ୍ତି ସ୍ୱାଧୀନ ହୋଇଯାଏ ନାହିଁ, ବରଂ ଧନର ଅଧୀନ (ପରାଧୀନ) ହୋଇଯାଏ। କାରଣ ଧନ ମଧ୍ୟ ପର। ଧନ କାହାକୁ ଧାର୍ମିକ କରାଏ ନାହିଁ, ବରଂ ଏହାର 'ଦାସ' ହୋଇଗଲେ ନିଜର ପତନ ଘଟାଏ। ଧନ ଅର୍ଜନ କରି କାହାର ଦାରିଦ୍ର୍ୟ ଦୂର ହୁଏନାହିଁ କିମ୍ବା କେହି 'ଶେଠ' ହୁଏନାହିଁ, ବରଂ ଏହାକୁ ଅର୍ଜନ କରିବାର ଉତ୍କଟ ଇଚ୍ଛା ଛାଡ଼ିଦେଲେ ଦାରିଦ୍ର୍ୟ ଦୂରହୁଏ।

ଧର୍ମ ପାଇଁ ଧନ ନୁହେଁ, ମନ ହିଁ ଦରକାର। ଧନ ଥାଇ ମନୁଷ୍ୟ ସାଧୁ ହୋଇପାରେ, କିନ୍ତୁ 'ଧନର ଲାଳସା' ଥାଇ କେହି ସାଧୁ ହୋଇ ପାରିଛନ୍ତି କି? ମନୁଷ୍ୟର ସମ୍ମାନ ଧନ ବୃଦ୍ଧି ହେଲେ ବଢ଼େ ନାହିଁ, ଧର୍ମ ବୃଦ୍ଧି ହେଲେ ବଢ଼େ। ଧନଠାରୁ ବସ୍ତୁଶ୍ରେଷ୍ଠ, ବସ୍ତୁଠାରୁ ମନୁଷ୍ୟ, ମନୁଷ୍ୟଠାରୁ ବିବେକ ଏବଂ ବିବେକଠାରୁ ସତ୍–ତତ୍ତ୍ୱ (ପରମାତ୍ମା) ଶ୍ରେଷ୍ଠ। ମନୁଷ୍ୟଜନ୍ମ ସେହି ପରମାତ୍ମା ତତ୍ତ୍ୱକୁ ଉପଲବ୍ଧି କରିବା ପାଇଁ ହିଁ ମିଳିଛି। ସଂସାରର ସମସ୍ତ ସମ୍ବନ୍ଧ 'ଋଣାନୁବନ୍ଧ' । ଏହି ଋଣରୁ ମୁକ୍ତ ହେବାର ଉପାୟ ହେଲା, ସମସ୍ତଙ୍କର ସେବାକରିବା ଓ କାହାଠାରୁ କିଛି ପାଇବାକୁ ନ ଚାହିଁବା। ତା'ହେଲେ ଯାଇ ଆମେ ଆମର ସମସ୍ତ ଧନ, ସମ୍ପତ୍ତି ମୂଲ୍ୟ ଅନୁପାତରେ 'ସତ୍‌କର୍ମ' ରୂପକ ବୈଦେଶିକ ମୁଦ୍ରା ଅର୍ଜନ କରି ଅନ୍ତିମ ସମୟରେ ସାଥିରେ ନେଇଯାଇପାରିବା।

ମୋ: ୯୨୩୮୬୧୫୪୭୮

ଏଇ ଭାରତରେ

ହିମାଳୟରେ ବର୍ଦ୍ଧିତ ପ୍ରଦୂଷିତ ପରବେଶକୁ ସୁଧାରିବା ଲାଗି ଭାରତୀୟ ବନ ସେବା ଅଧିକାରୀ ଐଶ୍ୱର୍ଯ୍ୟା ରାଜ୍‌ଙ୍କ ପ୍ରୟାସ ବେଶ୍ ପ୍ରଶଂସନୀୟ। ସେ ହିମାଚଳପ୍ରଦେଶର ପାର୍ବତୀ ଡିଭିଜନରେ ଉପ ବନ ସଂରକ୍ଷକ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। କାସୋଲ ଠାରୁ ୪୦ କି.ମି. ଦୂର ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ପାର୍ବତୀ ଭ୍ୟାଲିରେ ବର୍ଜ୍ୟ ଠୁଳ ହେଉଥିବା ୨.୫ ଏକର ଜାଗାକୁ ସଫା କରି ସେଠାରେ ଐଶ୍ୱର୍ଯ୍ୟା ୪୦୦ ପ୍ରଜାତିର ଦେଶୀ ଗଛ ଲଗାଇ ତାହାକୁ ଏକ ସବୁଜ ଅଞ୍ଚଳ କରିପାରିଛନ୍ତି। ଏହି ଅଞ୍ଚଳଟି ଏବେ ବହୁ ପ୍ରଜାତିର ହିମାଲୟାନ ପକ୍ଷୀଙ୍କର ବାସସ୍ଥଳୀ ପାଲଟିଛି। ହିମାଚଳପ୍ରଦେଶ ପ୍ରତିଷ୍ଠା ଦିବସ ଉପଲକ୍ଷେ ରାଜ୍ୟ ସରକାର ସ୍ୱର୍ଣ୍ଣିମ ବାଟିକା ଅଭିଯାନ ଘୋଷଣା କରାଯିବା ପରେ ଐଶ୍ୱର୍ଯ୍ୟା ସେଥିରୁ ପାଣ୍ଠି ଯୋଗାଡ଼ କରି ଏହି କାର୍ଯ୍ୟ ସମ୍ପୂର୍ଣ୍ଣ କରିଛନ୍ତି। ଅଳିଆଗଦାରୁ ଜୈବିକ ବର୍ଜ୍ୟ ସଂଗ୍ରହ କରି ସେଥିରୁ ଜଆଖତ ପ୍ରସ୍ତୁତ କରିବା ସହ ଅନ୍ୟ ବର୍ଜ୍ୟଗୁଡ଼କୁ ବର୍ଜ୍ୟ ପ୍ରକ୍ରୟାକରଣ କେନ୍ଦ୍ରକୁ ପଠାଇଛନ୍ତି। ଏବେ ଭ୍ୟାଲିରୁ ଯେଉଁ ବର୍ଜ୍ୟ ସଂଗ

ହାତୀପଦର ଗାଁ କଣ୍ଟେନ୍‌ମେଣ୍ଟ ଜୋନ୍

ମୁନିଗୁଡ଼ା,(ଡି.ଏନ୍.ଏ.)-ରାୟଗଡ଼ା ଜିଲାରୁ ବୁଧବାର ୨୯୨ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏଥିରେ ମୁନିଗୁଡ଼ା ବ୍ଲକ୍ ଅଞ୍ଚଳରୁ ସର୍ବାଧିକ ୯୦ ଜଣ ରହିଛନ୍ତି। ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଏହାମଧ୍ୟରୁ କେବଳ ଶିବପଦର ପଞ୍ଚାୟତର ହାତୀପଦର ଗାଁରୁ ୫୪ ଜଣ ସଂକ୍ରମିତ ରହିଛନ୍ତି। ଉକ୍ତ ଗାଁରୁ ୯୯ ଜଣଙ୍କ ସ୍ୱାବ୍ ପରୀକ୍ଷା ପାଇଁ ଯାଇଥିଲା। ଏହା ଜଣାପଡ଼ିବା ପରେ ପ୍ରଶାସନ ପକ୍ଷରୁ ଗାଁକୁ କଣ୍ଟେଟମେଣ୍ଟ ଜୋନ୍ ଘୋଷଣା କରାଯାଇଛି। ମୁନିଗୁଡ଼ା ବିଡିଓ, ତହସିଲଦାର ଓ ପୋଲିସ ଏସ୍‌ଡିପିଓ ପହଞ୍ଚି ଗାଁରେ ପରିସ୍ଥିତି ଅନୁଧ୍ୟାନ କରିଛନ୍ତି। ମେଡିକାଲ ଟିମ୍ ଯାଇ ସଂକ୍ରମିତଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଔଷଧ ଦେଇଥିବା ଜଣାପଡ଼ିଛି।

ଅନିର୍ଦ୍ଦିଷ୍ଟ କାଳ ଯାଏ ଅପ୍‌ରୋଡ ରହିଲା ବସ୍

କୋଭିଡ୍-୧୯ ଦ୍ୱିତୀୟ ଲହର

- ବିପର୍ଯ୍ୟସ୍ତ ବସ୍ ସେବା
- ଜୁନ୍‌ରୁ ଅଗଷ୍ଟ ଯାଏ ଟିକସ, ସ୍ୱତନ୍ତ୍ର ପ୍ୟାକେଜ ଘୋଷଣା କରିବାକୁ ସଂଘର ଦାବି

ଭୁବନେଶ୍ୱର,୨।୬(ବ୍ୟୁରୋ)

କୋଭିଡ୍-୧୯ ମହାମାରୀ ଦ୍ୱିତୀୟ ଲହରରେ ଯାତ୍ରୀ ପରିବହନ ସେବା ଗୁରୁତର ଭାବେ ପ୍ରଭାବିତ ହୋଇଛି। ବିଶେଷକରି ଯାତ୍ରୀବାହୀ ବସ୍‌ଗୁଡ଼ିକ ବହୁମାତ୍ରାରେ କ୍ଷତିଗ୍ରସ୍ତ ହୋଇଛନ୍ତି। ଲକ୍‌ଡାଉନ, ଶଟ୍‌ଡାଉନ, ତେଲଦର ବୃଦ୍ଧି, ଯାତ୍ରୀସଂଖ୍ୟା ହ୍ରାସ ଆଦି ସମସ୍ୟା ନେଇ ରାଜ୍ୟର ୧୪ ହଜାର ବସ୍ ଅନିର୍ଦ୍ଦିଷ୍ଟ କାଳ ଲାଗି ଅପ୍‌ରୋଡ କରାଯାଇଛି ବୋଲି ରାଜ୍ୟ ବସ୍ ମାଲିକ ସଂଘ ପକ୍ଷରୁ ଘୋଷଣା କରାଯାଇଛି।

କୋଭିଡ୍ ପ୍ରଥମ ଲହର ପରେ ବସ୍ ସେବା ସ୍ୱାଭାବିକ ହେବା ପୂର୍ବରୁ ଦ୍ୱିତୀୟ ଲହରର ଶକ୍ତ ଧକ୍କା ଦେଇଛି। ରାଜ୍ୟର ଆର୍ଥିକ ଓ ନିଯୁକ୍ତି କ୍ଷେତ୍ରକୁ ଗୁରୁତ୍ୱ ଦେଇ ରାଜ୍ୟ ଓ କେନ୍ଦ୍ର ସରକାର ସ୍ୱତନ୍ତ୍ର ଭାବେ ରାଜ୍ୟ ପରିବହନ ଶିଳ୍ପକୁ ଗୁରୁତ୍ୱ ଦେବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି। ବାସ୍ତବ ସ୍ଥିତିକୁ ଅନୁଧ୍ୟାନ କରି ପରିବହନ ଶିଳ୍ପକୁ ବଞ୍ଚାଇବା ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ, ପ୍ରଧାନମନ୍ତ୍ରୀ ଓ ରାଜ୍ୟ ମୁଖ୍ୟମନ୍ତ୍ରୀ ତୁରନ୍ତ ପଦକ୍ଷେପ ନେବାକୁ ସଂଘ ନିବେଦନ କରିଛି। ରାଜ୍ୟ ସରକାର ମୋଟର ଯାନ ଟିକସ ଛାଡ଼ କରିଛନ୍ତି। କରୋନା ସ୍ଥିତି କେତେବେଳେ ସ୍ୱାଭାବିକ ହେବ ତାହା ଅନିଶ୍ଚିତତା ମଧ୍ୟରେ ଗତି କରୁଛି। ଏହାକୁ ଦୃଷ୍ଟିରେ ରଖି ବସ୍ ମାଲିକମାନେ ସମସ୍ତ ବସ୍‌କୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ବନ୍ଦ କରିଛନ୍ତି ବୋଲି ସଂଘ ମୁଖପାତ୍ର ଦେବାଶିଷ ନାୟକ କହିଛନ୍ତି। ଲକ୍‌ଡାଉନ ଉଠିବା ପରେ ବସ୍‌ଗୁଡ଼ିକରେ ଆବଶ୍ୟକ ସଂଖ୍ୟକ ଯାତ୍ରୀ ହେବେ କି ନାହିଁ ତାହା ଆଶଙ୍କା ଭିତରେ ରହିଛି। ଏଥିସହିତ କ୍ରମାଗତ ଡିଜେଲ ଦର ବୃଦ୍ଧି ବୋଝ ଉପରେ ନଳିତବିଡ଼ା ହୋଇଛି। ବସ୍ ଚଳାଚଳ ଜାରି ରଖିଲେ ଦୈନିକ ୧୦ ହଜାର ଟଙ୍କା କ୍ଷତି ହେବାର ସମ୍ଭାବନା ରହିଛି। ଏସବୁକୁ ଦୃଷ୍ଟିରେ ରଖି ଚଳିତ ଜୁନ୍‌ରୁ ଅଗଷ୍ଟ ଯାଏ ଟିକସ ଛାଡ଼ କରିବା ସହ ବ୍ୟାଙ୍କ ସୁଧ ୬ ମାସ ପାଇଁ ସ୍ଥଗିତ ରଖିବା, ବସ୍‌ର ବୀମା ଅବଧିକୁ ୬ ମାସ ପାଇଁ ବୃଦ୍ଧି କରିବା, ବସ୍ ମାଲିକ ଓ କର୍ମଚାରୀମାନଙ୍କ ପାଇଁ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଘୋଷଣା କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।

ଡମ୍ପର ଧକ୍କାରେ ଗର୍ଭବତୀଙ୍କ ମୃତ୍ୟୁ

ନୂଆପଡ଼ା ଅଫିସ,୨।୬

ନୂଆପଡା ଜିଲା ବୋଡେନ ଥାନା ଅଧୀନ ବିନପୁର ଗାଁ ନିକଟରେ ବୁଧବାର ନିର୍ମାଣାଧୀନ ବିଜୁ ଏକ୍ସପ୍ରେସ୍ ଫୋର୍‌ୱେରେ ଡମ୍ପର ଧକ୍କାରେ ଜଣେ ଗର୍ଭବତୀ ମହିଳାଙ୍କ ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଆହତ ହୋଇଛନ୍ତି। ମୃତକ ମହିଳା ହେଲେ ବିନପୁର ଗାଁର ସବିତା ନାଗ୍ (୨୩)। ସେ ୮ ମାସର ଗର୍ଭବତୀ ଥିବା ପରିବାର ଲୋକଙ୍କଠାରୁ ଜଣାପଡ଼ିଛି।

ବୁଧବାର ଦ୍ୱିପ୍ରହରରେ ବିନପୁର ଗାଁର ଲଖିଧର ସଲମା ଓ ତାଙ୍କ ସମ୍ପର୍କୀୟ ସବିତା ଏକ ବାଇକ୍‌ରେ କୌଣସି କାମରେ ଯାଉଥିଲେ। ବିନପୁର ନିକଟସ୍ଥ ବିଜୁ ଏକ୍ସପ୍ରେସ ଫୋର୍‌ୱେ ରାସ୍ତାରେ ଏକ ଡମ୍ପର ସହିତ ମୁହାମୁହିଁ ଧକ୍କା ହୋଇଥିଲା। ଡମ୍ପର ତଳେ ଦୁଇ ଜଣ ଚାପି ହୋଇ ରହିଥିଲେ। ଖବର ପାଇ ପୋଲିସ ପହଞ୍ଚି ଜେସିବି ମେଶିନ ସାହାଯ୍ୟରେ ଉଭୟଙ୍କୁ ବାହାର କରିଥିଲେ। ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଉଥିବା ବେଳେ ବାଟରେ ସବିତାଙ୍କ ମୃତ୍ୟୁ ହୋଇଯାଇଥିଲା। ଲଖିଧରଙ୍କ ଅବସ୍ଥା ଗୁରୁତର ରହିଛି। ଏହି ଘଟଣା ପରେ କ୍ଷତିପୂରଣ ଦାବିରେ ବିନପୁରଠାରେ ଖଡିଆଳ-ବୋଡେନ ରାସ୍ତାକୁ ଗ୍ରାମବାସୀ ଅବରୋଧ କରିଥିଲେ। ଘଟଣାସ୍ଥଳରେ ବୋଡେନ ଥାନା ଆଇଆଇସି ଦିଲୀପ ଲାକ୍ରା ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଥିଲେ। ରାସ୍ତା ନିର୍ମାଣ କରୁଥିବା ସଂସ୍ଥାର ଜଣେ ଠିକାଦାର ଆସି ମୃତକଙ୍କ ପରିବାରକୁ ଦେଢ଼ ଲକ୍ଷ ଟଙ୍କା ଏବଂ ଅନ୍ୟ ଇନ୍‌ସ୍ୟୁରାନ୍ସ ବାବଦକୁ କ୍ଷତିପୂରଣ ଦିଆଯିବ ବୋଲି କହିବା ପରେ ଲୋକେ ରାସ୍ତା ଅବରୋଧରୁ ହଟିଥିଲେ।

ଇସ୍ପାତ ନିଦାନ କେନ୍ଦ୍ରର ଲୋକାର୍ପଣ

ରାଉରକେଲା ଅଫିସ, ୨।୬

ଆର୍‌ଏସ୍‌ପି ଦ୍ୱାରା ନବ ନିର୍ମିତ ଇସ୍ପାତ ନିଦାନ କେନ୍ଦ୍ରର ଲୋକାର୍ପଣ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଛି। କେନ୍ଦ୍ର ଇସ୍ପାତ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହାକୁ ଲୋକାର୍ପଣ କରିଥିଲେ। ନିଦାନ କେନ୍ଦ୍ରରେ ୫୦୦ ଶଯ୍ୟା ବ୍ୟବସ୍ଥା କରାଯାଇଛି। ସେଥିମଧ୍ୟରୁ ୫୦ ଆଇସିୟୁ, ୧୦୦ ଅକ୍ସିଜେନ ଭେଣ୍ଟିଲେଟର ଶଯ୍ୟା ଥିବା ସୂଚନା ମିଳିଛି। ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ଦ୍ୱାରା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ର ଇସ୍ପାତ ରାଷ୍ଟ୍ରମନ୍ତ୍ରୀ ଖଗନସିଂ କୁଲସ୍ତେ, ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟମନ୍ତ୍ରୀ ନବ ଦାସ, ସୁନ୍ଦରଗଡ଼ ଏମ୍‌ପି, କେନ୍ଦ୍ର ଇସ୍ପାତ ସଚିବ ଓ ସୁନ୍ଦରଗଡ଼ ଜିଲାପାଳଙ୍କୁ ଅତିଥି ଭାବେ ନିମନ୍ତ୍ରଣ କରାଯାଇଥିଲା। ସ୍ଥାନୀୟ ତଥା ରଘୁନାଥପାଲ୍ଲୀ ବିଧାୟକଙ୍କ ସମେତ ଜିଲାର ଅନ୍ୟ ବିଧାୟକମାନଙ୍କୁ ଅଣଦେଖା କରାଯାଇଥିବା ଓ ନିମନ୍ତ୍ରଣ କରାଯାଇ ନ ଥିବାରୁ ଘୋର ଉଦ୍‌ବେଗ ପ୍ରକାଶ ପାଇଛି। ରାଉରକେଲା ଇସ୍ପାତ କାରଖାନା କର୍ତ୍ତୃପକ୍ଷଙ୍କ ଏମିତି ପଦକ୍ଷେପକୁ ଯୁବ ବିଜେଡ଼ି ତୀବ୍ର ବିରୋଧ ଓ ନିନ୍ଦା କରିଛି। ବିଜୁ ଯୁବ ଜନତା ଦଳ ତରଫରୁ ଏ ନେଇ ବିଗତ ଦିନରେ ଆର୍‌ଏସ୍‌ପି କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲେ ମଧ୍ୟ ସେଥିରେ କିଛି ପରିବର୍ତ୍ତନ ହେଉ ନ ଥିବା ଏବଂ ବିଶେଷକରି ଏହି ଉଦଘାଟନୀ ସମାରୋହକୁ ସ୍ଥାନୀୟ ବିଧାୟକଙ୍କୁ ନିମନ୍ତ୍ରଣ ନ କରିବା ସବୁ ସୀମାର ଉଲ୍ଲଂଘନ କରୁଥିବା ପ୍ରତିପାଦିତ ହେଉଛି ବୋଲି ରାଜ୍ୟ ଯୁବ ବିଜେଡ଼ି ସମ୍ପାଦକ କମଳାକାନ୍ତ ନାୟକ ପ୍ରକାଶ କରିଛନ୍ତି।

ଚିକିତ୍ସା ଅବହେଳାରୁ ମହିଳା ମୃତ

କେନ୍ଦୁଝର,୨।୬(ସ୍ୱ.ପ୍ର)

କେନ୍ଦୁଝର ଜିଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସା ଅବହେଳାରୁ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ମୃତ ମହିଳା ଜଣକ ହେଲେ ମୟୂରଭଞ୍ଜ ଜିଲ୍ଲା ଝାଡ଼ଡୁମୁରିଆ ଗ୍ରାମର ମନମୋହନ ମହାନ୍ତଙ୍କ ସ୍ତ୍ରୀ ବିନତୀ। ଗୁରୁତର ଅବସ୍ଥାରେ ଥିବା ବିନତୀଙ୍କୁ ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ଡାକ୍ତରଖାନାରେ ଛାଡ଼ି ଯିବା ପରେ ତାଙ୍କର ଚିକିତ୍ସାରେ ବିଳମ୍ବ ଘଟିଥିଲା। ଡାକ୍ତରଖାନା କର୍ମଚାରୀ ତାଙ୍କୁ ତୁରନ୍ତ ଚିକିତ୍ସା ସେବା ଯୋଗାଇ ନ ଥିବାରୁ ତାଙ୍କର ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି।

ପୁରୀରେ ପହଞ୍ଚିଲା ରଥ ଦଉଡ଼ି

ପୁରୀ ଅଫିସ ୨।୬

ଚଳିତବର୍ଷ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ଘୋଷଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଜୋରସୋରରେ ପ୍ରସ୍ତୁତି ଆଗେଇ ଚାଲିଛି। ବୁଧବାର ରଥଯାତ୍ରା ପାଇଁ ତିନିରଥର ଦଉଡ଼ି ଏବଂ ଘେର ଦଉଡ଼ି ପୁରୀରେ ପହଞ୍ଚିଛି। ଏକ ଟ୍ରକ ଯୋଗେ ପୁରୀରେ ୧୪ଟି ରଥ ଦଉଡ଼ି ଏବଂ ୬ଟି କର୍ଡନ ଦଉଡ଼ି ପହଞ୍ଚିଛି। ସମୁଦାୟ ୨୦ଟି ଦଉଡ଼ିକୁ ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରାଯାଇଛି। ପୁରୀ ଜିଲା ବୀରପ୍ରତାପପୁରରେ ଥିବା ରାଜ୍ୟ ସମବାୟ କତା ନିଗମ ରଥଯାତ୍ରା ପାଇଁ ସମସ୍ତ ରଥ ଦଉଡ଼ି ନିର୍ମାଣ କରିଛି। ପ୍ରାୟ ଏକ ମାସ ଧରି ୧୪ଜଣ କାରିଗର କୋଭିଡ୍ କଟକଣା ମାନି ଦଉଡ଼ିଗୁଡ଼ିକୁ ପ୍ରସ୍ତୁତ କରିଛନ୍ତି। ଆସିଥିବା ରଥ ଦଉଡ଼ିଗୁଡ଼ିକର ଲମ୍ବ ୨୨୦ଫୁଟ ହୋଇଥିବା ବେଳେ ଏହାର ଗୋଲେଇ ରହିଛି ୮ଇଞ୍ଚ। ସେହିପରି ଆଉଟଡୋର କର୍ଡନ ବା ବାହାର ଘେର ଦଉଡ଼ିର ଲମ୍ବ ୪୫୦ ଫୁଟ ହୋଇଥିବା ବେଳେ ୪ଇଞ୍ଚ ଗୋଲେଇ ରହିଛି। ଇନର କର୍ଡନର ଲମ୍ବ ୧୦୦ ମିଟର ସହ ଗୋଲେଇ ୪ ଇଞ୍ଚ ରହିଛି। ତେବେ ସମସ୍ତ ରଥ ଦଉଡ଼ିକୁ ସୁରକ୍ଷିତ ଭାବରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ପରିସରରେ ରଖାଯାଇଛି।

ଅପହୃତା ନାବାଳିକା ଉଦ୍ଧାର, ଅଭିଯୁକ୍ତ ଗିରଫ

ରସୁଲପୁର,୨।୬(ଡି.ଏନ.ଏ.)

କୁଆଖିଆ ଥାନା ଅଞ୍ଚଳରୁ ଅପହରଣ ହୋଇଥିବା ଜଣେ ନାବାଳିକାଙ୍କୁ ପୋଲିସ ଉଦ୍ଧାର କରିବା ସହ ଅପହରଣକାରୀ ଯୁବକଙ୍କୁ ଗିରଫ କରି ବୁଧବାର କୋର୍ଟଚାଲାଣ କରିଛି। ସେ ହେଲେ ମଧୁବନ ଅଞ୍ଚଳର ଗୌତମ ଜେନା(୨୩)। ନାବାଳିକାଙ୍କୁ ଡାକ୍ତରୀ ମାଇନା ପରେ ସ୍ୱାଧାର ଗୃହ ସଖିରେ ଛାଡି ଦିଆଯାଇଛି। ଅଭିଯୁକ୍ତଙ୍କୁ ଯାଜପୁର ଦୌରାଜଜ୍ କୋର୍ଟକୁ ପଠାଇ ଦିଆଯାଇଛି। ଗତ ଜାନୁୟାରୀରେ ଗୌତମ ନାବାଳିକାଙ୍କୁ ଅପହରଣ କରିଥିଲେ। ନାବାଳିକାଙ୍କ ପରିବାର ଲୋକେ ଝିଅକୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ନିରାଶ ହେବାପରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ-୨୩/୨୧ରେ ମାମଲା ରୁଜୁ କରି ତଦନ୍ତ କରିଥିଲା। ନାବାଳିକାଙ୍କୁ ନେଇ ଯୁବକ ବାହାରେ ରହୁଥିଲେ। କିଛି ଦିନତଳେ ଘରକୁ ଫେରିଥିବା ଜାଣିପାରି ପୋଲିସ ଅଭିଯୁକ୍ତଙ୍କ ଘରେ ଚଢାଉ କରିଥିଲା।

ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେଉ: ମାନେକା ଗାନ୍ଧୀ

- ବୁର୍ଲାରେ ୬ କୁକୁରଙ୍କୁ ହତ୍ୟା
- ମୁହଁ ଖୋଲୁନାହାନ୍ତି ସୁରକ୍ଷା କର୍ମୀ

ସମ୍ବଲପୁର,୨।୬(ବ୍ୟୁରୋ)

ସମ୍ବଲପୁର ଜିଲା ବୁର୍ଲା ଥାନା ଅଞ୍ଚଳର ୬ ବୁଲା କୁକୁରଙ୍କୁ ବିଷ ଦେଇ ହତ୍ୟା କରାଯାଇଛି। ପିପୁଲ୍‌ସ ଫର୍ ଆନିମଲ୍ସ ସମ୍ବଲପୁର ଶାଖା ପକ୍ଷରୁ ଥାନାରେ ଏହି ଅଭିଯୋଗ କରାଯାଇଛି। ଅନ୍ୟପଟେ ସଂସ୍ଥାର ମୁଖ୍ୟ ତଥା ରାଜ୍ୟ ସଭା ସଦସ୍ୟା ମାନେକା ଗାନ୍ଧୀ ଏ ସମ୍ପର୍କରେ ସମ୍ବଲପୁର ଏସ୍‌ପି ବାଡୁଲା ଗଙ୍ଗାଧର ଓ ବୁର୍ଲା ଥାନା ଅଧିକାରୀ କମଳ ଲୋଚନ ପଣ୍ଡାଙ୍କ ସହ ଆଲୋଚନା କରିଛନ୍ତି। ଠିକ୍ ଭାବେ ତଦନ୍ତ କରି ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ସେ କହିଛନ୍ତି। ଏସ୍‌ପି ଗଙ୍ଗାଧର କହିଛନ୍ତି, ଅଭିଯୋଗ ଆଧାରରେ ବୁର୍ଲା ଥାନାରେ କେସ୍ ନଂ.୩୨୪/୨୧ରେ ମାମଲା ରୁଜୁ ହୋଇଛି। ପୋଲିସ ବିଭିନ୍ନ ଦିଗକୁ ନେଇ ତଦନ୍ତ କରୁଛି। ଜଣେ ମହିଳାଙ୍କ ନାମରେ ମାମଲା ରୁଜୁ ହୋଇଛି ବୋଲି କହିଥିଲେ।

ଅଭିଯୋଗ କ୍ରମେ ବୁର୍ଲା ଏମ୍‌ସିଏଲ୍ ଜାଗୃତି ବିହାର କଲୋନୀରେ ମେ ୨୮ ତାରିଖରେ ଏକସଙ୍ଗରେ ୬ ବୁଲା କୁକୁରଙ୍କ ମୃତ୍ୟୁ ଘଟିଥିଲା। ପିପୁଲ୍‌ସ ଫର୍ ଆନିମଲ୍ସ ସମ୍ବଲପୁର ଶାଖାର କର୍ମକର୍ତ୍ତା ପାରିପାର୍ଶ୍ୱିକ ସ୍ଥିତିକୁ ଦେଖି କୁକୁରମାନଙ୍କୁ ବିଷ ଦେଇ ହତ୍ୟା କରାଯାଇଥିବା ଜାଣିବାକୁ ପାଇଥିଲେ। କଲୋନୀର ଜଣେ ମହିଳାଙ୍କ ନାମରେ ସେମାନେ ଏହି ଅଭିଯୋଗ ଆଣିଥିଲେ। ମହିଳାଙ୍କ ସ୍ଟୁଟି ସିଟ୍ କଭରକୁ କିଛିଦିନ ଆଗରୁ କୁକୁରମାନେ ଚିରି ଦେଇଥିଲେ। ସେ ଏ ନେଇ କଲୋନୀର ସୁରକ୍ଷା କର୍ମୀଙ୍କୁ ଜଣାଇ ବୁଲା କୁକୁରଙ୍କ ବ୍ୟବସ୍ଥା କର ବୋଲି କହିଥିଲେ। ହେଲେ କୁକୁରମାନେ ପୁଣି ବୁଲାବୁଲି କରୁଥିଲେ। ଏପରିସ୍ଥଳେ କିଛିଦିନ ପରେ କୁକୁରମାନଙ୍କ ମୃତ୍ୟୁ ଘଟିଥିଲା। ଏହା ପଛରେ ଉକ୍ତ ମହିଳାଙ୍କ ସମ୍ପୃକ୍ତି ରହିଥିବା ସେମାନେ ଅଭିଯୋଗରେ ଦର୍ଶାଇଛନ୍ତି। ଏ ସମ୍ପର୍କରେ ବୁର୍ଲା ଥାନା ଅଧିକାରୀ ପଣ୍ଡା କହିଛନ୍ତି, ଉକ୍ତ କ୍ୟାମ୍ପସରେ ସିସିଟିଭି ନାହିଁ। କାର୍ଯ୍ୟରତ ସୁରକ୍ଷା କର୍ମୀମାନେ ମଧ୍ୟ ଘଟଣା ବିଷୟରେ ମୁହଁ ଖୋଲୁ ନାହାନ୍ତି। ମୃତଦେହ ବ୍ୟବଚ୍ଛେଦ କରାଯାଇଛି। ୩ଦିନ ପରେ ବ୍ୟବଚ୍ଛେଦ ହୋଇଥିବାରୁ ମୃତ୍ୟୁର କାରଣ ସମ୍ପର୍କରେ ପ୍ରାଣୀଧନ ଡାକ୍ତରମାନେ ଠିକ୍ ସୂଚନା ଦେଇନାହାନ୍ତି। ପୋଲିସ ତଦନ୍ତ ଜାରି ରଖିଛି। ମହିଳାଙ୍କ ବିରୋଧରେ ପ୍ରମାଣ ମିଳିଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ଦୁର୍ଘଟଣାରେ ଛାତ୍ର ମୃତ

ରାଜକନିକା,୨।୬(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଅଧୀନ ସିହୋପଡା ପଞ୍ଚାୟତ ଭାମଣ୍ଡା ଗ୍ରାମର ତାପସ ସାମଲଙ୍କ କାର ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ତାପସ ନିଜ ପିଉସୀ ଝିଅ ଭଉଣୀ ରଶ୍ମିତା ରାଉତଙ୍କ ସହ ବାଇକ୍‌ରେ ଢେଙ୍କାନାଳରୁ ଗାଁକୁ ଫେରୁଥିଲେ। କଟକ-ଚାନ୍ଦବାଲି ରାସ୍ତାର କେନ୍ଦ୍ରାପଡ଼ା ନିକଟରେ ଏକ କାର ସହ ତାଙ୍କ ବାଇକ୍‌ର ଧକ୍କା ହୋଇଥିଲା। ଗୁରୁତର ଅବସ୍ଥାରେ ଉଭୟଙ୍କୁ କଟକ ବଡମେଡିକାଲରେ ଭର୍ତ୍ତି କରାଯାଇଥିଲା। ମଙ୍ଗଳବାର ରାତିରେ ତାପସଙ୍କ ମୃତ୍ୟୁ ଘଟିଛି। ସେ ସ୍ଥାନୀୟ କଲେଜରେ ପାଠ ପଢୁଥିଲେ।

OFFICE OF THE MUNICIPALITY, NABARANGPUR
No. 1599/Dt.01.06.2021
TENDER CALL NOTICE
No. C-343:- Sealed tenders in detail schedule of quantities are invited in percentage base from the eligible valid contractors registered with this Municipality/ State Govt. / Central Govt./ MES/ Railways and contractors of equivalent grade who are experienced in similar nature of works. The contractor should be furnish a list executed similar work more than 50% of tender value in single work. Which to be eventually drawn up in the F2 agreement/ Municipal Agreement form W-III for the work as indicated below. The contractors are to deposit E.M.D. mentioned in column 4 in shape of cash/ NSC/ KVP duly pledged in favour of the executive Officer, Nabarangpur Municipality. All the required documents along with copy of ITCC / PAN card, GST & registration certificate of contractor ship should be submitted with the tender paper. Non-deposite or partly deposit of EMD shall not be entertained. Original money receipt towards cost of paper and EMD should be furnished with the tender paper. The tender paper will be sold on payment (Non-refundable) amount mentioned in column 5 in the office during office hours i.e. **7.00 A.M. to 01.00 P.M.** on payment of paper costs in cash/ in shape of demand draft/ Banker's cheque only from any Nationalized Bank drawn in favour of Executive Officer, Nabarangpur Municipality payable at Nabarangpur up to **Dt.08.06.21** except holiday. Tender papers shall be received on **Dt.09.06.2021** from **7.00 A.M. to 11.00 A.M.** in the Municipal office in specified tender box and the same tender shall be opened on **Dt. 09.06.2021 at 1.00 P.M.** in presence of tenderers or their authorized representatives, who may be present at the time of opening of the tenders. Tender paper submitted beyond schedule Date & time shall not be entertained in any way. The authority reserves the right to reject all or any tender paper without assigning any reason thereof.

Sl. No.	Name of the Project	Estimate Cost	Cost of EMD	Cost of TP	Class of Contractor	Completion period
1	2	3	4	5	6	7
1	Beautification work near Bus Stand Nabarangpur Municipality	1,66,533.00	1665.00	600.00	"D" & "C"	1 Month
2	Beautification work at Gandhipark Nabarangpur Municipality	2,00,000.00	2000.00	600.00	"D" & "C"	1 Month
3	Repair of CC Road from Parvati Jani PMAY house to Kosagumunda PWD Road at Porja Sahi Bhatisalguda	2,00,000.00	2000.00	600.00	"D" & "C"	1 Month
4	R/M of CC Road in front of Damburu Behera res. to Tulasha Harijan res. at Ward No. 07	60,000.00	600.00	400.00	"D" & "C"	15 days
5	R/M of CC Road & Drain from Subash Sahu res. towards Gayatri Sahu res. at Ward No.04	50,000.00	500.00	400.00	"D" & "C"	15 days

OIPR-13065/11/0003/2122 **Sd./- Executive Officer, Nabarangpur Municipality**

OFFICE OF THE ASKA COOP. SUGAR INDUSTRIES LTD., NUAGAM (ASKA)
P.O.- NUAGAM (ASKA)- 761111, GANJAM DISTRICT, ODISHA
Phones: 06822-273464, email- askasugar@yahoo.co.in, website: askasugar.com
TENDER CALL NOTICE
Letter No. Mktg./334 Date:02.06.2021
The Aska Cooperative Sugar Industries Ltd., Aska intends to sell of filter cake/ press mud. Please visit our website: www.askasugar.com for Detailed Tender Call Notice. The last date for submission of Quotation is 5.00 P.M. of 08.06.2021 and the same will be opened on 11.30 A.M. of 09.06.2021.
Sd./- Managing Director

GOVT. OF ODISHA
DEPARTMENT OF WATER RESOURCES
OFFICE OF THE ADDITIONAL CHIEF ENGINEER,
DRAINAGE CIRCLE, GANDARPUR, CUTTACK-753003
E-PROCUREMENT NOTICE NO.-SEDC-CTC-01/2021-22
No.A-161:- email Id :- sedrainagecirclectc@gmail.com

1.	Name of Works	:	5 Nos. of Packages –Ranging from Rs. 166.03 Lakhs to Rs. 484.74 Lakhs.
2.	Bid Identification No.	:	1) SEDC-CTC/DD- JSPR- 01/2021-22 2) SEDC-CTC/DD- JSPR - 02/2021-22 3) SEDC-CTC/DD- KPD - 03/2021-22 4) SEDC-CTC/DD- KPD - 04/2021-22 5) SEDC-CTC/DD- KPD - 05/2021-22
3.	Period of completion	:	11(Eleven) calendar months
4.	Availability of Tender On - Line	:	04.06.2021 from 16.30 Hours to 18.06.2021 upto 17.30 Hours.
5.	Date of opening of technical bid	:	21.06.2021 at 10.00 Hours in the O/o The Additional Chief Engineer Drainage Circle, Gandarpur, Cuttack.
6.	Date of opening of financial bid	:	24.06.2021 at 10.00 Hours in the O/o The Additional Chief Engineer Drainage Circle, Gandarpur, Cuttack.
7.	Date of lottery (If required)	:	28.06.2021 at 11.30 Hours in the O/o The Additional Chief Engineer, Drainage Circle, Gandarpur, Cuttack.
8.	Procurement Officer	:	Additional Chief Engineer, Drainage Circle, Gandarpur, Cuttack-753 003.

Tender will be accepted if registered in the CDMS Portal and Furnish of "Bid" Security Declaration. Further details can be seen from the Govt. web site www.tendersorissa.gov.in.
Additional Chief Engineer, Drainage Circle, Cuttack
OIPR-32201/11/0003/2122

OFFICE OF THE ROURKELA MUNICIPAL CORPORATION, ROURKELA
INVITATION FOR BID
No.7005 Dated 2.6.2021
Bid Identification No. MC/RMC/21/2021
No.C-341:- The Municipal Commissioner, Rourkela Municipal Corporation on behalf of Rourkela Municipal Corporation invites bids for works on percentage rate basis in double cover on online mode. Bid Identification No. MC/RMC/21/2021 for 01 no. Civil work with value of Rs.77.02 lakh.
1. Bid documents will be available in website www.tendersorissa.gov.in from 02.06.2021.
2. B

ନୂତନ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟଭାର

ସୁନ୍ଦରଗଡ଼,(ଡି.ଏନ.ଏ): ସାରଙ୍ଗଧର ବରିହା ସୁନ୍ଦରଗଡ ଜିଲାର ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭାବେ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ମଙ୍ଗଳବାର ବରିହା ଜିଲା ଶିକ୍ଷା ଅଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀଙ୍କୁ ତାଙ୍କ କାର୍ଯ୍ୟାଳୟରେ ସାକ୍ଷାତ କରି କାର୍ଯ୍ୟଭାର ଗ୍ରହଣ କରିଥିଲେ। ସେ ଏହା ପୂର୍ବରୁ ବଡ଼ଗା ବ୍ଲକର ଗୋଷ୍ଠୀ ଶିକ୍ଷାଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଏଥିସହ ପୂର୍ବରୁ ଲେଫ୍ରିପଡା ବ୍ଲକରେ ମଧ୍ୟ ଗୋଷ୍ଠୀ ଶିକ୍ଷା ଅଧିକାରୀ ଭାବେ କାର୍ଯ୍ୟ କରିଛନ୍ତି।

ସଂକ୍ଷେପରେ

ଅନାଥ ୨ ଯାଆଁଳା ଶିଶୁଙ୍କୁ ଉଦ୍ଧାର କଲା ଶିଶୁ ସୁରକ୍ଷା ଟିମ୍

ବ୍ରଜରାଜନଗର,୨।୬(ଡି.ଏନ.ଏ.): ବ୍ରଜରାଜନଗର ପୌରାଞ୍ଚଳା ମା'ବାପ ଛେଉଣ୍ଡ ଅନାଥ ୨ ଯାଆଁଳା ଶିଶୁଙ୍କୁ ଜିଲା ଶିଶୁ ସୁରକ୍ଷା ଅଧିକାରୀ ଆନନ୍ଦିନୀ ପାଢ଼ୀ ଓ ତାଙ୍କ ଟିମ୍ ଉଦ୍ଧାର କରି ମୁକ୍ତ ଆଶ୍ରୟ କେନ୍ଦ୍ରରେ ଛଡିଛନ୍ତି। ସେଠାରେ ପିଲା ଦୁହିଁଙ୍କର କୋଭିଡ୍ ପରୀକ୍ଷା କରାଯିବା ପରେ ରିପୋର୍ଟ ନେଗେଟିଭ୍ ଆସିଥିବା ଜଣାପଡିଛି। ସୂଚନାଯୋଗ୍ୟ ଓପିଏମ କଲୋନୀ କ୍ୱାର୍ଟର୍ସରେ ରହୁଥିବା ବିଧବା ମହିଳା ଉତରା ନାଗଙ୍କର ମେ ୨୩ ତାରିଖରେ କରୋନାରେ ଝାରସୁଗୁଡାସ୍ଥିତ କୋଭିଡ୍ ହସ୍ପିଟାଲରେ ମୃତ୍ୟୁ ଘଟିଥିଲା। କ୍ୱାର୍ଟର୍ସରେ ଯାଆଁଳା ଶିଶୁ ଝିଅ ଲକ୍ଷ୍ମୀ ନାଗ ଓ ପୁଅ ବଜରଙ୍ଗୀ ନାଗ ରହୁଥିଲେ। ସେମାନଙ୍କର ଆତ୍ମୀୟ ସ୍ୱଜନ ଇଭ୍‌ପିଟରେ ଥାଇ ମଧ୍ୟ ପିଲା ଦୁହିଁଙ୍କୁ ନେବା ପାଇଁ ଆସି ନ ଥିଲେ। ପୂର୍ବତନ କାଉନସିଲର ରୁନୁ ବାଗ ଘଟଣା ସମ୍ପର୍କରେ ଜାଣି ପୂର୍ବତନ ପୌର ଉପାଧକ୍ଷ ଜୟନ୍ତ ଦୀକ୍ଷିତଙ୍କୁ ଜଣାଇଥିଲେ। ଉଭୟଙ୍କ ପ୍ରଚେଷ୍ଟାରେ ପିଲା ଦ୍ୱୟଙ୍କୁ ଖାଇବାପିଇବା ଦିଆଯାଇଥିଲା। ବୁଧବାର ଜିଲା ଶିଶୁ ସୁରକ୍ଷା ଅଧିକାରୀ ପାଢ଼ୀ, ସଂଯୋଜକ ଆଶିଷ ପଣ୍ଡା, ସିଡିପିଓ ପୂର୍ଣ୍ଣ ମାସୀ ସାହୁ ପ୍ରମୁଖଙ୍କ ଉଦ୍ୟମରେ ଶିଶୁ ଦ୍ୱୟଙ୍କୁ ଜିଲା ପ୍ରଶାସନ ଅଧୀନ ମୁକ୍ତ ଆଶ୍ରୟ କେନ୍ଦ୍ରକୁ ନିଆଯାଇଛି। ଏପରି ଅନାଥ ପିଲାଙ୍କ ପାଇଁ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଯାହା ବ୍ୟବସ୍ଥା ରହିଛି ତାହା ଯୋଗାଇ ଦିଆଯିବ ବୋଲି ଏଡିଏମ୍ ପ୍ରକାଶ କରିଛନ୍ତି।

ମଳ ବିଶୋଧନାଗାର ନିର୍ମାଣକୁ ଗ୍ରାମବାସୀଙ୍କ ବିରୋଧ

ରାଜଗାଙ୍ଗପୁର,୨।୬ (ଡି.ଏନ.ଏ.): ରାଜଗାଙ୍ଗପୁରର ଜରୁମାଲ ପୋଡସିଂ ଅଞ୍ଚଳରେ ରାଜଗାଙ୍ଗପୁର ପୌରପରିଷଦ ଦ୍ୱାରା ନିର୍ମାଣ ହେଉଥିବା ମଳବିଶୋଧନାଗାରକୁ ଗ୍ରାମବାସୀଙ୍କ ବିରୋଧ ଯୋଗୁ କାମ ବନ୍ଦ ହୋଇଛି। ରାଜଗାଙ୍ଗପୁର ରାଜସ୍ୱ ବିଭାଗ ଦ୍ୱାରା ଉକ୍ତ ଅଞ୍ଚଳରେ ଚିହ୍ନଟ ହୋଇ ୩ ଏକର ଯାଗା ପୌରପରିଷଦକୁ ମଳବିଶୋଧନା ଗାର ନିର୍ମାଣ ନିମନ୍ତେ ପ୍ରଦାନ କରାଯାଇଛି। କାର୍ଯ୍ୟ ଆରମ୍ଭର ୧୫ ଦିନ ନ ପୂରୁଣୁ ସେଠାକାର ବାସିନ୍ଦା ବିରୋଧ କରିବା ଦ୍ୱାରା କାମ ବନ୍ଦ ହୋଇଛି। ବୁଧବାର ଅତିରିକ୍ତ ତହସିଲଦାର ମନୋରଞ୍ଜନ ନାୟକ, ପୌରନିର୍ବାହୀ ଅଧିକାରୀ ବିନୋଦ ପଣ୍ଡା, ପୋଲିସ କର୍ମଚାରୀ ଏକ ବୈଠକ କରି ସମସ୍ୟାର ସମାଧାନ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଫଳରେ ଉକ୍ତ ନିର୍ମାଣ କାମ ବନ୍ଦ ରହିଛି। ସୂଚନାଯୋଗ୍ୟ ଯେ ଏହି ବିଶୋଧନାଗାରରେ ପୌରଅଞ୍ଚଳର ପାଇଖାନା ମାନଙ୍କରୁ ବର୍ଜବସ୍ତୁ ସଂଗ୍ରହ ହୋଇ ଏଠାରେ ଖତ ତିଆରି ହେବ ଓ ଏହି ଖତ ସାର ରପେ ବ୍ୟବହାର କରାଯିବ। ଏହା କରିବା ପାଇଁ ନ୍ୟାସନାଲ ଗ୍ରିନ ଟ୍ରିବ୍ୟୁନାଲର ଆଦେଶ ମଧ୍ୟ ରହିଛି।

ଭାଜପାର ରକ୍ତଦାନ ଶିବିର, ୫୦ ୟୁନିଟ୍ ସଂଗ୍ରହ

ଝାରସୁଗୁଡ଼ା ଅଫିସ,୨।୬: ଝାରସୁଗୁଡା ଜିଲା ଭାଜପା ତରଫରୁ ଜିଲା ସଭାପତି ମଙ୍ଗଳ ସାହୁଙ୍କ ନେତୃତ୍ୱରେ ବୁଧବାର ସହରର ଏକ ହୋଟେଲ୍‌ରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମୁଦାୟ ୫୦ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଜିଲା ଯୁବମୋର୍ଚ୍ଚା ସଭାପତି ମହେଶ୍ୱର ନାୟକ, ଦୀନେଶ ଜୈନ ପ୍ରମୁଖ କର୍ମକର୍ତ୍ତା ରକ୍ତଦାନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ପୂର୍ବତନ ବିଧାୟିକା ରାଧାରାଣୀ ପଣ୍ଡା, ନଓ୍ୱାଲ ଅଗ୍ରୱାଲ, ସୁନିଲ ଦାସ, ବିମଳ ଭୋଳ, ପ୍ରେମସେନ୍ ରାୟ, ସଞ୍ଜୁ ସାଲୁଜା, ମଞ୍ଜରୀ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ।

କାମ ଆରମ୍ଭ ପୂର୍ବରୁ ଟଙ୍କା ଉଠାଣ

ବଡ଼ଗାଁ,୨।୬(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକରେ ହେଉଥିବା ବିଭିନ୍ନ ଯୋଜନାର କାର୍ଯ୍ୟରେ ବାରମ୍ବାର ଅନିୟମିତତାର ଗନ୍ଧ ଆସୁଥିଲେ ମଧ୍ୟ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉ ନ ଥିବାରୁ ସରକାରଙ୍କ କାର୍ଯ୍ୟ ନିୟମାନୁଯାଇ ହୋଇପାରୁନାହିଁ। ଫଳରେ କାମ ନ କରି ଅର୍ଥ ଉଠାଣ ଭଳି ସାଂଘାତିକ ଦୁର୍ନୀତି ଜଣାପଡ଼ିଥିଲାବେଳେ ବର୍ତ୍ତମାନ କାମ ଆରମ୍ଭ ପୂର୍ବରୁ ଲକ୍ଷାଧିକ ଟଙ୍କା ସରପଞ୍ଚ ଏବଂ ଜେଇଙ୍କ ଅଜ୍ଞାତରେ ଉଠାଣ ହେବା ଘଟଣା ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକରେ ଦେଖିବାକୁ ମିଳିଛି। ଜରଙ୍ଗଲୋଇ ପଞ୍ଚାୟତ କୁସୁନା ଗ୍ରାମର ସଦାନନ୍ଦ ପୋଖରୀର ଉନ୍ନତିକରଣ କାର୍ଯ୍ୟ ଏମ୍‌ଜିଏନ୍‌ଆରଇଜିଏସରେ ମେ ୨୪ତାରିଖ ଆରମ୍ଭ ହେବା ଦର୍ଶାଯାଇଥିଲେ ମଧ୍ୟ କାମ ଆରମ୍ଭ ହେବାର ୨ଦିନ ପୂର୍ବରୁ ୨୨ ତାରିଖ ୨ଲକ୍ଷ ୪୦ହଜାର ଟଙ୍କା ଉଠାଣ ହୋଇଛି। ଏହା ଉପରେ ଅଭିଯୋଗ ହେବାରୁ ଗତ ସପ୍ତାହ ୨ଦିନ କାମ କରାଯାଇଥିବା ସ୍ଥାନୀୟ ସରପଞ୍ଚଙ୍କ ଠାରୁ ଜଣାପଡ଼ିଛି। ତେବେ ଏହି ଯୋଜନାରେ ହେଉଥିବା କାର୍ଯ୍ୟର ଫାଇଲ ପଞ୍ଚାୟତରେ ଖୋଲାଯିବା ସହିତ ଜେଇ କାର୍ଯ୍ୟସ୍ଥଳରେ ଚିହ୍ନଟ ଓ କାମ ହେଲାପରେ ମାପ କରିଥାନ୍ତି। ପଞ୍ଚାୟତ ଇଓ ଏବଂ ସରପଞ୍ଚଙ୍କ ଠାରେ ରହୁଥିବା ପେନଡ୍ରାଇଭ ବିନା ଟଙ୍କା ଉଠାଣ ହୋଇ ନ ଥାଏ। କିନ୍ତୁ ଏଠାରେ ତା'ର ବ୍ୟତିକ୍ରମ ଦେଖାଯାଇଛି। ସରପଞ୍ଚ ଟଙ୍କଧର ନାଏକ କହନ୍ତି, ପଞ୍ଚାୟତରେ କାମର ଫାଇଲ ଖୋଲାଯାଇନାହିଁ। ୧୫ଦିନ ପୂର୍ବରୁ ପେନଡ୍ରାଇଭ ବ୍ଲକର କମ୍ପ୍ୟୁଟର ସେକସନ କର୍ମଚାରୀଙ୍କ ଠାରେ ଦାଖଲ କରିଦେଇଥିଲି। ବ୍ଲକରେ ୪ବର୍ଷ ହେଲା ବାରମ୍ବାର ପେନଡ୍ରାଇଭ ମାଗି ରଖିନେଉଥିବାରୁ ଓ ଏହାର ଅପବ୍ୟବହାର ହେଉଥିବାରୁ ଗତବର୍ଷ ସେପ୍ଟେମ୍ବର ୨୩ତାରିଖ ବିଡିଓଙ୍କୁ ଲିଖିତ ଜଣାଇଥିଲି। ଏହା ଉପରେ ପଦକ୍ଷେପ ନ ହେବାରୁ ପୁଣି ଅପବ୍ୟବହାର କରି ଦୁର୍ନୀତି ହୋଇଛି। ଏହା ଉପରେ କାର୍ଯ୍ୟ ଦାୟିତ୍ୱରେ ଥିବା ଜେଇ ରାଜେନ୍ଦ୍ର ବେହେରାଙ୍କୁ ପଚାରିବାରେ ସେ କହିଛନ୍ତି, ମୋତେ କେହି କିଛି ନ ଜଣାଇ ଏପରି କରିଛନ୍ତି। ବିଡ଼ିଓ ଦାୟିତ୍ୱରେ ଥିବା ଜିପିଓ ମୁକ୍ତେଶ୍ୱର ସା ଏବଂ ଏପିଓ ତପନ ପୂଜାରୀ ଅଭିଯୋଗ ପରେ ତଦନ୍ତ ଆରମ୍ଭ କରାଯାଇଛି କହିଛନ୍ତି। ଦୁର୍ନୀତିର ଗନ୍ତାଘର ପାଲଟିଥିବା ବଡ଼ଗାଁ ବ୍ଲକରେ ଗତ ୪ବର୍ଷ ମଧ୍ୟରେ ଅନେକ ସାଂଘାତିକ ଦୁର୍ନୀତି ହୋଇଥିବା ଓ ଏହା ଉପରେ ଅଭିଯୋଗ ସତ୍ତ୍ୱେ ରାଜନୈତିକ ଚାପରେ ଘୋଡ଼ାଇ ଦିଆଯାଉଥିବାର ଦୃଷ୍ଟାନ୍ତ ରହିଛି। ସରପଞ୍ଚ ଏବଂ ଜେଇଙ୍କ ଅଜ୍ଞାତରେ ଯେପରି ଟଙ୍କା ଉଠାଣ ହୋଇଛି ତାକୁ ଦେଖିଲେ ଏଠାରେ ନୀତିନିୟମ ବୋଲି କିଛି ନ ଥିବା ଜଣାପଡୁଛି। ଜିଲାପାଳ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଶ୍ରମିକଙ୍କୁ କାମ ଓ ମଜୁରୀ ମିଳିବା ବଦଳରେ କେତେକ କର୍ମଚାରୀଙ୍କ ପକେଟ ଗରମ କରିବାରେ ସହାୟକ ହେଉଥିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି।

ଜେଇ ଓ ସରପଞ୍ଚଙ୍କ ଅଜ୍ଞାତରେ ହୋଇଛି କାମ

ହକି ଷ୍ଟାଡିୟମ କାମ ନିମ୍ନମାନର

ସମ୍ବଲପୁର,୨।୬(ବ୍ୟୁରୋ)

ସମ୍ବଲପୁର ଜିଲା ଯୁଯୁମୁରା ହାଇସ୍କୁଲ ଖେଳପଡିଆରେ ହକି ଷ୍ଟାଡିୟମ ନିର୍ମାଣାଧୀନ ରହିଛି। ବୁଧବାର ଏକ ବୈଷୟିକ ଦଳ କାମର ମାନ ତଦାରଖ କରୁଥିବା ସମୟରେ ସ୍ଥାନୀୟ ଯୁବକମାନେ ନିମ୍ନମାନର ନେଇ ଅଭିଯୋଗ କରିଥିଲେ। ଆବଶ୍ୟକ ସିମେଣ୍ଟ ମିଶ୍ରଣ କରାଯାଇ ନାହିଁ। ଗେଟି ବଦଳରେ ମେଟାଲରେ କଂକ୍ରିଟ କରାଯାଉଛି। ଫଳରେ ଅଧିକାଂଶ ସ୍ଥାନ ଫାଟି ଆଁ କରିଛି। କାମ ଚାଲୁଥିବା ସମୟରେ ବିଭାଗୀୟ ଅଧିକାରୀ ଓ ମୁଖ୍ୟ ଠିକା କମ୍ପାନୀର କର୍ମଚାରୀ ଅନୁପସ୍ଥିତ ରହୁଛନ୍ତି। ପୂର୍ବରୁ ନିମ୍ନମାନର ହେଉଥିବା ଯୋଗୁ କାମ ବନ୍ଦ କରି ଦିଆଯାଇଥିଲା। ଭୁବନେଶ୍ୱରରୁ କ୍ରୀଡା ବିଭାଗର ଏକ ଟିମ୍ ପରିଦର୍ଶନ କରିଥିଲେ। ସ୍ଥାନୀୟ ଲୋକମାନଙ୍କୁ ନେଇ ଠିକାଦାର ଏକ କମିଟି ଗଠନ କରି କାମ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଡଳେଇ ହେଲେ ପୂର୍ବରୁ ସୂଚନା ଦେବାକୁ କୁହାଯାଇଥିଲା। ହେଲେ ନିର୍ଦ୍ଦେଶ ପାଳନ କରାଯାଉ ନ ଥିବାରୁ ସମ୍ପୃକ୍ତ ଠିକା ସଂସ୍ଥା ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଦାବି କରିଥିଲେ। ଅନ୍ୟପଟେ ବୈଷୟିକ ଟିମ୍ ନିମ୍ନମାନର କାମର ଫଟୋ ଓ ନମୁନା ସଂଗ୍ରହ କରି ଫେରିଛନ୍ତି। ସେମାନେ ଏ ନେଇ ଉଚ୍ଚ ଅଧିକାରୀଙ୍କୁ ଜଣାଇବେ ବୋଲି ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ, ପ୍ରାୟ ୪ କୋଟି ବ୍ୟୟ ଅଟକଳରେ ହକି ଷ୍ଟାଡିୟମ ନିର୍ମାଣ କାମ ଚାଲିଛି। ଦିଲ୍ଲୀର ଏକ ଠିକା ସଂସ୍ଥା ଏହି କାମର ଦାୟିତ୍ୱ ନେଇଛି।

ଯୁଯୁମୁରା ହକି ଷ୍ଟାଡିୟମ କାମ ତଦାରଖ କରୁଛି ବୈଷୟିକ ଟିମ ।

- **ବୈଷୟିକ ଟିମ୍ ପାଖରେ ଅଭିଯୋଗ**
- **ଫଟୋ ଓ ନମୁନା ସଂଗ୍ରହ କଲା ଟିମ୍**

ପଜିଟିଭ୍ ଚିହ୍ନଟ ଲୋକଙ୍କୁ ଭିଟାମିନ୍ କିଟ୍

ସମ୍ବଲପୁର,୨।୬(ବ୍ୟୁରୋ)

ସମ୍ବଲପୁର ଜିଲା ରେଢାଖୋଲ ବିଧାନସଭା କ୍ଷେତ୍ରର ବିଭିନ୍ନ ଗ୍ରାମରେ କୋଭିଡ୍ ନିୟନ୍ତ୍ରଣ ପାଇଁ ବିଶେଷ ପଦକ୍ଷେପ ନିଆଯାଉଛି। ବିଧାନସଭାର ବିଭିନ୍ନ ଗ୍ରାମରେ ଏବେ ସେଲକୋ ସୋଲାର ପାୱାର ସ୍ୱାବ୍ କଲେକ୍ସନ ମୋବାଇଲ ଭ୍ୟାନ ଲୋକଙ୍କ ଘର ନିକଟକୁ ଯାଇ କୋଭିଡ୍ ପରୀକ୍ଷା ପାଇଁ କାର୍ଯ୍ୟ କରୁଛି। ଭ୍ୟାନ କର୍ମଚାରୀଙ୍କୁ ସ୍ଥାନୀୟ ବିଧାୟକ ରୋହିତ ପୂଜାରୀ ନିଜସ୍ୱ ଉଦ୍ୟମରେ ଭିଟାମିନ, ମାସ୍କ, ସାନିଟାଇଜର, ବିସ୍କୁଟ ଥିବା ସ୍ୱତନ୍ତ୍ର କିଟ୍ ପ୍ରଦାନ କରିଛନ୍ତି। ସ୍ୱାବ୍ ପରୀକ୍ଷା କରିବା ପରେ ଯେଉଁମାନେ ପଜିଟିଭ୍ ଚିହ୍ନଟ ହେବେ ସେମାନଙ୍କୁ ତୁରନ୍ତ ଏହି ଭିଟାମିନ କିଟ୍ ପ୍ରଦାନ କରାଯିବ। କୋଭିଡ୍ ଆକ୍ରାନ୍ତ ଏହା ଦ୍ୱାରା ସୁବିଧା ପାଇପାରିବେ ବୋଲି ବିଧାୟକ ପୂଜାରୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଯୁଯୁମୁରା ବ୍ଲକ ବିଜେଡି ସଭାପତି ବିନୋଦ ବଡପଣ୍ଡା, ଓଙ୍କାର ନାୟକ, ଚିତ୍ତ ପଧାନ ପ୍ରମୁଖ ଉପସ୍ଥିତ ଥିଲେ।

୨ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ନିଯୁକ୍ତ

ଝାରସୁଗୁଡ଼ା ଅଫିସ,୨।୬

ଝାରସୁଗୁଡା ଜିଲାରେ ୨ଜଣ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ମଙ୍ଗଳବାର ନିଯୁକ୍ତି ହୋଇଛନ୍ତି। ସେମାନେ ହେଲେ ପ୍ରଦୀପ୍ତ କୁମାର ସା ଓ ସୁଶାନ୍ତ କୁମାର ଘୁଟ। ଏହା ପୂର୍ବରୁ ସା ଲଇକେରା ବିଇଓ ଓ ଘୁଟ ଝାରସୁଗୁଡା ବିଇଓ ଭାବେ କାର୍ଯ୍ୟରତ ଥିଲେ। ଉଭୟ ଅଧିକାରୀ ପଦୋନ୍ନତି ପାଇ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଭାବେ ନିଯୁକ୍ତି ପାଇଛନ୍ତି। ଏହି ୨ ଅଧିକାରୀଙ୍କ ଯୋଗଦାନ ବେଳେ ଜିଲା ଶିକ୍ଷାଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱରେ ଥିବା ସୁନ୍ଦରଗଡ ଜିଲା ଶିକ୍ଷାଧିକାରୀ ପ୍ରମୋଦ ଷଡଙ୍ଗୀ, ଜିଲା ବିଜ୍ଞାନ ସୁପରଭାଇଜର ଜ୍ଞାନରଞ୍ଜନ ମିଶ୍ର, ରାମସା ସୁପରଭାଇଜର୍ ସଦାନନ୍ଦ ଦାସ, ଜିଲା ଶାରୀରିକ ଶିକ୍ଷା ଅଧିକାରୀ ଡମ୍ବରୁଧର ପୂଜାରୀ ଓ ସଦାନନ୍ଦ ପ୍ରଧାନ, ଜିଲା ମାଧ୍ୟମିକ ଶିକ୍ଷକ ସଂଘ, ଜିଲା ପ୍ରାଥମିକ ଶିକ୍ଷକ ସଂଘ ଓ ବ୍ଲକ୍ ଶିକ୍ଷକ ସଂଘର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ ।

୨ଜଣ ଅତିରିକ୍ତ ଜିଲା ଶିକ୍ଷାଧିକାରୀଙ୍କୁ ସ୍ୱାଗତ କରାଯାଉଛି ।

ସଂକ୍ରମଣ ଭୟରେ କାନ୍ଧ ଦେଲେ ନାହିଁ ପାଖପଡ଼ୋଶୀ

ଦେବଗଡ଼,୨।୬(ଡି.ଏନ.ଏ): ଜଣେ କରୋନା ସଂକ୍ରମିତଙ୍କ ଶବଦାହ ପାଇଁ ପାଖପଡୋଶୀ ପଛଘୁଞ୍ଚା ଦେବାରୁ ଶବଦାହରେ ଭାଜପା ଯୁବ ମୋର୍ଚ୍ଚାର କର୍ମୀମାନେ ସହାୟତା କରିଥିବା ଜଣାପଡିଛି। ଖବର ମୁତାବକ ଦେବଗଡ଼ ସହରର ଜଣାଶୁଣା ବ୍ୟବସାୟୀ ସନ୍ଦିପ ଅଗ୍ରୱାଲା କରୋନାରେ ସଂକ୍ରମିତ ହୋଇ ସମ୍ବଲପୁରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ୍ୟୁ ପରେ ସମ୍ପର୍କୀୟ ଭାଇମାନେ ତାଙ୍କର ମୃତଦେହ ସଂସ୍କାର ନିମନ୍ତେ ଦେବଗଡ ଆଣିଥିଲେ। ମାତ୍ର ସଂକ୍ରମଣ ଭୟରେ ପାଖପଡୋଶୀ ଓ ସମାଜ ଲୋକେ କାନ୍ଧ ଦେବାକୁ ପଛଘୁଞ୍ଚା ଦେବାରୁ ମୃତଦେହକୁ ଆମ୍ବୁଲାନ୍ସ ଯୋଗେ ପ୍ରଧାନପାଟ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା। ଶବଦାହରେ ଭାଜପା ଯୁବମୋର୍ଚ୍ଚା କର୍ମୀମାନେ ସହଯୋଗ କରିଥିଲେ। ମୃତ ସନ୍ଦୀପଙ୍କ ଜଣେ ସମ୍ପର୍କୀୟ ଭାଇ ଅରୁଣ ଗୋଏଲ ଏବଂ ମାରୱାଡି ଯୁବାମଞ୍ଚର ସଭାପତି ମନିଶ ଅଗ୍ରୱାଲା ଏଥିପାଇଁ ଫୋନ ଯୋଗେ ସ୍ୱେଚ୍ଛାସେବୀ ତଥା ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁଧୀର ବ୍ରହ୍ମାଙ୍କର ସହଯୋଗ ଲୋଡିଥିଲେ। ଫୋନକଲ ପାଇ ବ୍ରହ୍ମା ତାଙ୍କର ସାଥୀ ତଥା ଭାଜପା ଯୁବମୋର୍ଚ୍ଚା କର୍ମୀ ଦୟାଶଙ୍କର ଦ୍ୱିବେଦୀ ଓ ମୋହନ ନାୟକଙ୍କ ସହ ସ୍ୱର୍ଗଦ୍ୱାରକୁ ଯାଇ ସନ୍ଦିପଙ୍କ ସମ୍ପର୍କୀୟ ଭାଇ ଅରୁଣ ଗୋଏଲ ଓ ସୁଧିର ଗୋଏଲଙ୍କ ସହ ସନ୍ଦୀପଙ୍କର ଶବଦାହରେ ସହାୟତା କରିଥିଲେ।

ବେଆଇନ ଦେଶୀ ମଦ, ମହୁଲ ପୋଚ ଜବତ: ୫ ଗିରଫ

ଅବକାରୀ ବିଭାଗ ପକ୍ଷରୁ ଚଢାଉ କରାଯାଇ ମଦ ଜବତ ହୋଇଛି।

ଦେବଗଡ଼,୨।୬(ଡି.ଏନ.ଏ)

ଦେବଗଡ଼ ଅବକାରୀ ବିଭାଗ ପକ୍ଷରୁ ବୁଧବାର ଦେବଗଡ଼ ଥାନା ଅନ୍ତର୍ଗତ ଗୁଣ୍ଡେଇମରା ଗ୍ରାମରେ ଚଢାଉ କରାଯାଇ ୨୭ଲିଟର ଦେଶୀ ମହୁଲୀ ମଦ ଓ ୩୬୦ କିଲୋ ମହୁଲ ପୋଚ ଜବତ କରାଯାଇଛି। ଏହାସହ ୫ଜଣଙ୍କୁ ଗିରଫ କରାଯାଇଛି। ଖବର ମୁତାବକ ଗୁଣ୍ଡେଇମରା ଗ୍ରାମରେ ବେଆଇନ ମଦ କାରବାର ଚାଲିଥିବା କୌଣସି ସୂତ୍ରରୁ ସୂଚନା ପାଇ ସେଠାରେ ଚଢାଉ କରିବାକୁ ଦେବଗଡ ଜିଲାପାଳ ସୁଧାଂଶୁ ମୋହନ ସାମଲ ଦେବଗଡ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଏହିନିର୍ଦ୍ଦେଶ ଅନୁଯାୟୀ ଦେବଗଡ଼ ଅବକାରୀ ଅଧୀକ୍ଷକ ଅଜିତ କୁମାର ମହାପାତ୍ରଙ୍କ ତତ୍ତ୍ୱାବଧାନ ଓ ଇନ୍ସପେକ୍ଟର ପଦ୍ମଲୋଚନ ପ୍ରଧାନଙ୍କ ନେତୃତ୍ୱରେ ଉକ୍ତ ଗ୍ରାମରେ ସଦଳବଳେ ଚଢାଉ କରାଯାଇଥିଲା। ନବାତି କିଷାନଙ୍କ ଘରୁ ୫ ଲିଟର ଦେଶୀ ମଦ ଓ ୭୦ କିଲୋ ମହୁଲ ପୋଚ, ବିଭୂତି ବାଘଙ୍କ ଘରୁ ୬୦ କିଲୋ ମହୁଲ ପୋଚ, ରାଧି କିଷାନଙ୍କ ଘରୁ ୧୦୦କିଲୋ ମହୁଲ ପୋଚ ଓ ୮ ଲିଟର ଦେଶୀ ମଦ, ଶିବତିଳା ଦେହୁରୀଙ୍କ ଘରୁ ୬୦ କିଲୋ ମହୁଲ ପୋଚ ଓ ୭ ଲିଟର ମହୁଲୀ ମଦ ଏବଂ ନମିତା କିଷାନଙ୍କ ଘରୁ ୧୦୦ କିଲୋ ମହୁଲ ପୋଚ ଓ ୭ ଲିଟର ମହୁଲୀ ମଦ ଜବତ କରାଯାଇଥିଲା। ବେଆଇନ ମଦ କାରବାର ଅଭିଯୋଗରେ ଗିରଫ କରାଯାଇଛି। ଏହି ଚଢାଉରେ ଅନ୍ୟମାନଙ୍କ ମଧ୍ୟରେ ଅବକାରୀ ସବ୍‌ଇନ୍ସପେକ୍ଟର ସିଦ୍ଧେଶ୍ୱର ନାୟକ, ଏ.ଏସ୍.ଆଇ. ପଦ୍ମା ମୁଣ୍ଡା, ବାଦଲ ବ୍ରହ୍ମା, ଲୋକନାଥ ବେହେରା ଓ ମଥୁରା ମୋହନ ପ୍ରଧାନଙ୍କ ସମେତ ବହୁ ଅବକାରୀ କର୍ମଚାରୀ ଅଂଶଗ୍ରହଣ କରିଥିଲେ ।

କଂଗ୍ରେସ ପକ୍ଷରୁ ଅସହାୟଙ୍କୁ ଶୁଖିଲା ଖାଦ୍ୟ ବଣ୍ଟନ

ଝାରସୁଗୁଡ଼ା ଅଫିସ,୨।୬

ଝାରସୁଗୁଡା ଜିଲା କଂଗ୍ରେସ ପକ୍ଷରୁ ପୌରାଞ୍ଚଳର ଅସହାୟ ଲୋକଙ୍କୁ ପ୍ରତି ମଙ୍ଗଳବାର ସୁଖାଖାଦ୍ୟ ବଣ୍ଟନ କରାଯାଉଛି। ଚାଉଳ, ଡାଲି, ତେଲ, ଲୁଣ, ଆଳୁ ଓ ପିଆଜ ଆଦିକୁ ପ୍ୟାକେଟ୍ କରି ଦଳୀୟ କର୍ମୀମାନେ ଘରକୁଘର ବୁଲି ଅସହାୟ ଲୋକଙ୍କୁ ବାଣ୍ଟୁଛନ୍ତି। ଏହି କାର୍ଯ୍ୟକ୍ରମ ଗତ ସପ୍ତାହରୁ ଆରମ୍ଭ ହୋଇଛି। ଆଗକୁ ଝାରସୁଗୁଡା ପରିବର୍ତ୍ତେ ବ୍ରଜରାଜନଗର ଓ ବେଲପାହାଡ ପୌରାଞ୍ଚଳରେ ଆରମ୍ଭ ହେବବୋଲି ଜିଲା ସାଧାରଣ ସମ୍ପାଦକ ମନିଷ ବାଜପେୟୀ କହିଛନ୍ତି। କାର୍ଯ୍ୟକ୍ରମରେ ଜିଲା କମିଟି ସଭାପତି ଭରତ ଅଗସ୍ତୀ, ସାଧରଣ ସମ୍ପାଦକ ବାଜପେୟୀ, ସମ୍ପାଦକ ସମିଦ୍ ପଟେଲ, କୋଷାଧ୍ୟକ୍ଷ ବରୁଣ ଓଡାକା, ଝାରସୁଗୁଡା ଟାଉନ୍ ସଭାପତି ସଞ୍ଜୟ

୫ ଟ୍ରିଲିୟନ ଡଲାର ଜିଡିପି ଲକ୍ଷ୍ୟ କଷ୍ଟସାଧ୍ୟ

ନୂଆଦିଲ୍ଲୀ,୨।୬

ଆର୍ଥିକ ବର୍ଷ ୨୦୨୦-୨୧ରେ ଭାରତୀୟ ଅର୍ଥ ବ୍ୟବସ୍ଥାକୁ ୮୩ ବିଲିୟନ ଡଲାରର କ୍ଷତି ସହିବାକୁ ପଡ଼ିଛି। ଏହି ଅବଧିରେ ଦେଶର ମୋଟ ଘରୋଇ ଉତ୍ପାଦ(ଜିଡିପି) ୭.୩% ଖସିଛି। ୨୦୨୫ ଯାଏ ଭାରତୀୟ ଅର୍ଥ ବ୍ୟବସ୍ଥାକୁ ୫ ଟ୍ରିଲିୟନ(ଲକ୍ଷ କୋଟି) ଡଲାର ଅର୍ଥ ବ୍ୟବସ୍ଥାରେ ରୂପାନ୍ତରିତ କରିବା ଲାଗି ସରକାର ଲକ୍ଷ୍ୟ ରଖିଛନ୍ତି। ଏହି ଲକ୍ଷ୍ୟ ହାସଲ କରିବା ବର୍ତ୍ତମାନ ଏକ ପ୍ରକାର ଅସମ୍ଭବ ବ୍ୟାପାର ବୋଲି ବଜାର ବିଶେଷଜ୍ଞମାନେ ମତ ପ୍ରକାଶ କରିଛନ୍ତି। କରୋନା ପୂର୍ବରୁ ଭାରତର ଜିଡିପିରେ ହ୍ରାସ ପରିଲକ୍ଷିତ ହୋଇଥିଲା। କରୋନା ମହାମାରୀ ସମସ୍ୟାକୁ ଆହୁରି ଜଟିଳ କରିଦେଇଛି। ଏହା ପୂର୍ବରୁ ୨୦୧୮ରେ ଭାରତର ଅଭିବୃଦ୍ଧି ନିମ୍ନଗାମୀ ହୋଇଚାଲିଛି। ଫଳରେ ସଞ୍ଚୟ ଏବଂ ନିବେଶ କ୍ଷେତ୍ରରେ ସୁଧହାର ହ୍ରାସ ହୋଇଛି। ବଜାର ବିଶେଷଜ୍ଞ କହିଛନ୍ତି, ବିମୁଦ୍ରୀକରଣ ଏବଂ ଜିଏସ୍‌ଟି କାର୍ଯ୍ୟକାରୀର ପ୍ରଭାବ ବଜାର ଉପରେ ପଡିଛି।

ବଜାର ବର୍ତ୍ତମାନ ସଙ୍କଟ ସ୍ଥିତି ଦେଇ ଗତି କରୁଥିବା ବେଳେ ସମସ୍ୟା ଏତେ ଶୀଘ୍ର ସମାଧାନ ହେବ ନାହିଁ କୁହାଯାଉଛି। କାରଣ କରୋନାର ଦୁଇଟି ଲହର ବଜାରକୁ ଆହୁରି ଚାପଗ୍ରସ୍ତ କରି

୨୨% ହାରରେ ଅଭିବୃଦ୍ଧି ଆବଶ୍ୟକ

ଦେଇଛି। ଦେଶ ମଧ୍ୟରେ ବେରୋଜଗାରୀ ବଢିବା ସହ ବ୍ୟବସାୟ କ୍ଷତି, ଲୋକଙ୍କ ସଞ୍ଚୟ ଏବଂ ଖର୍ଚ୍ଚ ଗଭୀର ଭାବେ କ୍ଷତିଗ୍ରସ୍ତ ହୋଇଛି। ଏଭଳି ସ୍ଥିତିରେ ଅର୍ଥ ବ୍ୟବସ୍ଥାରେ ସୁଧାର, ଲୋକଙ୍କୁ ରୋଜଗାର ଦେବା, ନିବେଶ ଏବଂ ସଞ୍ଚୟ ଧାରା ଠିକ୍ କରିବାରେ ସମୟ ଲାଗିବ। ଅର୍ଥନୀତିଜ୍ଞଙ୍କ କହିବା ମୁତାବକ, ଚଳିତ ଆର୍ଥିକ ବର୍ଷ ଦ୍ୱିତୀୟାର୍ଦ୍ଧରେ ଜିଡିପି ସୁଧାର ପଥକୁ ଫେରିପାରେ। ୨୦୧୨ ପରଠାରୁ ଭାରତୀୟ ଅର୍ଥ ବ୍ୟବସ୍ଥାରେ ବୃଦ୍ଧି ପରିଲକ୍ଷିତ ହୋଇଥିଲା। ଏହି ସମୟରେ ଜିଡିପି ୫.୫% ବଢିଥିଲା। ସେହିଭଳି ୨୦୧୩-୨୪ରେ ୬.୪%, ୨୦୧୪-୧୫ରେ ୭.୪%, ୨୦୧୫-୧୬ରେ ୮% ଜିଡିପି ରହିଥିଲା। ୨୦୧୬-୧୭ରେ ଜିଡିପି ୮.୩% ଥିବା ବେଳେ ଏହାର ପର ଆର୍ଥିକ ବର୍ଷରେ ଏହା ୬.୮%କୁ ଖସିଥିଲା। ୨୦୧୮-୨୯ରେ ଜିଡିପି ୬.୫% ରହିଲା। ଯାହା ୨୦୧୯-୨୦ରେ ୪%କୁ ଖସିଆସିଲା। ଗତ ଆର୍ଥିକ ବର୍ଷରେ ଜିଡିପି ୭.୩% ଖସିଛି। ଏହା ୪୦ ବର୍ଷର ସବୁଠାରୁ ସର୍ବନିମ୍ନ ସ୍ତର।

୨୦୨୫ ଯାଏ ୫ ଟ୍ରିଲିୟନ ଡଲାର ଜିଡିପି ହାସଲ କାହିଁକି କଷ୍ଟସାଧ୍ୟ ସେ ଉପରେ ନଜର ପକାଇଲେ ଜଣାପଡିବ ଯେ, କରୋନା ଯୋଗୁ ଜିଡିପିକୁ ପ୍ରାୟ ୧୦ ଲକ୍ଷ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଛି। ଆଗାମୀ ୩ବର୍ଷରେ ଭାରତକୁ ବାର୍ଷିକ ୨୫% ହିସାବରେ ଜିଡିପି ଅଭିବୃଦ୍ଧି ହାସଲ କରିବାକୁ ପଡ଼ିବ। ଏହା ହେଲେ ଯାଇ ଧାର୍ଯ୍ୟ ଲକ୍ଷ୍ୟ ହାସଲ କରିହେବ। ମାତ୍ର ଏହା ହାସଲ କରିବା କଷ୍ଟକର। କାରଣ ଭାରତ ଅଦ୍ୟାବଧି ଏହି ହାରରେ କେବେ ଅଭିବୃଦ୍ଧି ହାସଲ କରିବାକୁ ସକ୍ଷମ ହୋଇନାହିଁ। କରୋନା ସଙ୍କଟ ଏବେ ଚଳିନାହିଁ। ଆଗକୁ ଯଦି ତୃତୀୟ ଏବଂ ଚତୁର୍ଥ ଲହର ଆସେ ତେବେ ଭାରତ ପାଇଁ ଏହା ଆହୁରି ବଡ଼ ଆହ୍ୱାନ ହେବ। ବିଶେଷଜ୍ଞ କୁହନ୍ତି, ସବୁ କିଛି ପରେ ଯଦି ଅର୍ଥ ବ୍ୟବସ୍ଥା ଚଳିତ ବର୍ଷ ଟ୍ରାକ୍‌କୁ ଆସିଯାଏ ତେବେ ୨୫% ଅଭିବୃଦ୍ଧି କିଭଳି ହାସଲ କରିବ। ବିଶ୍ୱର ଅନ୍ୟ ପ୍ରମୁଖ ଅର୍ଥ ବ୍ୟବସ୍ଥାଗୁଡ଼ିକ କରୋନା କ୍ଷତି ପହଞ୍ଚାଇଛି। ଏଭଳି ସ୍ଥିତିରେ ଚଳିତ ଆର୍ଥିକ ବର୍ଷରେ ଭାରତର ଜିଡିପି ପ୍ରାୟ ୯% ବୃଦ୍ଧି ହେବ ବୋଲି ଆକଳନ କରାଯାଇଛି।

ଆର୍‌ବିଆଇ ଏମ୍‌ପିସି ବୈଠକ ଆରମ୍ଭ

ନୂଆଦିଲ୍ଲୀ,୨।୬: ରିଜର୍ଭ ବ୍ୟାଙ୍କ ଅଫ୍ ଇଣ୍ଡିଆ(ଆର୍‌ବିଆଇ)ର ମୁଦ୍ରାନୀତି କମିଟି(ଏମ୍‌ପିସି) ବୈଠକ ବୁଧବାରଠାରୁ ଆରମ୍ଭ ହୋଇଛି। ଗଭର୍ନର ଶକ୍ତିକାନ୍ତ ଦାସଙ୍କ ଅଧ୍ୟକ୍ଷତାରେ ବସିଥିବା ଏହି ବୈଠକ ୪ ଜୁନ୍‌ରେ ଏହାର ନିଷ୍ପତ୍ତି ସମ୍ପର୍କରେ ଘୋଷଣା କରିବ। ଚଳିତ ଥର ରିଜର୍ଭ ବ୍ୟାଙ୍କ ରେପୋ ସମେତ ଅନ୍ୟ କୌଣସି ହାରରେ ପରିବର୍ତ୍ତନ କରିବ ନାହିଁ ବୋଲି କୁହାଯାଉଛି। ଉଲ୍ଲେଖଯୋଗ୍ୟ, ଏପ୍ରିଲରେ ମଧ୍ୟ ଏମ୍‌ପିସି ରେପୋ ହାରରେ କୌଣସି ପରିବର୍ତ୍ତନ କରି ନ ଥିଲା। ଯଦି ଚଳିତ ଥର ମଧ୍ୟ ରେପୋରେ କୌଣସି ପରିବର୍ତ୍ତନ ନ ହୁଏ ତେବେ ୬ ଥର ପାଇଁ ରେପୋ ହାର ଅପରିବର୍ତ୍ତିତ ରହିବ। କରୋନା ଯୋଗୁ ବଜାର ବର୍ତ୍ତମାନ ଆହ୍ୱାନପୂର୍ଣ୍ଣ ରହିଛି। ସେହିଭଳି ଦରଦାମ ବୃଦ୍ଧି ଭଳି ପ୍ରସଙ୍ଗକୁ ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କ ନଜରରେ ରଖି ସ୍ଥିତାବସ୍ଥା ବଜାୟ ରଖିବ ବୋଲି କୁହାଯାଉଛି। ବର୍ତ୍ତମାନ ରେପୋ ୪% ହାରରେ ରହିଛି। ସେହିଭଳି ରିଭର୍ସ ରେପୋ ୩.୫% ହାରରେ ରଖାଯାଇଛି।

ତେଲ ଦରରୁ ଏବେ ମିଳିବନି ଆଶ୍ୱସ୍ତି

୨ରୁ ୩ ଟଙ୍କା ବଢ଼ିପାରେ ଦର

ନୂଆଦିଲ୍ଲୀ,୨।୬: କରୋନା କାଳରେ ଲୋକମାନେ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ବୃଦ୍ଧି ଜନିତ ଚିନ୍ତାରେ ରହିଛନ୍ତି। ଦେଶର ବିଭିନ୍ନ ରାଜ୍ୟରେ ତେଲ ଦର ବର୍ତ୍ତମାନ ୧୦୦ ଟଙ୍କା ଛୁଇଁଛି। ଆଗାମୀ ଦିନରେ ମଧ୍ୟ ଲୋକମାନେ ତେଲ ଦର ବୃଦ୍ଧିରୁ ଆଶ୍ୱସ୍ତି ପାଇବେନାହିଁ ବୋଲି କୁହାଯାଉଛି। ଆଗାମୀ ଦିନରେ ତେଲ ଦର ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତେଲ ଦର ବୃଦ୍ଧି ହେଲେ ଏହାର ପ୍ରଭାବ ଘରୋଇ ବଜାର ଉପରେ ତ୍ୱରିତ ଭାବେ ପଡ଼ିଥାଏ। ବିଦେଶୀ ବଜାରରେ ଅଶୋଧିତ ତେଲର ବ୍ୟାରେଲ ପିଛା ଦର ବର୍ତ୍ତମାନ ୭୦ ଡଲାର ଛୁଇଁଛି।

ଆଇଆଇଏଫ୍‌ଏଲ୍ ସିକ୍ୟୁରିଟିଜର ଉପସଭାପତି ଅନୁଜ ଗୁପ୍ତା କହିଛନ୍ତି, ଆମେରିକା ଅର୍ଥ ବ୍ୟବସ୍ଥା ବର୍ତ୍ତମାନ ପ୍ରାୟ ଖୋଲି ସାରିଛି। ୟୁରୋପୀୟ ଦେଶଗୁଡିକରେ ଜନଜୀବନ ସ୍ୱାଭାବିକ ହେଉଛି। ଫଳରେ ପେଟ୍ରୋଲିୟମ ସାମଗ୍ରୀର ଚାହିଦା ବଢିଚାଲିଛି। ମଙ୍ଗଳବାର ଅଶୋଧିତ ତେଲ ଦର ବୃଦ୍ଧି ହେବା ଯୋଗୁ ଏହା ୨ ବର୍ଷର ସର୍ବୋଚ୍ଚ ସ୍ତର ଛୁଇଁଛି। ଫଳରେ ଆଗାମୀଦିନରେ ପେଟ୍ରୋଲ ଡିଜେଲ ଦର ୨ ଟଙ୍କା ପର୍ଯ୍ୟନ୍ତ ମହଙ୍ଗା ହେବା ନେଇ ଆଶଙ୍କା କରାଯାଉଛି। ଲକ୍‌ଡାଉନ ଖୋଲିବା ପରେ ବିଭିନ୍ନ ଦେଶରେ ତେଲ ଚାହିଦା ବଢ଼ିଛି।

ଟିପିସିଓଡିଏଲ୍‌ର ପ୍ରଥମ ବର୍ଷ ପୂର୍ତ୍ତି

ଭୁବନେଶ୍ୱର,୨।୬: ଟାଟା ପାୱାରର ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ ଲିମିଟେଡ୍ ପକ୍ଷରୁ ଓଡ଼ିଶାରେ କାରବାର ପରିଚାଳନା କରିବାର ପ୍ରଥମ ବର୍ଷ ପୂର୍ତ୍ତି ପାଳନ କରାଯାଇଛି। ଗ୍ରାହକମାନଙ୍କୁ ନିରନ୍ତର, ସୁଲଭ ଓ ଅଭିନବ ଶକ୍ତି ସମାଧାନ ନିୟମିତ ଭାବେ ପ୍ରଦାନ କରିବାରେ ନିରନ୍ତର ଉଦ୍ୟମ ଜାରି ରଖିଥିବା କମ୍ପାନୀ କହିଛି। ଟିପିସିଓଡିଏଲ୍ ପକ୍ଷରୁ ୨.୬ ଲକ୍ଷ ଖରାପ ମିଟର ବଦଳାଇ ଦିଆଯାଇଛି। କମ୍ପାନୀ ପ୍ରତିଷେଧମୂଳକ ସମ୍ଭାବ୍ୟ ରକ୍ଷଣାବେକ୍ଷଣ ଉପରେ ଧ୍ୟାନ ଦେଉଛି। ଏହି ଅବଧି ମଧ୍ୟରେ କମ୍ପାନୀ ପକ୍ଷରୁ କଟକ ଓ ପୁରୀରେ ଦୁଇଟି ସମ୍ପୂର୍ଣ୍ଣ ଭାବେ ମହିଳାଙ୍କ ଦ୍ୱାରା ପରିଚାଳିତ ଗ୍ରାହକ ସେବା କେନ୍ଦ୍ର ସମେତ ୫ଟି ଗ୍ରାହକ ସେବା କେନ୍ଦ୍ର ସ୍ଥାପନ କରିବା ଭଳି ଅନେକ ଗ୍ରାହକ କୈନ୍ଦ୍ରିକ ପଦକ୍ଷେପ ଗ୍ରହଣ କରାଯାଇଛି। ଏହା ବ୍ୟତୀତ ନୂଆ ବିଲ୍ ଫର୍ମାଟ୍, ଶୂନ ବକେୟା ସହିତ ଅନ୍ୟାନ୍ୟ ଡିଜିଟାଲ ପମେଣ୍ଟ ଏବଂ ଅଭିଯୋଗର ସମାଧାନ କରିବାର ଉଚ୍ଚ ସଫଳତା ହାର ହାସଲ କରିଛି। ଟାଟା ପାୱାର ଟିଆଣ୍ଡଡି, ସଞ୍ଜୟ ବାଙ୍ଗା, କହିଛନ୍ତି ଯେ, ଓଡ଼ିଶା ବଣ୍ଟନର ପ୍ରଥମ ବର୍ଷକୁ ପାଳନ କରୁଥିବାରୁ ଆମେ ଉଲ୍ଲସିତ।

ଶଟ୍‌ଡାଉନରେ ବ୍ୟାଙ୍କ ବନ୍ଦ ରହୁ: ସଂଘ

ଭୁବନେଶ୍ୱର,୨।୬: କରୋନା ନିୟନ୍ତ୍ରଣ ପାଇଁ ସରକାର ଲକଡାଉନ ଅବଧି ବୃଦ୍ଧି ସହ ଶନିବାର ଏବଂ ରବିବାର ଶଟ୍‌ଡାଉନ ନିଷ୍ପତ୍ତି ନେଇଛନ୍ତି। ଏସ୍‌ଆର୍‌ସି ଏବଂ ରାଜ୍ୟ ଅର୍ଥ ବିଭାଗର ନିର୍ଦ୍ଦେଶନାମା ଅନୁସାରେ ବ୍ୟାଙ୍କ ଖୋଲିବା ନିମନ୍ତେ କୌଣସି ନିର୍ଦ୍ଦିଷ୍ଟ ଘୋଷଣା କରାଯାଇନାହିଁ। ଲକଡାଉନ ସମୟରେ ବ୍ୟାଙ୍କ ମାସରେ ୨ଟି ଶନିବାର ଖୋଲା ରହିବାରୁ କର୍ମଚାରୀ ଏବଂ ସେମାନଙ୍କ ପରିବାର କରୋନାରେ ଆକ୍ରାନ୍ତ ହେଉଛନ୍ତି। ଏଭଳି ଘଟଣାକୁ ନଜରରେ ରଖି ଆସନ୍ତା ୫ ତାରିଖ ଶନିବାରକୁ ବ୍ୟାଙ୍କ ଛୁଟିଦିନ ଘୋଷଣା କରିବାକୁ ସର୍ବଭାରତୀୟ ବ୍ୟାଙ୍କ ଅଫିସର୍ସ ମହାସଂଘ ପକ୍ଷରୁ ଦାବି କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ପ୍ରତି ଶନିବାର ଶଟ୍‌ଡାଉନ ଯୋଗୁ ସମସ୍ତ ସରକାରୀ, ବେସରକାରୀ ଏବଂ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ ରହୁଥିବା ବେଳେ ବ୍ୟାଙ୍କଗୁଡିକୁ ଖୋଲିବାର ଯଥାର୍ଥତା ନାହିଁ। ସେହିଭଳି ଗମନାଗମନ ବନ୍ଦ ଥିବାରୁ ଗତ ୨ ଶନିବାର ମାତ୍ର ୨% ଗ୍ରାହକ ବ୍ୟାଙ୍କକୁ ଆସୁଛନ୍ତି। ଏଣୁ ଏଭଳି ସ୍ଥିତିରେ ଶନିବାର ବ୍ୟାଙ୍କ ବନ୍ଦ ରଖା ଗଲେ କର୍ମଚାରୀଙ୍କୁ ମଧ୍ୟ କରୋନା ସଂକ୍ରମଣରୁ ରକ୍ଷା କରାଯାଇପାରନ୍ତା। ଅଫିସର ସଂଘର ସଭାପତି ଦାମୋଦର ନନ୍ଦ, ସମ୍ପାଦକ ସବ୍ୟସାଚୀ ସ୍ୱାଇଁ ପ୍ରମୁଖ ରାଜ୍ୟ ସରକାରଙ୍କୁ ଆସନ୍ତା ୫ ତାରିଖ ଶନିବାରକୁ ବ୍ୟାଙ୍କ ଛୁଟି ଘୋଷଣା କରିବାକୁ ଅନୁରୋଧ କରିଛନ୍ତି।

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଅଧିସୂଚନା

No. RDM-LAA-MBJ-0025-2021-10629/R&DM, **Dated: 26 Mar. 2021**

No. XXI-38: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ମୟୂରଭଞ୍ଜ ଜିଲ୍ଲାର ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲ ନିର୍ମାଣ ନିମନ୍ତେ ସରକାର ସରକାରୀ ବ୍ୟୟରେ ମୌଜା: ଦୁର୍ଗାପୁର, ଥାନା: ବୈଶିଙ୍ଗା ନଂ. ୧୩୪, ତହସିଲ: ବେତନଟି, ଜିଲ୍ଲା: ମୟୂରଭଞ୍ଜରେ ନିମ୍ନ ତଫସିଲ ମତେ ପ୍ରାୟ ଏ.୨.୦୪ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଅଛି।

ତେଣୁ ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ (RFCTLAR & R Act, 2013)ର ୧୧(୧) ଧାରାରେ ଭାରପ୍ରାପ୍ତ ହୋଇ ସରକାର ଏତଦ୍ୱାରା ନିମ୍ନ ଅନୁସୂଚୀରେ ପ୍ରଦତ୍ତ ଜମି ଅଧିଗ୍ରହଣ ପାଇଁ ପ୍ରାରମ୍ଭିକ ଅଧିସୂଚନା ଜାରି କରାଯାଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥିସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

ଯଦି ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଥାଏ, ସେ ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ସମ୍ପୃକ୍ତ ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ପ୍ରକଳ୍ପ ସମ୍ବନ୍ଧୀୟ ବିବରଣୀ

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ: ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲ ନିର୍ମାଣ ନିମନ୍ତେ।
୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ: ନିର୍ବାହୀ ଯନ୍ତ୍ରୀ, ବୈଶିଙ୍ଗା କେନାଲ ଡିଭିଜନ, ଲକ୍ଷ୍ମୀପୋଷୀ, ମୟୂରଭଞ୍ଜ।
୩. କ୍ଷତିଗ୍ରସ୍ତ ଲୋକଙ୍କ ବିଜ୍ଞାପନ ଆବଶ୍ୟକତାର କାରଣ: ସାର୍ବଜନୀନ ଉଦ୍ଦେଶ୍ୟରେ ଜଳସେଚନ ପ୍ରକଳ୍ପ କାର୍ଯ୍ୟକାରୀ କରିବା।
୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ - ଉକ୍ତ ପ୍ରକଳ୍ପ ପାଇଁ ପ୍ରଯୁଜ୍ୟ ନୁହେଁ।
୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ - ଉପ-ଜିଲ୍ଲାପାଳ, ବାରିପଦା, ମୟୂରଭଞ୍ଜ।
୬. ଜମିର ବିବରଣୀ:

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ ନଂ.	ପ୍ଲଟର ମୋଟ ରକବା	ଅଧିସୂଚିତ ଜମିର ରକବା	ରୟତଙ୍କ ନାମ
ମୟୂରଭଞ୍ଜ	ବେତନଟୀ	ଦୁର୍ଗାପୁର	ଗ୍ରାମାଞ୍ଚଳ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏ.୮.୧୪	ଏ.୨.୦୪	ଏଥି ସହିତ ସଂଲଗ୍ନ

• ଉକ୍ତ ଅଧିସୂଚିତ ଜମି ରକବା ମଧ୍ୟରୁ ଏ.୦.୩୨ ସଂରକ୍ଷିତ ସରକାରୀ ଜମି ପ୍ରତିବଦଳ ପାଇଁ ଉଦ୍ଦିଷ୍ଟ।

ଉକ୍ତ ଭୂମିର ଏକ ନକ୍ସା ଭୂ-ଅର୍ଜନ ମହାମଣ୍ଡଳ ଅଧିକାରୀ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ, ବାରିପଦାସ୍ଥିତ ମୟୂରଭଞ୍ଜଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ମୟୂରଭଞ୍ଜ ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./- ଅଭୟ କୁମାର ନାୟକ
ଅତିରିକ୍ତ ଶାସନ ସଚିବ

ଭୂମି ଅନୁସୂଚୀ

ଭୂ-ଅର୍ଜନ ମାମଲା ସଂଖ୍ୟା- ୩୧/୨୦୨୦
ଏ.୨.୦୪ଡି.

ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ବୈଶିଙ୍ଗା ଶାଖା କେନାଲ ନିମନ୍ତେ
ମୌଜା: ଦୁର୍ଗାପୁର, ଥାନା: ବୈଶିଙ୍ଗା ନଂ. ୧୩୪, ତହସିଲ: ବେତନଟୀ, ଜିଲ୍ଲା: ମୟୂରଭଞ୍ଜ

ଖାତା ନଂ. ଓ ସ୍ୱତ୍ୱ	ପ୍ଲଟ ନଂ.	ମୋଟ ରକବା	ଆକ୍ୟୁଆର ରକବା	କିସମ	ରୟତଙ୍କ ନାମ, ପିତା, ଜାତି ଓ ବାସସ୍ଥାନ
୧	୨	୩	୪	୫	୬
୬	୬୫୪	୦.୩୫	୦.୦୫	ଶାରଦ ଅଣ ଜଳସେଚିତ ତିନି	ଅଜୟ କୁମାର ପ୍ରଧାନ, ପି.- ଭୀମଚରଣ ପ୍ରଧାନ, ଜା: ଖଣ୍ଡାୟତ, ବା: ନିଜଗାଁ
୧୬	୬୦୨	୦.୨୧	୦.୧୪	ଶାରଦ ଅଣ ଜଳସେଚିତ ତିନି	ଅଭିମନ୍ୟୁ ସେନାପତି, ସନ୍ନ୍ୟାସୀ ସେନାପତି, ପ୍ରଦୀପ କୁମାର ସେନାପତି, ପ୍ରଭାକର ସେନାପତି, ଚନ୍ଦ୍ରମୋହନ ସେନାପତି, ପି.- ପ୍ରାଣକୃଷ୍ଣ ସେନାପତି, ଜା: ଖଣ୍ଡାୟତ, ବା: ନିଜଗାଁ
୧୯	୩୪୦	୦.୨୯	୦.୧୦	ଶାରଦ ଅଣ ଜଳସେଚିତ ତିନି	ଇନ୍ଦିରା ପଣ୍ଡା, ପି.- ଦାମୋଦର ପଣ୍ଡା, ଜା: ବ୍ରାହ୍ମଣ, ବା: ବଇଶିଙ୍ଗା
୨୩	୩୩୩	୦.୨୬	୦.୧୫	ଶାରଦ ଅଣ ଜଳସେଚିତ ତିନି	ଉମାମଣି ଜେନା, ପି.- କାଦୁଆ ବିଶ୍ୱାଳ, ଜା: ଖଣ୍ଡାୟତ, ବା: ନିଜଗାଁ
୪୯	୬୫୬	୦.୩୫	୦.୦୫	ଶାରଦ ଅଣ ଜଳସେଚିତ ତିନି	ଗଙ୍ଗାଧର ନାୟକ, ପି.- କୈଳାସ ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ
୧୧୩	୬୪୪	୦.୩୧	୦.୧୧	ଶାରଦ ଅଣ ଜଳସେଚିତ ଦୁଇ	ପ୍ରାଣକୃଷ୍ଣ ସେନାପତି, ପି.- ପୁରସ୍ତମ ସେନାପତି, ଜା: ଖଣ୍ଡାୟତ, ବା: ନିଜଗାଁ
୧୧୪	୩୩୪	୦.୨୬	୦.୦୩	ଶାରଦ ଅଣ ଜଳସେଚିତ ତିନି	ପ୍ରାଣକୃଷ୍ଣ ସେନାପତି, ଖଗେଶ୍ୱର ସେନାପତି, ପି.- ପୁରସ୍ତମ ସେନାପତି, ଜା: ଖଣ୍ଡାୟତ, ବା: ନିଜଗାଁ
	୩୩୬	୦.୬୬	୦.୧୩	ଶାରଦ ଅଣ ଜଳସେଚିତ ତିନି	
	୫୯୯	୦.୦୩	୦.୦୩	ଶାରଦ ଅଣ ଜଳସେଚିତ ତିନି	
	୬୦୪	୦.୧୮	୦.୦୭	ଶାରଦ ଅଣ ଜଳସେଚିତ ତିନି	
	୬୪୩	୦.୩୨	୦.୧୦	ଶାରଦ ଅଣ ଜଳସେଚିତ ତିନି	
୧୩୧	୩୩୨	୦.୧୭	୦.୦୧	ଶାରଦ ଅଣ ଜଳସେଚିତ ତିନି	ବିକର୍ତ୍ତନ ସେନାପତି, ପି.- ଲକ୍ଷ୍ମୀଧର ସେନାପତି, ଜା: ଖଣ୍ଡାୟତ, ବା: ନିଜଗାଁ
	୫୯୭	୦.୦୮	୦.୦୪	ବଗାୟତ ଦୁଇ	
	୫୯୮	୦.୦୩	୦.୦୩	ଘରବାରି	
	୬୦୫	୦.୨୦	୦.୦୧	ଜଳାଶୟ ଦୁଇ	
୧୩୬	୩୨୭	୦.୭୨	୦.୦୧	ଶାରଦ ଅଣ ଜଳସେଚିତ ତିନି	ବେଣୁଧର ପ୍ରଧାନ, ପି.- ମଧୁସୂଦନ ପ୍ରଧାନ, ଜା: ଖଣ୍ଡାୟତ, ବା: ନିଜଗାଁ
	୩୪୮	୦.୩୪	୦.୦୩	ଶାରଦ ଅଣ ଜଳସେଚିତ ତିନି	
	୬୪୫	୦.୩୨	୦.୧୧	ଶାରଦ ଅଣ ଜଳସେଚିତ ତିନି	
୧୩୮	୩୫୯	୦.୩୮	୦.୦୬	ଶାରଦ ଅଣ ଜଳସେଚିତ ତିନି	ବୈକୁଣ୍ଠ ନାୟକ, ବା: ସରଡିହା ଦୁର୍ଗାପୁର, ସାରଦା ସେନାପତି, ପି.- ଶ୍ୟାମସୁନ୍ଦର ନାୟକ, ଜା: ଖଣ୍ଡାୟତ, ବା: ନିଜଗାଁ
	୩୬୦	୦.୨୭	୦.୦୬	ଶାରଦ ଅଣ ଜଳସେଚିତ ତିନି	
୧୪୬	୬୦୧	୦.୪୧	୦.୦୯	ଶାରଦ ଅଣ ଜଳସେଚିତ ତିନି	ଭୀମଚରଣ ପ୍ରଧାନ, ପି.- ମଧୁସୂଦନ ପ୍ରଧାନ, ଜା: ଖଣ୍ଡାୟତ, ବା: ନିଜ

ଭୂମିକାକୁ ଗୁରୁତ୍ୱ ଦିଏ

ଦକ୍ଷିଣ ଭାରତୀୟ ସିନେମାର ଅନ୍ୟତମ ପରିଚିତା ଅଭିନେତ୍ରୀ ପ୍ରଣୀତା ସୁବାସ ନିଜ କ୍ୟାରିୟର ସମ୍ପର୍କରେ ଯାହା କହନ୍ତି...

ପ୍ରଣୀତା

ଏକ ଡାକ୍ତର ପରିବାରରେ ପ୍ରଣୀତାଙ୍କ ଜନ୍ମ। ତାଙ୍କର ବାପା ସୁବାସ ଏବଂ ମା' ଜୟଶ୍ରୀଙ୍କର ବାଙ୍ଗାଲୋରରେ ଏକ ହସ୍‌ପିଟାଲ ଅଛି। ପୁଣି ସେମାନଙ୍କର ଏକମାତ୍ର ଅଲିଅଳ କନ୍ୟା ହେଉଛନ୍ତି ପ୍ରଣୀତା। ତେଲୁଗୁ ବ୍ଲକ ବଷ୍ଟର 'ପୋର୍‌କି'ର କନ୍ନଡ ରିମେକ୍‌ରେ ନିଜର ଅଭିନୟ କ୍ୟାରିୟର ଆରମ୍ଭ କରନ୍ତି ଏହି ନାୟିକା। ପୁଣି ଏପରି ସୌଭାଗ୍ୟ ଯେ ଏହି ସିନେମାଟି ସୁପରହିଟ୍ ସାବ୍ୟସ୍ତ ହୁଏ। ତା'ପରେ ପ୍ରଣୀତା ଦେଖିଚାହିଁ ସିନେମା ସାଇନ୍ କରନ୍ତି। ତେଲୁଗୁ ଫିଲ୍ମ 'ବାଭା' ମଧ୍ୟ ତାଙ୍କ କ୍ୟାରିୟରକୁ ଆହୁରି ମାଇଲେଜ ଦେଇଥିଲା ଏବଂ ରାତାରାତି ସେ ନିଜକୁ ନାୟିକା ଦୌଡ଼ରେ ସାମିଲ କରିପାରିଥିଲେ। ତା'ପରେ ସତେଯେମିତି ଭାଗ୍ୟଦେବୀ ତାଙ୍କୁ ସହାୟ ହୋଇଥିଲେ। ତାଙ୍କ ଅଭିନୀତ ଗୋଟିଏ ପରେ ଗୋଟିଏ ସିନେମା ଦର୍ଶକଙ୍କୁ ପ୍ରଭାବିତ କରେ ଏବଂ ସେ ପାଲଟି ଯାଆନ୍ତି ଜଣେ ଲୋକପ୍ରିୟ ଅଭିନେତ୍ରୀ। ନିଜର କ୍ୟାରିୟର ସମ୍ପର୍କରେ ପ୍ରଣୀତା କହନ୍ତି, 'ପ୍ରଥମ ସିନେମା ହିଟ୍ ହେବା ପରେ ମୁଁ କେବେ ପଛକୁ ଫେରି ଚାହିଁ ନ ଥିଲି। ନିଜର ଅଭିନୟ ଦକ୍ଷତାର ପରିଚୟ ଦେବା ପାଇଁ ମୁଁ ସବୁବେଳେ ନିଜ ଭୂମିକାକୁ ଗୁରୁତ୍ୱ ଦିଏ, ଯେଉଁଥିପାଇଁ ମୋର ଅଧିକାଂଶ ସିନେମା ହିଟ୍ ସାବ୍ୟସ୍ତ ହୋଇଛି। ଆଦୌ ତରବର ହୋଇ ମୁଁ ଆଗକୁ ବଢ଼ିବାକୁ ଚାହେଁନା। ଉଭୟ ତେଲୁଗୁ ଏବଂ ତାମିଲ ଭାଷାରେ ନିର୍ମିତ ତଥା ଶଙ୍କର ଦୟାଲଙ୍କ ନିର୍ଦ୍ଦେଶିତ 'ଶଗୁନି' ଏକାଥରେ ରେକର୍ଡ ସଂଖ୍ୟକ ୧୧୫୦ ପ୍ରେକ୍ଷାଳୟରେ ୱାର୍ଲ୍ଡ ୱାଇଡ୍ ରିଲିଜ ହୋଇଥିଲା। କେବଳ ଆନ୍ଧ୍ରପ୍ରଦେଶର ୪୫୦ଟି ପ୍ରେକ୍ଷାଳୟରେ ଏହା ମୁକ୍ତିଲାଭ କରି ସୁପରହିଟ୍ ସାବ୍ୟସ୍ତ ହୋଇଥିଲା।

ପ୍ରଣୀତାଙ୍କ ଅଭିନୀତ ପ୍ରମୁଖ ଚଳଚ୍ଚିତ୍ର

'ପୋର୍‌କି', 'ଜରାସନ୍ଧ', 'ବ୍ରହ୍ମା', 'ପଣ୍ଡାଭୁଲୁ ଡୁମିଡା, 'ମାସ୍ ଲିଡର', 'ମିଷ୍ଟର ୪୨୦', 'ହ୍ୱିସିଲ୍' (କନ୍ନଡ), 'ଶଗୁନି', 'ଉଡୟନ' (ତାମିଲ), 'ଡିନାମାଇଟ୍' (ତେଲୁଗୁ)।

ଓଡ଼ିଶୀ ନୃତ୍ୟରେ ଭାରତର ସାଂସ୍କୃତିକ ବିଭବ

'ଇଣ୍ଡିଆନ୍ ହେରିଟେଜ୍ ଥ୍ରୁ କଲଚର୍' ଚଳଚ୍ଚିତ୍ରରେ ନୃତ୍ୟଶିଳ୍ପୀ

ସମୃଦ୍ଧ ଭାରତୀୟ ଐତିହ୍ୟ ଓ ସଂସ୍କୃତି। ଆମ ଦେଶର ବିବିଧ ସୂକ୍ଷ୍ମ କଳା, ପ୍ରାଚୀନ ସ୍ତୋତ୍ରର ନୈସର୍ଗିକ ପରିବେଶ, ମନ୍ଦିର ଗାତ୍ରରେ ସୂକ୍ଷ୍ମ କାରୁକାର୍ଯ୍ୟ, ଛନ୍ଦମୟୀ ନୃତ୍ୟାଙ୍ଗନା, ଭାବପୂର୍ଣ୍ଣ ସଂଗୀତର ମୂର୍ଚ୍ଛନା ଭାରତୀୟ ସଂସ୍କୃତିର ଅପୂର୍ବ ପରିସ୍ଫୁଟନ। ବୈଦିକ ସମୟରୁ ବର୍ତ୍ତମାନ ପର୍ଯ୍ୟନ୍ତ ସାଂସ୍କୃତିକ ବିଭବର ସମ୍ମେଳନ ପୁଣି ଓଡ଼ିଶୀ ନୃତ୍ୟରେ ପ୍ରଦର୍ଶିତ ହୋଇଛି 'ଇଣ୍ଡିଆନ୍ ହେରିଟେଜ ଥ୍ରୁ କଲଚର୍' ଚଳଚ୍ଚିତ୍ରରେ। କାନାଡ଼ା ମଣ୍ଟ୍ରିଲସ୍ଥିତ କବୀର ସେଣ୍ଟର ଫର୍ ଆର୍ଟ ଆଣ୍ଡ କଲଚର୍ ଏହି ଚିତ୍ରର ପ୍ରଯୋଜକ। ଟରୋଣ୍ଟୋ ଡୋମିନିୟନ ବ୍ୟାଙ୍କ ଗ୍ରୁପ୍ ସହାୟତାରେ ନିର୍ମିତ ଏହି ଚଳଚ୍ଚିତ୍ରର ବିଷୟବସ୍ତୁ ପରିକଳ୍ପନା, ନୃତ୍ୟ ସହ ନିର୍ଦ୍ଦେଶନା ଦେଇଛନ୍ତି କାନାଡ଼ାରେ ଅବସ୍ଥାପିତ ପ୍ରଖ୍ୟାତ ନୃତ୍ୟାଙ୍ଗନା ଏନାକ୍ଷୀ ସିହ୍ନା। କାନାଡ଼ା ଏବଂ କଲିକତାର ଶିଳ୍ପୀମାନେ ଏହି ଚିତ୍ରରେ ନିଜର ଶ୍ରେଷ୍ଠତ୍ୱ ପ୍ରଦର୍ଶନ ସହ ବର୍ତ୍ତମାନ ଆମ ଦେଶର କଠିନ ଆହ୍ୱାନକୁ ନେଇ ସେମାନଙ୍କ ଭାବାବେଗ ପ୍ରକଟ କରିଛନ୍ତି। ଉଭୟ ଇଂରାଜୀ ଓ ଫରାସୀ ଭାଷାରେ ପ୍ରସ୍ତୁତ ଏହି ଚଳଚ୍ଚିତ୍ରର ପ୍ରିମିୟର ଗତ ମେ ୩୦ ତାରିଖ ରବିବାର (ରାତି ୮) ଏବଂ ପୁନଃ ଜୁନ୍ ୧ ମଙ୍ଗଳବାର (ରାତି ୮ଟା)ରେ ଅନ୍‌ଲାଇନରେ ପ୍ରସାରିତ ହୋଇଯାଇଛି।

ରହସ୍ୟ ଖୋଲିଲେ ହୁମ୍ମା

ହୁମ୍ମା

ନିକଟରେ ହୁମ୍ମା କ୍ୟୁରେସି ଅଭିନୀତ 'ଆର୍ମି ଅଫ୍ ଦ ଡେଡ୍' ରିଲିଜ ହୋଇଛି। ଓଟିଟି ଫର୍ମାଟରେ ମୁକ୍ତିଲାଭ କରିଥିବା ଏହି ସିନେମାରେ ତାଙ୍କ ଭୂମିକାର ସମୟ ଅବଧିକୁ କାଟ୍‌ଛାଣ୍ଟ କରାଯାଇଛି ବୋଲି ଆଲୋଚନା ହେଉଛି। କିନ୍ତୁ ଶେଷରେ ଏପରି ଆଲୋଚନାକୁ ନେଇ ମୁହଁ ଖୋଲିଛନ୍ତି ହୁମ୍ମା। ସେ କହିଛନ୍ତି ଯେ, 'ଏସବୁ ଆଲୋଚନା ଉପରେ ସେପରି ସତ୍ୟତା ନାହିଁ। କାରଣ କାହାଣୀ ଅନୁସାରେ ମୋ ଭୂମିକାର ସମୟସୀମା ନିର୍ଭର କରେ। ତେଣୁ ତାକୁ ନେଇ କାହିଁକି ଏତେ ଆଲୋଚନା ହେଉଛି ତାହା ମୁଁ ଜାଣିପାରୁନାହିଁ।' ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଜ୍ୟାକ୍ ସ୍ୟାନଡର।

ନୋରା ଫତେହୀ

ରିଲିଜ ଅପେକ୍ଷାରେ..

ବାୟ ବାୟ ଦିଲ୍

ରିଲିଜ ଅପେକ୍ଷାରେ ଥିବା ନୂଆ ଓଡ଼ିଆ ସିନେମା 'ବାୟ ବାୟ ଦିଲ୍'କୁ ନେଇ ଓଲିଉଡ୍‌ରେ ଚର୍ଚ୍ଚା। କାରଣ ଏହାର ନାୟିକା ଭୂମିକାରେ ଅବତୀର୍ଣ୍ଣ ହୋଇଛନ୍ତି ରୁଷୀୟ ଲଳନା ଆଲେକ୍‌ଜାଣ୍ଡ୍ରା ସ୍କେଲସୁନୋଭା ଓରଫ ସାସା। ମଡେଲିଂ ସହ ଜଡ଼ିତ ଏହି ନବାଗତା ପ୍ରଥମ ଥର ପାଇଁ ଓଡ଼ିଆ ସିନେମାରେ ଅଭିନୟ କରିଛନ୍ତି। ଏହି ଫିଲ୍ମରେ ସାସାଙ୍କ ଭୂମିକାଟି ହେଲା ଗ୍ଲୋରି। ଏଥିରେ ତାଙ୍କର ନାୟକ ସାଜିଛନ୍ତି ରାଜ୍। ସାସା-ରାଜ୍ ଯୋଡ଼ି ବ୍ୟତୀତ ପଲ୍ଲବୀ, ଜୀବନ ପଣ୍ଡା, ଜୟଲକ୍ଷ୍ମୀ, ପ୍ରୀତିରାଜ, କୁନାଲ, ଟୁଲୁ, ଶମ୍ଭୁ, ରାମବାବୁ ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି। ମହାର ଏଣ୍ଟରଟେନ୍‌ମେଣ୍ଟ ଏବଂ ଏ.ବି. ସଲ୍ୟୁଶନ ବ୍ୟାନରରେ ଏହାର ପ୍ରଯୋଜନା କରିଛନ୍ତି ନବାଗତା ଜୟଲକ୍ଷ୍ମୀ ମିଶ୍ର। ନିର୍ଦ୍ଦେଶନା ଦାୟିତ୍ୱ କୁନାଲ ପଟ୍ଟନାୟକ ତୁଲାଇଥିବା ବେଳେ ସଚି ମହାନ୍ତି ଏବଂ ସନ୍ତୋଷଙ୍କ ରଚିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି ଟୁନା ଭାଇ-ଉନା ଭାଇ। ଚିତ୍ରୋତ୍ତୋଳନ କରିଛନ୍ତି ରଞ୍ଜନ ମିଶ୍ର।

ନୋରାଙ୍କ ଟିପ୍ସ

ଏବେ ତ କରୋନାର ଦ୍ୱିତୀୟ ଲହର ପାଇଁ ଲକ୍‌ଡାଉନ୍ ଚାଲିଛି। ଯେହେତୁ ଶୁଟିଂ ବନ୍ଦ ଅଛି ତେଣୁ ନୋରା ଫତେହୀଙ୍କୁ ଅଧିକାଂଶ ସମୟ ଘରେ ହିଁ ରହିବାକୁ ପଡୁଛି। ଏହି ସମୟରେ ସେ ସୋସିଆଲ ମିଡିଆରେ ଆକ୍ଟିଭ ରହୁଛନ୍ତି। କିଛି ମାସ ପୂର୍ବରୁ ସେ ମ୍ୟୁଜିକ୍ ଭିଡିଓ ପାଇଁ ଚର୍ଚ୍ଚାର ପରିସରକୁ ଆସିଥିଲେ। ଆଉ ଏବେ ସେ ନିଜକୁ ଏକ କାମରେ ନିୟୋଜିତ ରଖିଛନ୍ତି। ତାହା କ'ଣ ଜାଣନ୍ତି? କରୋନା ସମୟରେ କିପରି ମାନସିକ ଶାନ୍ତି ପାରିବେ ସେ ନେଇ ଟିପ୍ସ ବାଣ୍ଟୁଛନ୍ତି। ଏ ନେଇ ନୋରା କହନ୍ତି, 'ଥରେ ଏମିତି କଥା ପ୍ରସଙ୍ଗରେ ମୋର ସାଙ୍ଗମାନେ ମୋତେ ମାନସିକ ଶାନ୍ତି ନେଇ ପଚାରିଥିଲେ। ସେମାନଙ୍କୁ ପ୍ରଥମେ ଟେନସନଠାରୁ ଦୂରେଇ ରହିବା ସହ ଯୋଗ, ପ୍ରାଣାୟାମ କରିବାକୁ ପରାମର୍ଶ ଦେଇଥିଲି। ତା' ସହ ମନ ପସନ୍ଦର ସିନେମା ଦେଖିବା ଏବଂ ଗୀତ ଶୁଣିବାକୁ କହିଥିଲି। ଯାହା ହେଉ ମୋର କେତେଜଣ ସାଙ୍ଗ, ଯେଉଁମାନଙ୍କ ମନରେ ସବୁବେଳେ କରୋନାକୁ ନେଇ ଭୟ ସଂଚାର ହେଉଥିଲା ତାହା କେତେକାଂଶରେ ଦୂର ହୋଇଛି। ମୋ ଟିପ୍ସ ତ ଅଲଗା କଥା, ମାନସିକ ଶାନ୍ତି ପାଇଁ ସବୁବେଳେ ନିଜ ମନୋଭାବକୁ ସକାରାତ୍ମକ ରଖନ୍ତୁ।'

ଆଶାରେ କିଶୋର

ପ୍ରେମର ରାସ୍ତା କଣ୍ଟକିତ। ନିଜର ଲକ୍ଷ୍ୟସ୍ଥଳରେ ପହଞ୍ଚିବାକୁ ବେଳେବେଳେ ବାଧାବିଘ୍ନର ସାମନା କରିବାକୁ ପଡିଥାଏ। ଏକ ସତ ଘଟଣା ଉପରେ ଆଧାରିତ ପ୍ରେମ କାହାଣୀକୁ ନେଇ ନିର୍ମିତ ହେଉଛି ନୂଆ ଓଡ଼ିଆ ସିନେମା 'ଲଭ୍ ୟୁ ଜାନୁ'। ଏଥିରେ କେବଳ ଲଭ୍ ନୁହେଁ, ପ୍ରତିଶୋଧ ଏବଂ ଭାବପ୍ରବଣତା ମଧ୍ୟ ରହିଛି। ତନ୍ମୟ ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ହେଉଥିବା ଏହି ପ୍ରଥମ ସିନେମାଟିର ପ୍ରଯୋଜନା କରିଛନ୍ତି ନବାଗତ ଜିତେନ୍ଦ୍ର ଓଝା। ଚିତ୍ରଟିର ସହ-ପ୍ରଯୋଜନା କରିଛନ୍ତି ଲିପୁନ। ସଂଳାପ ରଚନା କରିଛନ୍ତି ବୈଜୟନ୍ତୀ ମିଶ୍ର। ତା'ସହ ପ୍ରଥମ ଥର ପାଇଁ ନିର୍ଦ୍ଦେଶନା ଭାର ସମ୍ଭାଳୁଛନ୍ତି ଦିବ୍ୟଜ୍ୟୋତି ପାତ୍ର ଓରଫ ଦୀପୁ। ଅଭିଜିତ ମଜୁମଦାର ଚଳଚ୍ଚିତ୍ରରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଛନ୍ତି । ଖାସ୍ କଥା ହେଲା, ନବାଗତ କିଶୋର କୁମାର ଏହି ଫିଲ୍ମରୁ ତାଙ୍କର ଓଲିଉଡ୍ କ୍ୟାରିୟର ଆରମ୍ଭ କରିବାକୁ ଯାଉଛନ୍ତି। ତାଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ଶେୟାର କରୁଛନ୍ତି ପୁନମ ମିଶ୍ର।

କିଶୋର-ପୁନମ୍

କିଶୋର-ପୁନମଙ୍କ ବ୍ୟତୀତ ପ୍ରଦ୍ୟୁମ୍ନ ଲେଙ୍କା, ପ୍ରିୟଙ୍କା ମହାପାତ୍ର, ମନୀଷା ମିଶ୍ର, ଜୟପ୍ରକାଶ ଦାସ, ଜିତୁ, ଭକ୍ତି, ସୀମା, ଜ୍ଞାନ, ମୋନାଲିସା, ମହିମା ଏହି ଫିଲ୍ମରେ ଅଭିନୟ କରୁଛନ୍ତି।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

For Single Day		For 7 Days		For 15 Days		For 30 days	
6 x 4	12 x 4	6 x 4	12 x 4	6 x 4	12 x 4	6 x 4	12 x 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Registration No.3367
Balaji Finance Ltd.
1941ଠାରୁ ଆପଣଙ୍କ ସେବାରେ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ BPL, ଇଟାଭାଟି, କୁକୁଡ଼ାପାଳନ ଏବଂ ସବୁ ଋଣ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ।
2% ସୁଧ 40% ଛାଡ଼
(ଠକମାନଙ୍କ ପ୍ରତି ସାବଧାନ)
ଠକାମିର ଶିକାର ବ୍ୟକ୍ତି ନିଶ୍ଚୟ କଲ୍ କରନ୍ତୁ
8004740343

BIKASHA FINANCE
BIKASHA FINANCE
ସମସ୍ତ ପ୍ରକାର LOAN ଯୋଗାଇ ଦେଉଛି। ମାର୍କଶିଟ, ପର୍ସନାଲ, ସମ୍ପତ୍ତି, ଗୃହ, ବ୍ୟବସାୟ, କୃଷି, ଶିକ୍ଷା, କୁକୁଡ଼ା ଓ ଗୋପାଳନ ଇତ୍ୟାଦି ସମସ୍ତ ପ୍ରକାର LOAN ଘରେ ବସି ପାଆନ୍ତୁ।
ସୁଧ = 2%
Mob.: 8280503279 7656825022
Retamunda, Bhatigaon, Baragarh

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
✓ ସୁଧାକର ସାଇଁ
କେଶପୁର, C.R.R.I. କଟକ-୬
ଆବିର୍ଭାବ- ୦୭.୦୬.୧୯୫୩
ତିରୋଧାନ- ୨୪.୦୫.୨୦୨୧
ତୁମ ଅକାଳ ବିୟୋଗ ତଥା ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମ ସ୍ନେହ, ଶ୍ରଦ୍ଧା, ଆଦର୍ଶ, କର୍ତ୍ତବ୍ୟନିଷ୍ଠା ତଥା ମାର୍ଗଦର୍ଶନ ଆମ ମାନଙ୍କ ପାଇଁ ସର୍ବଦା ପ୍ରେରଣାର ଉତ୍ସ ହୋଇ ରହିବ। ତୁମ ଅମର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଠାରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ- ଲିଲିମା, ପ୍ରଭାକର, ନିବେଦିତା, ରତ୍ନାକର, ବନା, ରାକେଶ, ଲଚିଶ୍ରୀ, ପିଙ୍କି, ରତ୍ନଦୀପ, ଜ୍ୟୋତିଷ୍ମିତା, ନିଲେଶ୍, ରିଶି, ରାହୀ, ଖୁସୀ ଓ ପରିବାରବର୍ଗ ଏବଂ ଆତ୍ମୀୟସ୍ୱଜନ।
ଧ-୭୧୧୦୭

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି
ତୃତୀୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ
ସ୍ୱର୍ଗତା ସାରଦା ସାହୁ
ସ୍ୱାମୀ: ସ୍ୱର୍ଗତ ବାଇଧର ସାହୁ
ହାତିଆଶୁନା ଲେନ୍, ଭୁବନେଶ୍ୱର
ଆବିର୍ଭାବ: ୨୩।୦୭।୧୯୪୪
ତିରୋଧାନ: ୦୩।୦୭।୨୦୧୮
ଆପଣଙ୍କ ଅମର ଆତ୍ମାର ସଦ୍‌ଗତି କାମନା ପୂର୍ବକ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ଶୋକସନ୍ତପ୍ତ:
ପୁଅ, ବୋହୂ, ଝିଅ, ଜ୍ୱାଇଁ, ନାତି-ନାତୁଣୀ, ପରିବାରବର୍ଗ, ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ।
ଧ-୭୦୭୧୧

ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ
✓ ସୀତାନାଥ ନନ୍ଦ
ଗାନ୍ଧୀମାର୍ଗ, ଆଠଗଡ଼
ତୁମର ତ୍ୟାଗପୂତ, ସରଳ, ନିରାଡ଼ମ୍ବର, ଆଧ୍ୟାତ୍ମିକ ଜୀବନଶୈଳୀ କର୍ତ୍ତବ୍ୟନିଷ୍ଠତା, ଅନାବିଳ ସ୍ନେହ, ଶ୍ରଦ୍ଧା, ପରୋପକାର ଆମ୍ଭମାନଙ୍କର ପ୍ରେରଣାର ଉତ୍ସ ହେଉ।
ଷୋଡ଼ଶ ଶ୍ରାଦ୍ଧବାର୍ଷିକୀ ଅବସରରେ ତୁମର ପୂଜ୍ୟ ଅମ୍ଳାନ ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଚରଣ କମଳରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।
ଅମୃତମୟ ଆଶୀର୍ବାଦ ଭିକ୍ଷାରେ
ସ୍ତ୍ରୀ, ଝିଅ, ଝୋ, ପୁଅ, ପିଏମ୍, ବାବୁମାନେ, ବୋହୂମାନେ, ନାତିମାନେ, ନାତୁଣୀ ଓ ନାତୁଣୀବୋହୂ।
ଧ-୭୦୮୨୨

ଡାକଘର

ନନ୍ଦିନୀ ଶତପଥୀଙ୍କ ଜନ୍ମ ୯ ଜୁନ୍‌ରେ। ସେ କେବଳ ଓଡ଼ିଶା ଓ ସର୍ବୋପରି ଭାରତବର୍ଷର ବିଚକ୍ଷଣ ନାରୀନେତ୍ରୀ ନୁହନ୍ତି, ବହୁ ଗୁଣାତ୍ମକ କବିତା ଓ ଜୀବନଧର୍ମୀ ଗଳ୍ପ ଲେଖି ସ୍ୱାଧୀନତା ପରବର୍ତ୍ତୀ ଓଡ଼ିଆ କଥା ସାହିତ୍ୟକୁ ନାନା ଭାବେ ଋଦ୍ଧିମନ୍ତ କରିଯାଇଛନ୍ତି। ମହାଶ୍ୱେତା ଦେବୀଙ୍କ ଭଳି ଧ୍ରୁପଦ ଲେଖିକାଙ୍କ ଗଳ୍ପକୁ ଓଡ଼ିଆରେ ଅନୁବାଦ କରି ତାଙ୍କ ଅନାବିଳ ସାହିତ୍ୟ ରୁଚିର ପରିଚୟ ଦେଇଛନ୍ତି। ଓଡ଼ିଆ ସାହିତ୍ୟରେ ନିଜର ଉଲ୍ଲେଖନୀୟ ଅବଦାନ ପାଇଁ ସେ 'କେନ୍ଦ୍ର ସାହିତ୍ୟ ଏକାଡେମୀ' ଓ 'ଗଙ୍ଗାଧର ରଥ ଫାଉଣ୍ଡେଶନ୍' ପ୍ରଦତ୍ତ 'ସାହିତ୍ୟ ଭାରତୀ' ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଏହି ସ୍ତମ୍ଭରେ ସ୍ଥାନିତ ଗଳ୍ପଟି ତାଙ୍କ ରଚିତ 'କେତୋଟି କଥା'ରୁ ଗୃହୀତ। ଗଳ୍ପର ମୂଳ ଶୀର୍ଷକ 'ଡାକଘର ହେବା ନୋହିଲା'। ସ୍ୱାର୍ଥବିଜଡ଼ିତ ଜଟିଳତା ଭିତରେ ଗାଁର କେତେ ମହତ୍ତର ସମ୍ଭାବନା କିପରି ଉଜୁଡ଼ିଯାଏ- ଏ ଗଳ୍ପଟି ତା'ର ଏକ ଉଜ୍ଜ୍ୱଳ ଦଲିଲ...

ପଦ୍ମପୁର ମୌଜାଖଣ୍ଡ ଆଜି ଉଠୁଛି ପଡୁଛି। ଠା'କୁ ଠା', ଦଳେ ଦଳେ ଲୋକ ଠିଆହୋଇ କ'ଣ ଟୁପ୍‌ଟାପ୍ ଭୁଟ୍‌ଭାଟ୍ ହେଉଛନ୍ତି। ସବୁରି ମୁହଁରେ ଗୋଟାଏ ଉଦ୍‌ବେଗର ଛାଇ। ନ ଜାଣିଲା ଲୋକ ବିଚାରିବ, ପାଖରେ କେଉଁଠି ବାଘ ମାତିଛି କି ଗାଁମୁଣ୍ଡରେ ତୃତୀୟ ମହାସମର ଆରମ୍ଭ ହୋଇଗଲାଣି; ହେଇ, ଉଦ୍‌ଜାନ ବୋମା ପଡ଼ିଲା ପ୍ରାୟ!

ଡେଙ୍ଗୁରାବାଲାଟା ଢାଇ ଢାଇ କରି ଡେଙ୍ଗୁରାଟାକୁ ଦି'ପାହାର ପିଟିଦେଇ ପାଟି କରି ଉଠିଲା- ''ମଧୁ ପଧାନଙ୍କ ଦାଣ୍ଡ ଚଉପାଢ଼ିରେ ଆଜି ସଞ୍ଜକୁ ସଭା ହେବ- ଡାକଘର କଥା ବିଚାର ହେବ। ଗାଁବାଲା ସମସ୍ତେ ଯିବ।'' ପୁଣି ଦି'ପାହାର- ଢାଇ ଢାଇ।

ଦଳଦଳ ଲୋକଙ୍କ ଭିତରେ ଚାଲିଥିବା ଆଲୋଚନାସବୁ ଘଡ଼ିକ ପାଇଁ ବନ୍ଦ ହୋଇଗଲା। ଉପର ସାହି ଫକୀର ମିଶ୍ର ଟିକିଏ ଜାଣିବା- ଶୁଣିବାର। ଗଲାସନ କଟକରୁ ମାଟ୍ରିକ୍ ପାସ୍ କରି ସେ ଆସି ଗାଁରେ ରହିଛି। ଏ ପାଖଆଖ ଛ'ସାତ ଖଣ୍ଡ ଗାଁରେ ତା' ଭଳି ଶିକ୍ଷିତ କେହି ନାହାନ୍ତି। ଭଲମନ୍ଦରେ ଲୋକ ତା' ପାଖକୁ ବୁଝି ଆସନ୍ତି। ହେଲେ କ'ଣ ହେବ- ମଧୁ ପଧାନଙ୍କ ଭଳି ପୁରୁଖା ଲୋକେ ଫକୀରଟାକୁ ଜମା ପାସଙ୍ଗରେ ପକାନ୍ତିନି। ତା' ଛାଇ ପଡ଼ିଲେ ସେମାନଙ୍କ ନାହି ଡିଏଁ।

ଫକୀର ଆଗେଇ ଆସିଲା ଡେଙ୍ଗୁରାବାଲା ପାଖକୁ- ''ହଇରେ ପାଣୁଆ, କିଏ ତତେ କହିଛି ଡେଙ୍ଗୁରା ବାଡ଼େଇବାକୁ? ଆମେ ମଧୁ ପଧାନ ଜାଣୁନି କି ସଭା-ଫଭା ଜାଣୁନି। ଭଲ ଦଶା ଅଛି ଯେବେ ସେ ଢାଇ-ଢାଇ ବନ୍ଦ କରି ସୁନାପୁଅ ଭଳି ଘରକୁ ଫେରି ଯା!''

ପାଣୁଆ ଡରିବା ଲୋକ ନୁହେଁ। ମଧୁ ପଧାନଙ୍କର ସେ ପୁରୁଣା ଚାକର- ଭାରି ନିମକସଜା। ଚିହିଁକି ଆସିଲା ଫକୀର ପାଖକୁ- ''କ'ଣ କହିଲ ଫକୀର ସାଆନ୍ତେ- ଡେଙ୍ଗୁରା ବାଡ଼େଇବିନି? ଏ ଗାଁଦାଣ୍ଡ କ'ଣ ତମର?''

ଫକୀର ବି ଅଣ୍ଟାରେ ଗାମୁଛା ଖଣ୍ଡେ ଜୋର୍‌ରେ ଭିଡ଼ିଦେଇ ପାଟି କରି ଉଠିଲା- ''କିରେ, ବାଉରିଟୋକା ତ ଭାରି ବଢ଼ିବଢ଼ି କଥା କହୁଚି?''

ପାଣୁଆ ଡେଙ୍ଗୁରାଟା ତଳେ ଥୋଇଦେଇ ଯୁଦ୍ଧକୁ ବାହାରି ଆସିଲା- ''ହାଁ, ହାଁ, ମୁହଁ ହୁଡ଼ନି କହୁଛି ସାଆନ୍ତେ! ବାଉରି ଟୋକାର କରାମତି ତମେ ଜାଣିନା ପରା!''

ଲୋକ ଜମା ହୋଇ ପଡ଼ିଲେ। ଫକୀରର ତାଳୁକୁ ରାଗ ଉଠିଯାଇଛି। ଏ ବଚସା ଯୁଦ୍ଧରେ ପରିଣତ ହେବାକୁ ଯାଉଛି ଦେଖି ଗାଁଲୋକେ ମଝିରେ ପଶି କଳି ଭାଙ୍ଗିଦେଲେ। ଡେଙ୍ଗୁରାଟାକୁ ତଳୁ ଉଠାଇ ନେଇ ପୂର୍ବପରି ବାଡ଼େଇ ବାଡ଼େଇ ପାଣୁଆ ଚାଲିଲା ଆଗକୁ। ଫକୀର ରାଗରେ ଗୋଟାପଣ ଥରୁଛି। ମଦନା ତାକୁ ଶାନ୍ତ କରୁକରୁ କହିଲା- ''ଛି, ଭାଇନା, ସେ ଛୋଟଲୋକଟା ସାଙ୍ଗରେ ତୁମେ କଳି କରୁଚ?''

ଏତେବେଳ ପରେ ଫକୀରକୁ ନିଜ ଅବସ୍ଥାଟା ଭଲରୂପେ ବୁଝାଇ ଦେବାର ଗୋଟାଏ ସୁଯୋଗ ମିଳିଲା। ପାଣୁଆ ସହିତ ତା'ର କଳି ଗାଁଲୋକମାନେ ଦେଖିଥିବାରୁ ସେ ଯେ କମ୍ ଲଜ୍ଜିତ ହୋଇଥିଲା- ଏପରି ନୁହେଁ। ସାଙ୍ଗେସାଙ୍ଗେ କହିଲା, ''ସେଇ ମଧୁ ପଧାନଟା ହୋ, ମନେମନେ ଗୋଟେ ମାମଲତ୍‌କାର ହେଇଚି। ଚଷା କି ଜାଣେ ପଶାର କଥା? କହିଲୁ ମଦନା, ସେଇଟା ଭଲା ଡାକଘର କଥା କ'ଣ ଜାଣେ? ସେ ପୁଣି ତା' ଚଉପାଢ଼ିରେ ସଭା ଡାକିଛି!''

ମଦନା ହସିଲା; କହିଲା- ''ଭାଇନା, ତମେ ଜାଣିନ ପରା! ଡାକଘର ବଡ଼ସାହାବ ଆଜି ସକାଳୁ ଆମ ଗାଁକୁ ଆସିଛନ୍ତି। ମଧୁ ପଧାନ ଘରେ ପରା ରହୁଛନ୍ତି ସେ। ମତେ ଲାଗୁଚି ସେଇ ଏ ସଭା ଡକେଇଚନ୍ତି।''

ଫକୀର ଟିକିଏ ଦବିଗଲା। ଏତେବେଳେ କଳିକଜିଆ ରଗାରଗିଟା ଭଲ ହେବନି। ଏଇ ଡାକଘରଟା ବସାଇବାକୁ ସେ ନିଜେ ବହୁତ ଚେଷ୍ଟା କରିଛି। କେତେ ଦଉଡ଼-ଧାପଡ଼ କରି ଦସ୍ତଖତ ଆଣିଛି; ହାତରୁ ପଇସା ଖର୍ଚ୍ଚ କରି କଟକ ଯାଇ ବୁଝାବୁଝି କରି ଆସିଛି। ଆଉ ଏ ଗାଁବାଲା ତା' ବିରୁଦ୍ଧରେ ଗୋଟାଏ ମେଳିକରି ବୁଢ଼ା ବଇଷମକୁ ପୋଷ୍ଟମାଷ୍ଟର କରିଦେବେ ବୋଲି ବିଚାର ଚଳେଇଛନ୍ତି। ନା, ସେ ଥିବାଯାଏ ଏ କଥା କରେଇ ଦେବନି। ଆଜି ଡାକ-ସାହାବଙ୍କ ଆଗରେ ସବୁ କଥା ସାଫ୍‌ସାଫ୍ ଶୁଣାଇଦେବ। ଦେଖାଯାଉ, ବୁଢ଼ା ବଇଷମର କେତେ ମଗଜ।

ସଞ୍ଜ ହେଉ ନ ହେଉଣୁ ଚଉପାଢ଼ିରେ ଲୋକ ଜମା ହୋଇପଡ଼ିଲେ। ବାଉଁଶ ପୋତା ହୋଇ ମଝିରେ ଗ୍ୟାସ୍ ଆଲୁଅ ଓହଳିଛି। ଚଉପାଢ଼ି ଖଣ୍ଡ ଦିନ ଭଳି ଦିଶୁଛି ତୋଫା। ମଝିରେ ଖଣ୍ଡେ ଚଉକି ପଡ଼ିଛି। ତା'ରି ଉପରେ ବସିଛନ୍ତି ଡାକ-ସାହାବ।

ସ୍ମରଣୀୟ

ସେ ମଦନାକୁ କହିଲା, ''ବୁଝିଲୁ ମଦନ, ଭଲ ଯୋଗଟାଏ ଏକା ଜୁଟିଛି। ମଜୁ ଖୋଜୁଥିଲା ଯାହା, ବଇଦ ବି ବତେଇଲା ସେଇଆ। ଚାଲ, ସମସ୍ତଙ୍କୁ ଡକାତକି କରି ଆଜି ସଭାକୁ ଯିବା- ସେଇଠି ଡାକ-ସାହାବ ଆଗରେ କାହାର ବୁଦ୍ଧି କେତେ ବିଚାର ହେବ।''

ମଦନା ମୁଣ୍ଡ ଟୁଙ୍ଗାରିଲା, ''ଠିକ୍ କହିଛ ଭାଇନା, ଆମ ତରଫର ଲୋକଙ୍କୁ ନେଇ ମୁଁ ଯାଇ ସେଠି ହାଜର ହୋଇଯିବି। ତମ ସାଙ୍ଗରେ ପୁଣି କାଲ ବଇଷମ କୁଆଡ଼େ ସରି ହେବ? କାହିଁ ରାଣୀ ନା କାହିଁ ଚନ୍ଦରକାଣୀ?'' ଅନେକଦିନୁଁ ଫକୀର ମଦନକୁ କଥା ଦେଇଚି- ସେ ଯଦି ଡାକମାଷ୍ଟର ହେବ ତେବେ ମଦନକୁ ନିଶ୍ଚୟ ଡାକପିଅନ କରିଦେବ। ସାଙ୍ଗେ ସାଙ୍ଗେ ମଦନ ବାହାରିପଡ଼ିଲା ଲୋକ ଗୋଟେଇବାକୁ।

ସଞ୍ଜ ହେଉ ନ ହେଉଣୁ ଚଉପାଢ଼ିରେ ଲୋକ ଜମା ହୋଇପଡ଼ିଲେ। ବାଉଁଶ ପୋତା ହୋଇ ମଝିରେ ଗ୍ୟାସ୍ ଆଲୁଅ ଓହଳିଛି। ଚଉପାଢ଼ି ଖଣ୍ଡ ଦିନ ଭଳି ଦିଶୁଛି ତୋଫା। ମଝିରେ ଖଣ୍ଡେ ଚଉକି ପଡ଼ିଛି। ତା'ରି ଉପରେ ବସିଛନ୍ତି ଡାକ-ସାହାବ। ଗାଁର ବୋହୂ-ଭୁଆସୁଣୀ ରନ୍ଧାବଢ଼ା ସାରି ପଧାନ ଘର ଦାଣ୍ଡଘରେ ଜମା ହୋଇଛନ୍ତି। ବୁଢ଼ା-ବୁଢ଼ୀଏ ଦାଣ୍ଡପିଣ୍ଡାରେ ଗୋଡ଼ ଲମ୍ବେଇ ଗପ ଜମେଇ ଦେଇଛନ୍ତି।

ସଭା ଆରମ୍ଭ ହେଲା। ଡାକ-ସାହାବ ଚଉକିରୁ ଉଠି କହିଲେ- ''ଏ ଗାଁରେ ଡାକଘର ହେବାପାଇଁ ସରକାରୀ ଅର୍ଡର ମିଳିଛି; କିନ୍ତୁ ଗାଁଲୋକଙ୍କ ଭିତରେ ପୋଷ୍ଟମାଷ୍ଟର ହେବାପାଇଁ କଳିତକରାଳ ଲାଗି ଅନେକ ଦରଖାସ୍ତ ମୋ' ପାଖରେ ପଡ଼ିଲାଣି। ସେ ସବୁର ଗୋଟାଏ ମୀମାଂସା ନ କଲେ ଡାକଘର ଏଠି ବସିପାରିବ ନାହିଁ। ସେଥିପାଇଁ ତମମାନଙ୍କୁ ମୁଁ ଏଠିକି ଡକାଇଛି।''

ଫକୀର ଠିଆହେଲା, ''ଆଜ୍ଞା, ଡାକଘର ପାଇଁ ମଞ୍ଜୁରୀ ମିଳିବାକୁ ମୁଁ ଅନେକ ଚେଷ୍ଟା କରିଛି- ଗାଁଲୋକଙ୍କୁ ପଚାରନ୍ତୁ। ମୁଁ ମାଟ୍ରିକ୍ ପାସ୍ କରିଛି। ମୋତେ ପୋଷ୍ଟମାଷ୍ଟର ନ କଲେ ଲୋକେ ଅସନ୍ତୁଷ୍ଟ ହେବେ।''

ସାହାବ ଟିକିଏ ହସିଲେ। କହିଲେ, ''ହଉ ବସ।'' ବଇଷମ ବୁଢ଼ାର ପୁଅ ଶରତ- ଗାଁ ମାଇନର ସ୍କୁଲରେ ମାଷ୍ଟର। ଦି'ଥର ଘରପୋଡ଼ିରେ ଉଚ୍ଛନ୍ନ ହୋଇସାରିଛି। ବାପା, ମା', ସ୍ତ୍ରୀ, ପୁଅ, ଝିଅ ହେଇ ଘରେ ଖାଇବାକୁ ପଞ୍ଚାଏ ଲୋକ। ଦରମାଗଣ୍ଡାକ କୁଆଡ଼କୁ ଅଣ୍ଟେନି। ବାପଟିକୁ ପୋଷ୍ଟମାଷ୍ଟର ଚାକିରିରେ ଭର୍ତ୍ତି କରିଦେବାକୁ ଚେଷ୍ଟା କରୁଛି। ଉଠିପଡ଼ି ଶରତ କହିଲା, ''ଆଜ୍ଞା, ଡାକଘର ତ ଆଉ ପିଲାଖେଳ କଥା ନୁହେଁ। ଟୋକାଟାକଳିଆ ଲୋକଙ୍କ ଉପରେ ବିଶ୍ୱାସ କରି କ'ଣ ଦାୟିତ୍ୱ ଦିଆଯାଇ ପାରିବ? ମୋ' ବାପାଙ୍କୁ ଯଦି...''

ଶରତର କଥା ନ ସରୁଣୁ ମଦନା ପାଟିକରି ଉଠିଲା, ''ହଁ ହଁ, କାଲ ବୁଢ଼ା ଭାରି ଦାୟିତ୍ୱ ନେବ- ମଶାଣିକୁ ବାଟ ଖୋଜିଲାଣି...''

ଶରତର ଦଳ ପାଟିକରି ଉଠି ଆସିଲେ, ''କିଏରେ ସେ କହିଲା କାଲ ବୁଢ଼ା?'' ମଦନା ବି ତା' ଦଳ ଧରି ଓହ୍ଲେଇ ଆସିଲା। ଡାକ-ସାହାବ ମନା କରୁକରୁ ଦି'ଦଳଙ୍କ ଭିତରେ ଗାଳିଗୁଲଜ ହେଇ ହାତ ଉଠାଉଠି ହୋଇଗଲା। ମାଡ଼ ଭୟରେ ସାହାବ ସଭା ଛାଡ଼ି ପଳେଇଗଲେ।

ପଧାନେ ଘର ଭିତରକୁ ଉଠିଗଲେ। ନବେ ବରଷର ବୁଢ଼ୀ ମା' ଭିତର ପିଣ୍ଡାରେ ଗୋଡ଼ ଲମ୍ବେଇ ବସିଥିଲେ। ଶବ୍ଦ ବାରି କହିଲେ- ''ସଭାରେ କ'ଣ ହେଲା କି ବାପା?''

ଚାଲି ଯାଉଁଯାଉଁ ପଧାନେ କହିଲେ, ''ନାଇଁ ବୋଉ, ଏ ଗାଁରେ ଡାକଘର ହେବା ନୋହିଲା।''

କବିତା

ଆକାଶିକା

କେଦାର ମିଶ୍ର

ଉଡ଼ିଯାଉଛି ଯିଏ, ସେ କିଏ
ପକ୍ଷୀ? ମେଘ? ଉଡ଼ାଜାହାଜ?
ନିଶା ବିଭୋର ସ୍ୱପ୍ନ?
ତୋତେ ପାଇବାର ଇଚ୍ଛା ବି ଉଡ଼ାଏ ମୋତେ।

ମୁଁ ପାଇଯାଏ ତୋତେ
ନୂଆ ପିକଉଥିବା ଆମ୍ରପତ୍ରର ରଙ୍ଗରେ
ଟ୍ରାଫିକ୍ ଭିଡ଼ରେ ଟହଲୁଥିବା
ବୁଗେନଭିଲାର
ଶିଶୁ ପରିକା ପାଦରେ
ଟୋପାଏ କାକର ଚମକୁଥିବା
ସୂର୍ଯ୍ୟୋଦୟରେ
ମୁଁ ପାଇଯାଏ ତୋତେ
ହଜି ଯାଉଥିବା ମୋର
ଉଦାସୀ ରାସ୍ତାର ଶେଷରେ।

ମୁଁ ଉଡ଼ିଉଡ଼ି ତୋ' ଆକାଶରେ
ତିଆରି କରେ ଇନ୍ଦ୍ରଧନୁ
ସାତ ରଙ୍ଗ, ସାତ ସ୍ୱପ୍ନ ଓ ସାତୋଟି ଭଉଁରି
ମୁଁ ମୋର ଡେଣାରୁ ଝାଡ଼ିଦିଏ
ସାତରଙ୍ଗର ପର
ତୁ ତାକୁ ଖୋସିଦେଉ ତୋର ଖୋଷାରେ।

ତୋର ମୁହଁ ବି ମୋର ଆକାଶ
ମୁଁ ତୋ' ମୁହଁରେ ଚକଚକ ଚମକିଯାଏ
ଟୋପାଏ ଆନନ୍ଦ ହୋଇ
ମୁଁ ତୋର ଆଖିରୁ ଖସିପଡ଼େ
ଗଭୀର ଦୁଃଖର ଧାରେ ଲୁହ
ମୁଁ ତୋର ଛାତି ଭିତରେ
ରୁଦ୍ଧି ହୋଇ ରହିଥିବା ହାବୁକାଏ ଦୀର୍ଘଶ୍ୱାସ
ତୁ ମୋର ନା ମୁଁ ତୋର ଆକାଶ?

ମୁଁ ଆକାଶର ମନ୍ତ୍ର ସାଧନା କରେ
ତୋତେ ଅଜପା ଜପେ
ଅଘୋରି ପରି ସାଧେ
ନିଜକୁ, ନିଜର ଶବ ଉପରେ
ତୁ ମହାକାଳୀ ପରି ଠିଆ ହେଉ
ମୋର ଛାତିରେ।

ମୁଁ ତୋତେ ଦେଖେ
ସବୁ ମଣିଷର ଉଲ୍ଲସିତ ମୁଠାଏ ଜୀବନରେ
ତୁ ମୋର ବିଷାଦବିହୀନ ଗୋଟିଏ ବୋଲି ପୃଥିବୀ
ମୁଁ ମୋତେ ଖୋଜିଖୋଜି ତୋତେ ଇ ପାଉଥାଏ।

ମୋ: ୯୪୩୭୧୫୪୪୪୫

ବାହାନା

ଡ. ଅସୀମା ସାହୁ

ଥାକ ଥାକ ବାହାନାରେ
ମୋ' ପ୍ରେମ ଓ ବିରହ
ମିଳନ ଓ ଅନାସକ୍ତ ଭାବ।
ତୁମେ ବୋଲି ସିନା ଏତେ ସବୁ ଛଳନାକୁ
ରଙ୍ଗେ-ହାତ ଧରି
ମୋ' ଭଳି ମିଛେଇକୁ ଭଲପାଇ ପାର।

ମୋ' ଜୀବନ ଯୁଦ୍ଧର କ୍ଳାନ୍ତି
ଆଞ୍ଜୁଳା ଆଞ୍ଜୁଳା ଅବସାଦକୁ
ଆଦରର ସାବୁନ ଫେଣରେ
ମାଜି ସଫା କରୁଥାଅ, ପୁଣି
ମୋ' ଦେହରେ ନେସି ହୋଇଥିବା
ବାହାର ଲୋକଙ୍କ ଝିଟ ଚାହାଣିକୁ
ପରସ୍ତ ପରସ୍ତ କରି ଖୋଲି ଦେଉଥାଅ।

ମୋ' ନାକର ପଥରବସା
ନାକଗୁଣାରେ ବସି ଯାଇଥିବା ବହଳେ
ବିଷୟାର ଅରୁଚିକୁ ପୋଛି ପକାଅ, ପୁଣି
କେହି କେବେ ଦେଖି ନ ଥିବା
ମୋ' ଚିବୁକ ତଳ ତିଳଚିହ୍ନରେ
ସମର୍ପଣ ଓ ସମ୍ଭାବନାର ସ୍ୱୟଂବରକୁ
ସଜାଇ ଦେଉଥାଅ।

କେବେ ଖରାପଖଳା ଚିକ୍‌ମିକ୍ ବେଳାରେ
ତୁମକୁ ଆଉଜି ବହେ ଗପିଲାବେଳେ
ମୁଁ ଅଚାନକ ଧରା ପଡ଼ିଗଲେ,
ଜିଭ କାମୁଡ଼ିଦିଏ, ହେଲେ
ତୁମେ ବୋଲି ସିନା ସହିଯାଇ
କୁହ, ହେ... ତମେ !!
ତୁମ ଯାବତୀୟ ମିଛ କଥାରୁ
ଅନ୍ତତଃ ମୋତେ ବାଦ୍ ଦିଅ ଥରେ।

ଲୁଗା ପଣତରେ
ଅଙ୍ଗୁଳି ଗୁଡ଼ାଏ-ଫିଟାଏ, ହେଲେ
ମୁଁ କେଉଁ ମାନେ
ବାହାନାରେ ଜିଏଁ, ବାହାନାରେ ମରେ।

ତଥାପି କହିବାକୁ ଲାଜ ଲାଗୁନି ଯେ,
ଧାଡ଼ିଏ ସତ କବିତା ତୁମ ପ୍ରେମ
ମୋ' ତମାମ ମିଛଙ୍କ ଗହଳିରେ ॥

ମୋ: ୯୪୩୭୩୮୯୭୭୦

ପୁସ୍ତକ ପରିଚୟ

ଉପଲକ୍ଷ୍ୟ

ଲେଖକ: ପ୍ରସନ୍ନ କୁମାର ମିଶ୍ର
ପ୍ରକାଶକ: କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର୍, ବାଲୁବଜାର, କଟକ-୨
ପ୍ରଥମ ପ୍ରକାଶ: ୨୦୨୦, **ମୂଲ୍ୟ:** ଟ.୨୦୦/-



ମୋଟ ୬୮ଟି ଚିନ୍ତାନିଷ୍ଠ ଗଦ୍ୟ ରଚନାକୁ ନେଇ 'ଉପଲକ୍ଷ୍ୟ' ପୁସ୍ତକଟି ପରିକଳ୍ପିତ। ଲେଖାଗୁଡ଼ିକ ସମ୍ଭବତଃ କୌଣସି ଦୈନିକରେ ଆଗ ସ୍ତମ୍ଭାକାରରେ ପ୍ରକାଶିତ ଓ ପରେ ଏଇ ଗ୍ରନ୍ଥରେ ଏକତ୍ର। 'କର୍ମ-ସଂସ୍କୃତି'କୁ ପ୍ରୋତ୍ସାହିତ କରାଯିବା ଦ୍ୱାରା ରାଷ୍ଟ୍ର ତଥା ମାନବ ସମାଜର କଲ୍ୟାଣ ସାଧିତ ହୋଇଥାଏ। ଯୁବଶକ୍ତିର ଅନେକ ଆବଶ୍ୟକତା ରାଷ୍ଟ୍ର ବହନ କଲେ କର୍ମ ବିମୁଖତା ସୃଷ୍ଟିହୁଏ ଓ ଏହାଦ୍ୱାରା ରାଷ୍ଟ୍ରର ଉନ୍ନତି ବାଧାପ୍ରାପ୍ତ ହୁଏ। ଏହିପରି ସକାରାତ୍ମକ ଅନୁଭବ ହେଉଛି ଗ୍ରନ୍ଥସ୍ଥ ରଚନାଗୁଡ଼ିକର ମୂଳ ଆଧାର। ମୁଖବନ୍ଧରେ ଲେଖକ ତାଙ୍କ ରଚନାର ଉଦ୍ଦେଶ୍ୟ ସମ୍ପର୍କରେ ସ୍ପଷ୍ଟ ଭାବେ ମତ ରଖିଛନ୍ତି। 'ଗାଁ ଲୋକଙ୍କ ପାଇଁ କାମ', 'କୃଷି ସଂସାର', 'ଆମେ କ'ଣ ହାରୁଥିବା?', 'କର୍ମ ସଂସ୍କୃତି', 'ମଦର ପ୍ରସାର ଓ ଓଡ଼ିଶାର ସମୃଦ୍ଧି', 'ଅପରାଧ ଓ ପ୍ରଶାସନ', 'ଜନସଂଖ୍ୟା ନିୟନ୍ତ୍ରଣ', 'ଧାନକିଣା ପ୍ରସଙ୍ଗ', 'ନାରୀ ସୁରକ୍ଷା', 'ବରିଷ୍ଠ ନାଗରିକ ଓ ଆମ ସମାଜ', 'ମେକ୍ ଇନ୍ ଇଣ୍ଡିଆ କାର୍ଯ୍ୟକ୍ରମ', 'ସହଭାଗୀ ଚାଷ-ଭାଗ ଚାଷର ବିକଳ୍ପ', 'ଡିଜିଟାଲ ଇଣ୍ଡିଆ-ନୂତନ ଦିଗନ୍ତ', 'ସ୍ମାର୍ଟ ସିଟିର ଚଢ଼େଇ ବିକାଳି' ଓ 'ତୃଣମୂଳ ସ୍ତରର ପ୍ରଶାସନ' ଆଦି ବିଷୟଗୁଡ଼ିକ ତଥ୍ୟନିଷ୍ଠ ଓ ସମକାଳୀନ ପ୍ରାସଙ୍ଗିକତା ଦୃଷ୍ଟିରୁ ତାତ୍ପର୍ଯ୍ୟପୂର୍ଣ୍ଣ। ବହିଟି ସାଧାରଣ ପାଠିକାପାଠକଙ୍କ ସମେତ ଚାରିଆଡ଼କୁ ଆଖି ରଖୁଥିବା ବିଦ୍ୱାନ୍‌ଙ୍କ ପାଇଁ ଉପଯୋଗୀ ସାବ୍ୟସ୍ତ ହେବ।

ହନ୍ତସନ୍ତ ବାଣ୍ଟୁଥିବା ହଳଦୀବସନ୍ତ

କବି: ନୃସିଂହ ବେହେରା
ପ୍ରକାଶକ: ଶେଫାଳୀ ପବ୍ଲିକେଶନ, ଖାରପଡ଼ା, ଭୁବନେଶ୍ୱର
ପ୍ରଥମ ପ୍ରକାଶ: ୨୦୨୧, **ମୂଲ୍ୟ:** ଟ.୧୨୫/-



ଆଲୋଚ୍ୟ କବିତା ଗ୍ରନ୍ଥରେ ମୋଟ ୬୦ଟି କବିତା ସଂକଳିତ। 'ପ୍ରୀତିଧାରାରୁ ପ୍ରତିଦାନ' ଶୀର୍ଷକରେ ୫ଟି, 'ମଧୁମିତା' ଶୀର୍ଷକରେ ୨ଟି, 'ସ୍ମୃତିହତ ଅଭିମନ୍ୟୁ' ଶୀର୍ଷକରେ ୩ଟି ଏବଂ 'ଇତିହୀନ ସ୍ମୃତିର ସମାଧି' ଶୀର୍ଷକରେ ୫ଟି କବିତା ବ୍ୟତୀତ କେତୋଟି ଏକକ କବିତା ଗ୍ରନ୍ଥରେ ସାମିଲ ହୋଇଛି। ବହିଟିର ପ୍ରାୟ କବିତାରେ କବି ପ୍ରଚଳିତ କାବ୍ୟଧାରାର ଅନ୍ଧ ଅନୁଗାମୀ ନ ହୋଇ ଭାବ ଓ ଭାଷାରେ ନୂଆ ଛାପ ଛାଡ଼ିଯିବା ଦିଗରେ ସଚେତନ ହୋଇଛନ୍ତି। ''ସେଇ ଝିଅ କ'ଣ ଜାଣିଥିଲା/ ଦିନେ ସିଏ କଣ୍ଢେଇଟେ ହେବ'' ('କଣ୍ଢେଇ'-ପୃ:୧୬) ଭଳି ଧାଡ଼ି ପାଠକକୁ ଅନ୍ୟମନସ୍କ କରାଏ, ଭାବିତ କରେ। ନୃସିଂହ ତାଙ୍କ କବିତାରେ ପ୍ରସଙ୍ଗ କରନ୍ତି ପ୍ରେମ ଓ ଜୀବନକୁ। ଭାଷାରେ ତାଙ୍କର ଲୁଚି ରହିଥାଏ ଗୀତ। ବିଶିଷ୍ଟ କବି ହୃଷୀକେଶ ମଲ୍ଲିକ ବହିଟି ସମ୍ପର୍କରେ ମତ ଦେଇ କହନ୍ତି: ''ନୃସିଂହଙ୍କ ହାତରେ କବିତା ନିଶ୍ଚୟ ଭଲ ହେବ। ସାହିତ୍ୟ କାନନରେ ଏକ ଭିନ୍ନ ଝଲକରେ ମହକିବ। x x ତଥାପି ଲୋଡ଼ା ନିରନ୍ତର ତପସ୍ୟା।'' ବହିଟିର ବହୁଳ ଆଦୃତି ଓଡ଼ିଆ କବିତା ପାଇଁ ନିଶ୍ଚୟ ଏକ ଖୁସି ଖବର ହେବ।

ରେଡ୍ ସିଗ୍‌ନାଲ

ରାଧାଶ୍ୟାମ ରାଉଳ

ରମ୍ୟ ରଚନା

ଟ୍ରାଫିକ୍ ଜାମ୍। ରେଡ୍ ସିଗ୍‌ନାଲ ଆଡ଼କୁ ନଜର ନାହିଁ। ଗୃହମନ୍ତ୍ରୀ ଯାନି ପତ୍ନୀଙ୍କର କଡ଼ା ନିର୍ଦ୍ଦେଶରେ ବିପ୍ରବାବୁ ସକାଳୁ ସକାଳୁ ଖାସି ମାଉଁସ ପାଇଁ ବଜାରମୁହାଁ ଧପାଲୁଥିଲେ। ଟ୍ରାଫିକ୍ ପୋଲିସ୍ ଲମ୍ବା ହୁଇସିଲ୍ ବଜେଇ ଗାବୁକିନା ଭିଡ଼ିଧରିଲା ବଦ୍ରିବାବୁଙ୍କ ସ୍ମୃତିର ନିତମ୍ବକୁ। ବିଦ୍ରୂପ କରି କହିଲା, ''ହଇହୋ ଲମ୍ବୁବାବୁ, ସହରର ରାସ୍ତା କ'ଣ ତୁମ ଶ୍ୱଶୁର ଘର ଅଗଣା? ତୁମ ଆଖିକୁ ରେଡ୍ ସିଗ୍‌ନାଲ କ'ଣ ପୂନେଇଁ ଚାନ୍ଦ ପରିକା ଲାଗୁଛି? ଫୁଲ୍ ଦିବାନା, ନାଇଁ? ଗାଡ଼ି ସାଇଡ୍ କର। ଲାଇସେନ୍ସ ଦେଖାଅ।''

ଉପାୟ ପାଞ୍ଚଲେ ବିପ୍ରବାବୁ; ସିଗ୍‌ନାଲ ପ୍ରତି ସତର୍କ ନ ରହିବା ଅର୍ଥ ଫୁଲ୍ ଜୋରିମାନା ଦେବାଟି ଥୟ। ତେବେ, ରୁପିୟା କ୍ୟା ନକରେ କାମ୍? ଆବେ ପର୍ଶୁ ଯା'ବେ ପର୍ଶୁ, ବାବୁ ପରଶୁରାମ୍! ଲାଇସେନ୍ସ କ'ଣ ଦର୍କାର? ଖଞ୍ଜରେ ଖଞ୍ଜରେ ବିପ୍ରବାବୁ ମନିପର୍ସ ଭିତରୁ ଖଣ୍ଡିଏ ଶହେଟଙ୍କିଆ ନୋଟ୍‌ବାହାର କରି ଅତିପ୍ୟାର୍ସେ ଟ୍ରାଫିକ୍ ପୋଲିସ୍ ହାତରେ ଗେଞ୍ଜିଦେଲେ। ତହୁଁ ଟ୍ରାଫିକ୍ ପୋଲିସ୍ ନଗଦ ନାରାୟଣଙ୍କୁ ସଯତ୍ନରେ ପ୍ୟାଣ୍ଟ୍ ପକେଟରେ ପୂରେଇ ମୁର୍କି ହସ ମାରି ବିପ୍ରବାବୁଙ୍କୁ କହିଲେ, ଯାଅ ଯାଅ

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା:୧୨ Press Regd. No.ORIORI/2005/14845 Postal Regd. No. BN/42/21-23. Edition Phone (0663) 2522134, Editorial (0663) 2405816, Fax: (0663)2405616 ସମ୍ବଲପୁର, ଗୁରୁବାର, ଜୁନ୍ ୩/୨୦୨୧ Sambalpur, Thursday, June 3/ 2021

ପଦାର୍ପଣରେ କନ୍‌ୱେଙ୍କ ଶତକ

ଲର୍ଡ୍ସ, ୨।୬

ସ୍ଥାନୀୟ ଲର୍ଡ୍ସ ଗ୍ରାଉଣ୍ଡରେ ଇଂଲଣ୍ଡ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ କ୍ରିକେଟ ଟେଷ୍ଟ ବୁଧବାର ଆରମ୍ଭ ହୋଇଛି। ନିଜ ପଦାର୍ପଣ ଟେଷ୍ଟରେ ଶତକ ହାସଲ କରି ଦକ୍ଷତା ଦେଖାଇଛନ୍ତି ଡେଭନ କନ୍‌ୱେ। ତାଙ୍କ ଶତକ ବଳରେ ନ୍ୟୁଜିଲାଣ୍ଡ ଏକ ସମ୍ମାନଜନକ ସ୍କୋର ଦିଗରେ ଅଗ୍ରସର ହୋଇଛି। ପ୍ରଥମ ଦିବସରେ ଖବର ମିଳିବା ବେଳକୁ ନ୍ୟୁଜିଲାଣ୍ଡ ୭୬ ଓଭରରେ ୩ ଉଇକେଟ ହରାଇ ୨୨୧ ରନ ସଂଗ୍ରହ କରିଥିଲା। କନୱେ ୨୧୨ ବଲ୍‌ରୁ ୧୫ ଚୌକା ସହ ୧୨୫ ଓ ହେନରି ନିକୋଲ୍ସ ୧୧୬ ବଲ୍‌ରୁ ୨ ଚୌକା ସହାୟତାରେ ୩୩ ରନ କରି ଅପରାଜିତ ରହିଥିଲେ।

ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା ନ୍ୟୁଜିଲାଣ୍ଡ। ଦଳ ପକ୍ଷରୁ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିଲେ କନ୍‌ୱେ। ଆହତ ଅଲ୍‌ରାଉଣ୍ଡର ବେନ୍ ଷ୍ଟୋକ୍ସଙ୍କ ଅନୁପସ୍ଥିତିରେ ଇଂଲଣ୍ଡ ୪ ପେସ୍ ବୋଲରଙ୍କୁ ନେଇ ପଡ଼ିଆକୁ ଓହ୍ଲାଇଥିଲା। ଜେମ୍ସ ଆଣ୍ଡରସନ, ଷ୍ଟୁଆର୍ଟ ବ୍ରଡ୍, ମାର୍କ ଉଡ୍‌ଙ୍କ ସହ ବୃତ୍ତାନ୍ତ ଏକାଦଶରେ ସାମିଲ ହୋଇଥିଲେ ପଦାର୍ପଣକାରୀ ଓଲି ରବିନ୍‌ସନ। ଉଇକେଟ କିପର ଜେମ୍ସ ବ୍ରାକେ ମଧ୍ୟ ପ୍ରଥମ ଟେଷ୍ଟ କ୍ୟାପ୍ ପାଇଥିଲେ। ଆଣ୍ଡରସନ ଏଠାରେ ୧୬୧ତମ ଟେଷ୍ଟ ଖେଳିଛନ୍ତି, ଯାହାକି ଆଲିଷ୍ଟର କୁକ୍‌ଙ୍କ ସମକକ୍ଷ। କରୋନା ମହାମାରୀକୁ ଦୃଷ୍ଟିରେ ରଖି ଷ୍ଟାଡିୟମ କ୍ଷମତାର ୨୫ ପ୍ରତିଶତ ସ୍ଥାନ ପାଇଁ ଦର୍ଶକଙ୍କୁ ଅନୁମତି ମିଳିଥିଲା। ୨୦୧୯ରେ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ମଧ୍ୟରେ ଆଶେସ ଟେଷ୍ଟ ପରେ ଏହା ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ।


ଶତକ ଅବସରରେ ଡେଭନ କନ୍‌ୱେ।

ନ୍ୟୁଜିଲାଣ୍ଡ କନୱେ ଓ ଟମ୍ ଲଥାମଙ୍କ ଓପନିଂ ଯୋଡ଼ିରେ ୫୮ ରନ ସଂଗ୍ରହ କରି ଭଲ ମୂଳଦୁଆ ପକାଇଥିଲା। ୫୭ ବଲ୍‌ରୁ ୨ ଚୌକା ସହାୟତାରେ ୨୩ ରନ କରିଥିବାବେଳେ ଲଥାମଙ୍କୁ ଆଉଟ କରି ଇଂଲଣ୍ଡ ପକ୍ଷରୁ ଟେଷ୍ଟ ପଦାର୍ପଣ କରିଥିବା ଦ୍ରୁତ ବୋଲର ଓଲି ରବିନସନ ପ୍ରଥମ ସଫଳତା ପାଇଥିଲେ। ଅଧିନାୟକ କେନ୍ ୱିଲିୟମସନ ୧୩ ଓ ଭେଟେରାନ ରସ୍ ଟେଲର ୧୪ ରନ କରି ଆଉଟ ହେବାରୁ ଇଂଲଣ୍ଡ ସ୍କୋର ୧୧୪/୩ ହୋଇ ଯାଇଥିଲା। ମାତ୍ର ଚାପର ବଶବର୍ତ୍ତୀ ନ ହୋଇ ସହସିକ ଇନିଂସ ଖେଳିଥିଲେ କନ୍‌ୱେ। ସେ ୧୬୩ ବଲ୍‌ରୁ ୧୧ ଚୌକା ସହ ଶତକ ପୂରଣ କରି ଟେଷ୍ଟ ପଦାର୍ପଣକୁ ସ୍ମରଣୀୟ କରିଥିଲେ। କେବଳ ସେତିକି ନୁହେଁ ହେନରି ନିକୋଲ୍ସଙ୍କ ସହ ଶତକୀୟ ଭାଗୀଦାରି ଗଢ଼ି ସେ ନ୍ୟୁଜିଲାଣ୍ଡକୁ ଏକ ସମ୍ମାନଜନକ ସ୍କୋର ଆଡ଼କୁ ନେଇ ଯାଇଥିଲେ। ଇଂଲଣ୍ଡ ପକ୍ଷରୁ ରବିନସନ ୨ଟି ଏବଂ ଜେମ୍ସ ଆଣ୍ଡରସନ ଗୋଟିଏ ଉଇକେଟ ନେଇଥିଲେ।

ସଂକ୍ଷିପ୍ତ ସ୍କୋର

ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ ୨୨୧/୩(ଡେଭନ କନୱେ-୧୨୫*, ହେନରି ନିକୋଲ୍ସ-୩୩*, ଟମ୍ ଲଥାମ-୨୩, ଓଲି ରବିନସନ-୨/୫୦, ଜେମ୍ସ ଆଣ୍ଡରସନ-୧/୪୬)।

ପ୍ରସ୍ତୁତି ସମୟର ଅଭାବ ନେଇ କୋହଲି ଚିନ୍ତିତ ନୁହନ୍ତି

ମୁମ୍ବାଇ,୨।୬(ପି.ଟି.): ନ୍ୟୁଜିଲାଣ୍ଡ ବିପକ୍ଷ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ ଫାଇନାଲ ପୂର୍ବରୁ ପ୍ରସ୍ତୁତି ପାଇଁ ଭାରତୀୟ ଖେଳାଳିଙ୍କ ହାତରେ ପର୍ଯ୍ୟାପ୍ତ ସମୟ ହାତରେ ନାହିଁ। ତେବେ ଏ ନେଇ ଅଧିନାୟକ ବିରାଟ କୋହଲି ସେତେଟା ଚିନ୍ତିତ ନୁହଁନ୍ତି। ଇଂଲଣ୍ଡର ପାଣିପାଗରେ ଖେଳିବାର ଅଭିଜ୍ଞତା ଆମେ ଖେଳାଳିଙ୍କ ନିକଟରେ ଯଥେଷ୍ଟ ରହିଛି। ତେଣୁ ଏ ନେଇ ସେତେଟା ବ୍ୟସ୍ତ ହେବାର ଆବଶ୍ୟକତା ନାହିଁ ବୋଲି କୋହଲି କହିଛନ୍ତି। ଏହି ହାଇପ୍ରୋଫାଇଲ ଫାଇନାଲ ମ୍ୟାଚ୍ ସାଉଥାମ୍ପଟନରେ ଜୁନ୍ ୧୮ ତାରିଖରେ ଆରମ୍ଭ ହେବ। ଏବେ ନ୍ୟୁଜିଲାଣ୍ଡ ଓ ଇଂଲଣ୍ଡ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ ଖେଳୁଛନ୍ତି। ଭାରତ ଇଂଲଣ୍ଡରେ ପହଞ୍ଚିବା ପରେ କ୍ୱାରାଣ୍ଟାଇନ୍‌ରେ ରହିବ। ଏଥିରେ ୩ ଦିନିଆ ହୋଟେଲ କ୍ୱାରାଣ୍ଟାଇନ ସାମିଲ ରହିଛି। ପୂର୍ବରୁ ଆମେ କୌଣସି ସିରିଜ ଆରମ୍ଭ ହେବାର ୩ ଦିନ ପୂର୍ବରୁ ପହଞ୍ଚିଥିଲେ ମଧ୍ୟ ଭଲ ଖେଳ ପ୍ରଦର୍ଶନ କରିଛୁ। ତେଣୁ ଏ ବିଷୟରେ ଆମେ ଭଲ ଭାବେ ଅବଗତ ରହିଛୁ ବୋଲି ଇଂଲଣ୍ଡ ପ୍ରସ୍ଥାନ ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ କୋହଲି କହିଛନ୍ତି। ଆମେ ପ୍ରଥମଥର ପାଇଁ ଇଂଲଣ୍ଡରେ ଖେଳିବାକୁ ଯାଉନୁ। ସେଠାକାର ସ୍ଥିତି ସମ୍ପର୍କରେ ଆମେ ଭଲ ଭାବେ ଅବଗତ ରହିଛୁ। ମ୍ୟାଚ୍ ପୂର୍ବରୁ ମାତ୍ର ୪ଟି ପ୍ରାକ୍ଟିସ ସେସନର ସୁବିଧା ପାଇଲେ ମଧ୍ୟ ଆମେ ସେତେଟା ଚିନ୍ତିତ ନୁହଁ। ଇଂଲଣ୍ଡରେ ଆମେ ସମସ୍ତେ ପୂର୍ବରୁ ଖେଳିଛୁ ଓ ଦଳଗତ ପ୍ରଦର୍ଶନ ପାଇଁ ପ୍ରସ୍ତୁତ ଅଛୁ। ଦୀର୍ଘଦିନ ଧରି ଆମେ କଠିନ ପରିଶ୍ରମ ଜାରି ରଖିଛୁ। ଯାହା ଫଳରେ ଆମେ ଫାଇନାଲରେ ପ୍ରବେଶ କରିଛୁ ବୋଲି କୋହଲି କହିଛନ୍ତି।

ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ ପୁରୁଷ ସିଙ୍ଗଲ୍ସର ବୁଧବାର ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମ୍ୟାଚ ଅବସରରେ ରିଟର୍ନ ଶଟ୍ ଖେଳୁଛନ୍ତି ଜର୍ମାନୀର ଆଲେକଜାଣ୍ଡର ଜେଭରେଭ୍।

ତୃତୀୟ ରାଉଣ୍ଡରେ ଜେଭରେଭ, ଇସ୍ନର

ପ୍ୟାରିସ,୨।୬

ଫ୍ରେଞ୍ଚ ଓପନ ବୁଧବାର ଚତୁର୍ଥ ଦିବସରେ ପହଞ୍ଚିଛି। ପୁରୁଷ ସିଙ୍ଗଲ୍ସରେ ଜର୍ମାନୀର ଷଷ୍ଠ ସିଡ୍ ଖେଳାଳି ଆଲେକଜାଣ୍ଡର ଜେଭରେଭ୍, ୧୫ତମ ସିଡ୍ ଖେଳାଳି ନରୱେର କାସପର ରୁଡ, ୨୭ତମ ସିଡ ଇଟାଲୀର ଫାବିଓ ଫୋଗନିନି, ୩୧ତମ ସିଡ୍ ଖେଳାଳି ଆମେରିକାର ଜନ୍ ଇସ୍ନର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଜେଭରେଭ ୭-୬, ୬-୩, ୭-୬ ସେଟ୍‌ରେ କ୍ୱାଲିଫାୟର ରୋମାନ ସାଫିଉଲିନ୍‌ଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ତୃତୀୟ ରାଉଣ୍ଡରେ ଜେଭରେଭ ସର୍ବିଆର ଲାସଲୋ ଡେରେଙ୍କୁ ଭେଟିବେ। ଟପ୍ ସିଡ ନୋଭାକ ଜୋକୋଭିଚ୍ ବୁଧବାର ପ୍ରଥମ ରାଉଣ୍ଡ ମ୍ୟାଚ୍‌ରେ ୬-୨, ୬-୪, ୬-୨ ସେଟ୍‌ରେ ଆମେରିକାର ଟେନିସ ସାଣ୍ଡଗ୍ରେନଙ୍କୁ ହରାଇ ଅଭିଯାନ ଆରମ୍ଭ କରିଛନ୍ତି। ସେହିପରି ଫୋଗନିନି ୭-୬, ୬-୧, ୬-୨ ସେଟ୍‌ରେ ହଙ୍ଗେରୀର ମାର୍ଟନ ଫକୋଶୋଭିକ୍ସଙ୍କୁ ଭେଟିବେ। ସେହିପରି ଇସ୍ନର ୭-୬, ୬-୧, ୭-୬ ସେଟ୍‌ରେ ଫିଲିପ୍ କ୍ରାଜିନୋଭିକଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି।

କଲିନ୍ସ, ଭେସନିନା ତୃତୀୟ ରାଉଣ୍ଡକୁ ଉଠିଲେ

ମହିଳା ସିଙ୍ଗଲ୍ସରେ ଆମେରିକାର ଡାନିଏଲେ କଲିନ୍ସ ୬-୦, ୬-୨ ସେଟ୍‌ରେ ଆନହେଲିନା କାଲିଆନାଙ୍କୁ ଦ୍ୱିତୀୟ ରାଉଣ୍ଡରେ ପରାସ୍ତ କରି ଅଗ୍ରଗତି କରିଛନ୍ତି। ସେହିପରି ରୁଷିଆର ଏଲିନା ଭେସନିନା ଦ୍ୱିତୀୟ ରାଉଣ୍ଡରେ ଓ୍ୱାକଓଭର ପାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି। ସେହିପରି

ଫ୍ରେଞ୍ଚ ଓପନ ଟେନିସ୍

ତୃତୀୟ ରାଉଣ୍ଡରେ ପ୍ରବେଶ କରିଥିବା ଅନ୍ୟ ଖେଳାଳିମାନେ ହେଲେ ଟି. ଜିତାନସେକ, କେ. ସିନିଆକୋଭା, ଏସ୍. ସିର୍ଷ୍ଟିଆ, ଡି. କାସାଟକିନା, ପି. ହେରକୋଗ, ଏମ. ଭୋଣ୍ଡ୍ରୋଉଶୋଭା, ପି. ବଡୋଶା, ଏ. ବୋଗଡାନ।

'କ୍ଲିନ୍ ସ୍ୱିପ୍ ଲକ୍ଷ୍ୟ'

ଲଣ୍ଡନ, ୨।୬ (ପି.ଟି.): ଟେଷ୍ଟ କ୍ରିକେଟର ଦୁଇ ଶୀର୍ଷ ଦଳ ଭାରତ ଓ ନ୍ୟୁଜିଲାଣ୍ଡ ବିପକ୍ଷରେ କ୍ଲିନ୍ ସ୍ୱିପ୍ କରିପାରିଲେ ଏହା ଆମର ଆଶେସ ସିରିଜ ପାଇଁ ଶ୍ରେଷ୍ଠ ପ୍ରସ୍ତୁତି ହୋଇପାରିବ ବୋଲି ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ପ୍ରକାଶ କରିଛନ୍ତି। ଚଳିତ ବର୍ଷ ଶେଷ ଭାଗରେ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଅଷ୍ଟ୍ରେଲିଆ ବିପକ୍ଷ ଆଶେସ ସିରିଜ ପୂର୍ବରୁ ଇଂଲଣ୍ଡ ଚଳିତ ଗ୍ରୀଷ୍ମଋତୁରେ ନ୍ୟୁଜିଲାଣ୍ଡ ଓ ଭାରତ ବିପକ୍ଷରେ ୭ଟି ଟେଷ୍ଟ ଖେଳିବ। ନ୍ୟୁଜିଲାଣ୍ଡ ବିପକ୍ଷ ୨ ମ୍ୟାଚ ବିଶିଷ୍ଟ ସିରିଜ ବୁଧବାର ଆରମ୍ଭ ହୋଇ ଯାଇଥିବାବେଳେ ଆଗାମୀ ଅଗଷ୍ଟ-ସେପ୍ଟେମ୍ବରରେ ଭାରତ ବିପକ୍ଷରେ ୫ ଟେଷ୍ଟ ଖେଳିବ। ଆଶେସ ସିରିଜ ପାଇଁ ଦୀର୍ଘ ସମୟ ବାକି ରହିଛି। ମାତ୍ର ଏବେ ଆଗାମୀ ୭ ଟେଷ୍ଟ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ବିଶ୍ୱର ଦୁଇ ଶ୍ରେଷ୍ଠ ଦଳ ବିପକ୍ଷରେ ୭ ଟେଷ୍ଟ ଜିତିବା ଆମର ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି।

ଘରୋଇ କ୍ରିକେଟରେ କେନ୍ଦ୍ରୀୟ ଚୁକ୍ତି ଲାଗୁ ଦାବି

ନୂଆଦିଲ୍ଲୀ,୨।୬(ପି.ଟି.)

କୋଭିଡ୍-୧୯ ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଘରୋଇ କ୍ରିକେଟରଙ୍କ ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) କ୍ଷତିପୂରଣ ଦେବାକୁ ପ୍ରୟାସ ଆରମ୍ଭ କରିଛି। ଯଦିଓ ଏ ନେଇ ରାଜ୍ୟ ଆସୋସିଏଶନଗୁଡ଼ିକ ବିସିସିଆଇକୁ ଆଶାନୁରୂପ ସହଯୋଗ କରିପାରି ନାହାନ୍ତି। କେବଳ କ୍ଷତିପୂରଣ ଦେଲେ ଏହା ପର୍ଯ୍ୟାପ୍ତ ହେବ ନାହିଁ। ଏବେ ଘରୋଇ କ୍ରିକେଟରେ ଓ ଖେଳାଳିଙ୍କ ଲାଗି ସେଣ୍ଟ୍ରାଲ କଣ୍ଟ୍ରାକ୍ଟ (କେନ୍ଦ୍ରୀୟ ଚୁକ୍ତି) ବ୍ୟବସ୍ଥା ଲାଗୁ କରିବାକୁ ଦାବି ହୋଇଛି। ଜୟଦେବ ଉନାଡକଟ, ଶେଲ୍‌ଡନ ଜ୍ୟାକଶନ ଓ ହରପ୍ରୀତ ସିଂ ଭାଟିଆଙ୍କ ଭଳି ଅଭିଜ୍ଞ ତଥା ଜଣାଶୁଣା ଘରୋଇ କ୍ରିକେଟର ଏ ନେଇ ସ୍ୱର ଉତ୍ତୋଳନ କରିଛନ୍ତି।

ଗତମାସରେ ପୂର୍ବତନ ଭାରତୀୟ ଖେଳାଳି ତଥା ଘରୋଇ କ୍ରିକେଟର ରୋହନ ଗାଭାସ୍କର ମଧ୍ୟ ସମାନ ଦାବି ଉପସ୍ଥାପନ କରିଥିଲେ। ରାଜ୍ୟ ଆସୋସିଏଶନଗୁଡ଼ିକ ଖେଳାଳିଙ୍କ ଲାଗି କେନ୍ଦ୍ରୀୟ ଚୁକ୍ତି ଲାଗୁ କରିବା ନେଇ ନିଜର ମତ ରଖିଥିଲେ। ଜାତୀୟ ଦଳର କ୍ରିକେଟରଙ୍କ ଭଳି ଘରୋଇ କ୍ରିକେଟରମାନେ ମଧ୍ୟ ମ୍ୟାଚ୍ ପାଉଣାକୁ ବାଦ୍ ଦେଲେ କେନ୍ଦ୍ରୀୟ ଚୁକ୍ତିର ସୁବିଧା ପାଇବା ଉଚିତ ବୋଲି ସେ କହିଥିଲେ।

ଅଧିକାଂଶ ଘରୋଇ କ୍ରିକେଟର ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ) ଖେଳିବାର ସୁଯୋଗ ପାଉନାହାନ୍ତି। ଏମାନଙ୍କର ଚାକିରିର ସୁରକ୍ଷା ମଧ୍ୟ ନାହିଁ। ଘରୋଇ କ୍ରିକେଟରମାନେ କେବଳ ମ୍ୟାଚ୍ ପାଉଣା ଉପରେ ନିର୍ଭର କରୁଛନ୍ତି। କିନ୍ତୁ ଗତବର୍ଷ କୋଭିଡ୍-୧୯ କାରଣରୁ ରଣଜୀ ଟ୍ରଫି ସମ୍ପୂର୍ଣ୍ଣ ବାତିଲ ହେବା ଫଳରେ ଖେଳାଳିମାନେ ପାଉଣା ପାଇନାହାନ୍ତି। ପ୍ରତ୍ୟେକ ରାଜ୍ୟର ଶ୍ରେଷ୍ଠ ୩୦ଜଣ କ୍ରିକେଟରଙ୍କୁ ଆସୋସିଏଶନଗୁଡିକ କେନ୍ଦ୍ରୀୟ ଚୁକ୍ତିରେ ସାମିଲ କରିବା ଉଚିତ ବୋଲି ଉନାଡକଟ କହିଛନ୍ତି। ମହାମାରୀ ପୂର୍ବରୁ ମଧ୍ୟ କେନ୍ଦ୍ରୀୟ ଚୁକ୍ତି ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏକ ଫୁଲ୍ ସେସନ ଖେଳିଲେ ଜଣେ ଘରୋଇ କ୍ରିକେଟର ୧୫ରୁ ୧୬ ଲକ୍ଷ ଟଙ୍କା ଉପାର୍ଜନ କରିଥାଏ। କିନ୍ତୁ ୨୦୨୧ରେ ୮୭ ବର୍ଷ ପରେ ପ୍ରଥମଥର ପାଇଁ ରଣଜୀ ଟ୍ରଫି ବାତିଲ ହୋଇଥିଲା। ଅନ୍ୟପଟେ ଘରୋଇ କ୍ରିକେଟରଙ୍କୁ କ୍ଷତି ପୂରଣ ଦେବାକୁ ବିସିସିଆଇ ପ୍ରସ୍ତୁତ ରହିଛି। ଏ ନେଇ ରାଜ୍ୟ ଆସୋସିଏଶନଗୁଡିକ ସହ ଆଲୋଚନା ଚାଲିଛି ବୋଲି ବିସିସିଆଇ କୋଷାଧକ୍ଷ ଅରୁଣ ଧୁମଲ କହିଛନ୍ତି।

କ୍ରୀଡ଼ାର ନୂଆ ସୋପାନରେ ଓସାକା

ପ୍ୟାରିସ୍,୨।୬(ଏପି)

କ୍ରୀଡ଼ାରେ ଇଞ୍ଜୁରି ନେଇ ଆଥଲେଟମାନେ ଖୋଲାଖୋଲି ନିଜର ମତ ରଖିଥାନ୍ତି। ତେବେ ମାନସିକ ସ୍ୱାସ୍ଥ୍ୟ ନେଇ ଗଣେ ଆଥଲେଟ କୌଣସି ଇଭେଣ୍ଟରୁ ଓହରିବା ସମ୍ପୂର୍ଣ୍ଣ ଭିନ୍ନ କଥା। ମାନସିକ ଅବସାଦ ପାଇଁ ଫ୍ରେଞ୍ଚ ଓପନ୍‌ରୁ ଓହରିବା ସହ ବିଶ୍ୱର ସବୁଠାରୁ ଦାମୀ ମହିଳା ଖେଳାଳି ନାଓମି ଓସାକା ଏବେ ବିତର୍କ ସୃଷ୍ଟି କରିଛନ୍ତି ଓ କ୍ରୀଡ଼ାକୁ ନୂଆ ଦିଗରେ ପହଞ୍ଚାଇଛନ୍ତି। ଏହି ମେଗା ଇଭେଣ୍ଟରୁ ଓହରି ଓସାକା ଟେନିସ ଅଧିକାରୀଙ୍କ ସହ ଚାଲିଥିବା ପରୋକ୍ଷ ବିବାଦର ଅନ୍ତ ଘଟାଇଛନ୍ତି। ଏହା ଦ୍ୱାରା ସେ କ୍ରୀଡ଼ାର ନୂଆ ତଥା ତୃତୀୟ ସୋପାନରେ ପଦାର୍ପଣ କରିଛନ୍ତି।

ପ୍ରଥମଥର ପାଇଁ ବିନା ଇଞ୍ଜୁରିରେ କୌଣସି ଜଣେ ବଡ଼ ତାରକା ଖେଳାଳି ଏକ ବଡ଼ ଟୁର୍ନାମେଣ୍ଟରୁ ଓହରିଛନ୍ତି। ତେଣୁ ଓସାକାଙ୍କର ଏହି ନିଷ୍ପତ୍ତି ଅନେକଙ୍କର ହଜମ ହୋଇନାହିଁ। ଅଲିମ୍ପିଆନ ମାଇକେଲ ଫେଲପ୍ସ ପୂର୍ବରୁ ନିଜର ମାନସିକ ସ୍ୱାସ୍ଥ୍ୟ ନେଇ ଖୋଲାଖୋଲି ଭାବେ ମତ ରଖିଥିଲେ। ସେହିପରି ମହାନ ବାସ୍କେଟବଲ୍ ଖେଳାଳି ଜେରୀ ୱେଷ୍ଟ ମନ୍ତବ୍ୟ ଦେଇଥିଲେ। ମାନସିକ ଅବସାଦ ନେଇ ସେ ନିଜର ସଂଘର୍ଷର କାହାଣୀ ଉପସ୍ଥାପନା କରିଥିଲେ। ତେବେ ସେ ନିଜର କ୍ରୀଡ଼ା ଜୀବନର ଶେଷରେ ସେ ଏ ନେଇ ଯାହା କିଛି କହିଥିଲେ। ଅନ୍ୟ କେତେକ ଆଥଲେଟ ଜୀବନ ସାରା ନିଜର ସମସ୍ୟା ନେଇ ସଂଘର୍ଷ ଜାରି ରଖିଥିଲେ। ଆଗକୁ ଆଥଲେଟମାନେ ଓସାକାଙ୍କୁ ଅନୁସରଣ କରୁଛନ୍ତି କି ନା ତାହା ଦେଖିବାକୁ ବାକି ରହିଲା। ପୁଣି ପ୍ରଶଂସକ ଓ କ୍ରୀଡ଼ାଜଗତ ମଧ୍ୟ ଏ ନେଇ ପ୍ରତିକ୍ରିୟାଶୀଳ ହେବେ।

ନାଓମି ଓସାକା

ଫ୍ରେଞ୍ଚ ଓପନ୍‌ରୁ ଓହରିବା ଘଟଣା

ଶରୀର ଆଘାତ ସମସ୍ୟା ଓ ମାନସିକ ସ୍ୱାସ୍ଥ୍ୟ ମଧ୍ୟରେ ବହୁତ ଫରକ ରହିଛି ବୋଲି ଚିକାଗୋର ପ୍ରତିଷ୍ଠିତ ମନସ୍ତତ୍ତ୍ୱବିତ୍ ଡଃ ୱେଣ୍ଡି ବୋରଲାବି କହିଛନ୍ତି। ପୂର୍ବରୁ ସେ ପେସାଦାର, ଅଲିମ୍ପିକ୍ ଓ କଲେଜ ଆଥଲେଟଙ୍କ ସହ କାର୍ଯ୍ୟ କରିଛନ୍ତି। ମାନସିକ ସ୍ୱାସ୍ଥ୍ୟ ସମ୍ପର୍କରେ ଖୋଲାଖୋଲି ଆଲୋଚନା କଲେ ଖାସ୍ କରି କ୍ରୀଡ଼ାରେ କଳଙ୍କକୁ ଆମେ ପଛରେ ପକାଇପାରିବା। ଖେଳାଳିମାନେ ମଧ୍ୟ ଏଥିରୁ ଲାଭ ପାଇପାରିବେ ବୋଲି ସେ କହିଛନ୍ତି।

କିଛି ଦିନତଳେ କେଭିନ ଲଭ ଓ ଡିମାର ଡିରୋଜାନଙ୍କ ଭଳି ଏନ୍‌ବିଏ ଖେଳାଳି ଓ ଡବ୍ଲ୍ୟୁଏନ୍‌ବିଏର ଆଜା ୱିଲଶନ ନିଜର ଅବସାଦ ନେଇ ସଂଘର୍ଷ, ସଫଳତା ଓ ବିଫଳତାର କାହାଣୀ ଖୋଲାଖୋଲି ଭାବେ ସେୟାର କରିଥିଲେ। କ୍ରୀଡ଼ାରେ ମାନସିକ ସ୍ୱାସ୍ଥ୍ୟ ନେଇ ଯେ ସମସ୍ୟା ରହିଛି ଏହା ସ୍ୱୀକାର କରିବାକୁ ହେବ। ତେଣୁ ଓସାକା ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହା ସାହସିକ ବୋଲି କୁହାଯାଇପାରେ। ଓସାକା ଏ ନେଇ ଉଦାହରଣ ସୃଷ୍ଟି କରିଛନ୍ତି। ଏବେ ଆଥଲେଟମାନେ ମାନସିକ ସ୍ୱାସ୍ଥ୍ୟ ନେଇ ଆଲୋଚନା କରିବାକୁ ଆଦୌ ଦ୍ୱିଧାବୋଧ କରିବେ ନାହିଁ। ଏହା ନିଶ୍ଚିତ ଭାବେ କ୍ରୀଡ଼ା ପାଇଁ ଶୁଭଙ୍କର ବୋଲି କୁହାଯାଇପାରେ। ଫ୍ରେଞ୍ଚ ଓପନରୁ ଓସାକା ଓହରିବା କ୍ରୀଡ଼ାକୁ ଏକ ନୂଆ ଦିଗ ପ୍ରଦାନ କରିବା ସହ ଭିନ୍ନ ଏକ ସୋପାନରେ ପହଞ୍ଚାଇଛି ବୋଲି କୁହାଯାଇପାରେ।

ପୁରୁଣା ଗଣ୍ଠି ବ୍ୟଥାର ପ୍ରଭାବୀ ଉପଚାର
ଡା. ଅର୍ଥୋ
आयुर्वेदिक कैप्सूल
3x10 Capsules
ASIA'S MOST PROMISING BRAND
Dr. Ortho
100% Ayurvedic Capsules
Helpful in painful conditions
₹ 6.10 ପ୍ରତି କ୍ୟାପ୍‌ସୁଲ
ଡା. ଅର୍ଥୋ ହିଁ କାହିଁକି କିଣିବେ?
ସମଗ୍ର ଭାରତରେ ମିଳିଛି ପରିଣାମ
ଏକା-ସଦୃଶ ନାମ ପ୍ରତି ସାବଧାନ
ଡା. ଅର୍ଥୋ ପୂରା ନାମ ପଢ଼ି କିଣନ୍ତୁ
Rajasthan
ରାମକରଣ ଖିଞ୍ଚି, ୭୪ ବର୍ଷ, ଆଣ୍ଠୁ ଯନ୍ତ୍ରଣା କାରଣରୁ ବିବ୍ରତ ଥିଲେ। ସବୁ ପ୍ରକାର ଚିକିତ୍ସା କରାଇଲେ କିନ୍ତୁ ବ୍ୟଥା କିଛି ସମୟ ପାଇଁ ବନ୍ଦ ହୋଇ ପୁନର୍ବାର ଆରମ୍ଭ ହୋଇଯାଉଥିଲା । କିନ୍ତୁ ଆୟୁର୍ବେଦିକ ଡା. ଅର୍ଥୋ ତେଲ, କ୍ୟାପସୁଲ୍‌ର ୩-୪ ମାସ ବ୍ୟବହାର ପରେ ଆଜି ସେ ବହୁତ ସୁସ୍ଥ ଅଛନ୍ତି । ଆଜି ତାଙ୍କୁ କୌଣସି ଇଂରାଜୀ ଔଷଧ ଆବଶ୍ୟକ ହେଉନାହିଁ ।
Maharashtra
ଶାନ୍ତାବାଈ ଉତ୍ତମ ରାଓ, ବନସୋଡ ୬୭ ବର୍ଷୀୟା ଗୃହିଣୀ ଅଟନ୍ତି । ସେ ଲେଖନ୍ତି ଯେ ତାଙ୍କୁ ବିଗତ ୧ ବର୍ଷ ଧରି ଗୋଡ ଓ ଆଣ୍ଠୁରେ ଭୀଷଣ ଯନ୍ତ୍ରଣା ରହୁଥିଲା । ଡାକ୍ତରଙ୍କୁ ଦେଖାଇଲେ, କିନ୍ତୁ ଆରାମ ମିଳିଲା ନାହିଁ । ଦିନେ ଟିଭିରେ ଆୟୁର୍ବେଦିକ ଡା. ଅର୍ଥୋ ତେଲ, କ୍ୟାପସୁଲର ବିଜ୍ଞାପନ ଦେଖି ତାହାକୁ ମେଡିକାଲ ଷ୍ଟୋରରୁ ମଗାଇଲେ । ମାତ୍ରା ୨ ମାସରେ ହିଁ ମୋତେ ଯନ୍ତ୍ରଣାରୁ ଆରାମ ମିଳିଗଲା ।
Himachal
କେଓ୍ୱଲ କୁମାର, ସାରା ଦିନର ଧାଁଦଉଡ଼ କାରଣୁ ଆଣ୍ଠୁ ବ୍ୟଥାର ସମସ୍ୟା ବଢ଼ିଚାଲିଥିଲା । ଅନେକ ଡାକ୍ତରଙ୍କୁ ଦେଖାଇଲେ ଓ ଔଷଧ ଖାଇଲେ କିନ୍ତୁ କିଛି ଲାଭ ମିଳିଲା ନାହିଁ । ଦିନେ ଖବରକାଗଜରେ ଡା. ଅର୍ଥୋର ବିଜ୍ଞାପନ ପଢ଼ି ସେ ଆୟୁର୍ବେ

ମହିଳା ଶକ୍ତି ପକ୍ଷରୁ ମାସ୍କ, ରାଶନ ବଣ୍ଟନ

ବଲାଙ୍ଗୀର ଅଫିସ: ବଲାଙ୍ଗୀର ମହିଳା ଶକ୍ତି ସଙ୍ଗଠନ ପକ୍ଷରୁ ସହରର ବିଜାଖମନ୍, ରେଲୱେ ଷ୍ଟେଶନ୍, ରାଜୀବନଗର, କାମାକ୍ଷୀନଗର, ଉଦୟ ନଗର, ଠିକାଦାରପଡା ଅଞ୍ଚଳରେ ବିଧବା ମହିଳା ଓ ଗରିବ ଶ୍ରେଣୀର ନିସହାୟ ଲୋକଙ୍କୁ ମାସ୍କ ଓ ରାଶନ୍ ସାମଗ୍ରୀ ବଣ୍ଟନ କରାଯାଇଛି। କରୋନା ମହାମାରୀରେ ବହୁ ବିଧବା, ଗରିବ ଶ୍ରେଣୀର ଲୋକେ ନାହିଁନଥିବା ଅସୁବିଧା ଭୋଗ କରୁଛନ୍ତି । ଅନେକ ଲୋକ ରୋଜଗାର ହରାଇ ଚିନ୍ତାରେ ପଡିଛନ୍ତି । ଏତିକି ବେଳେ ଲକ୍‌ଡାଉନ୍ ଅବଧି ବଢ଼ି ବଢ଼ି ଚାଲିଛି । ଏଭଳି ଲୋକଙ୍କୁ ଚିହ୍ନଟ କରାଯାଇ ମହିଳା ଶକ୍ତି ପକ୍ଷରୁ ଡାଲି, ଚାଉଳ, ଆଳୁ, ପିଆଜ, ସାବୁନ୍, ମାସ୍କ, ସାନିଟାଇଜର ବଣ୍ଟନ କରାଯାଇଛି । ଗୋପାଳ ଚନ୍ଦ୍ର ମିଶ୍ର ଓ ରାକେଶ ଭୋଇଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ।

ବର୍ଷାରେ ଭିଜି ଧାନ ନଷ୍ଟ

କେସିଙ୍ଗା, ୨।୬ (ଡି.ଏନ.ଏ.)

କଳାହାଣ୍ଡି ଜିଲା କିକିଆ ମଣ୍ଡିରେ ଥିବା ୩ ହଜାର ବସ୍ତା ରବି ଧାନ ବୁଧବାର ହୋଇଥିବା ଅଚାନକ ବର୍ଷାରେ ଭିଜି ନଷ୍ଟ ହୋଇଯାଇଛି। ମଣ୍ଡିରେ ଧାନ ରଖିବା ପାଇଁ କୌଣସି ସୁବିଧା ନ ଥିବାରୁ ବୁଧବାର ସକାଳେ ହଠାତ ହୋଇଥିବା ବର୍ଷାରେ ଖୋଲା ଆକାଶ ତଳେ ଥିବା ଧାନସବୁ ଭିଜି ନଷ୍ଟ ହୋଇଛି। ଏହି ମଣ୍ଡିର ଧାନ କ୍ରୟ ଲାଗି ୩ ମିଲର୍ସଙ୍କୁ ଦାୟିତ୍ୱ ଦିଆଯାଇଛି। କିକିଆ ମଣ୍ଡିରେ କିକିଆ, କୁଣ୍ଡାବନ୍ଧ, ପଥର୍ଲା ଓ ବୋରିଆ ଗ୍ରାମପଞ୍ଚାୟତର ୫୦ଜଣ ଚାଷୀଙ୍କ ୪ ହଜାର ବସ୍ତା ଧାନ ଥିଲା। ଗତ ମଙ୍ଗଳବାର ଏକ ହାଜର ବସ୍ତା ଧନ ଏହି ୩ ମିଲରର୍ସ ଉଠାଇଥିଲେ। ଗୋଟିଏ ଓଜନ କଣ୍ଟା ଥିବାରୁ ଓଜନ କରିବାରେ ବହୁ ବିଳମ୍ବ ହେଉଛି। ଦୁର୍ଭାଗ୍ୟ ବଶତଃ ଅଚାନକ ବୁଧବାର ସକାଳେ ବର୍ଷା ହେବାରୁ ଓଦା ଧାନକୁ ମିଲର୍ସମାନେ ନେବା ପାଇଁ ମନା କରୁଛନ୍ତି। କେସିଙ୍ଗା ବ୍ଲକ ଉତ୍‌କେଲା ପ୍ୟାକ୍ସ କିମ୍ବା ଆରଏମସି ଏହି ମଣ୍ଡିରେ କୌଣସି ଧାନ ରଖିବା ପାଇଁ ସୁବିଧା କରି ନ ଥିବାରୁ ଚାଷୀମାନେ ହଇରାଣ ହେଉଛନ୍ତି। ଓଦା ଧାନକୁ ଶୁଖିବା ପରେ କିଣାଯିବା ବୋଲି ମିଲର୍ସ କହିଛନ୍ତି। ଅର୍ଜୁନ ମହାପାତ୍ର (୪୫), ମୋହନ ମାଝି (୬୦), କେଶବ ବିଶ୍ୱାଳ (୭୦), ଦୁର୍ଗା ଚରଣ ପ୍ରଧାନ (୬୮), ପ୍ରଶାନ୍ତ ପ୍ରଧାନ (୩୫), ଗଣେଶ ରଣା (୪୨) ପ୍ରମୁଖ ଚାଷୀଙ୍କ ଧାନ ନଷ୍ଟ ହୋଇଛି। କେସିଙ୍ଗା ଯୋଗାଣ ସହଅଧିକାରୀ ସୁଶାନ୍ତ କୁମାର ସ୍ୱାଇଁଙ୍କୁ ପଚାରିବାରୁ ହଠାତ ବର୍ଷା ହେବାରୁ ଧାନ ଭିଜି ଯାଇଛି। ସବୁ ଧାନ ସୁଖିବା ପରେ ବିଳମ୍ବରେ ଉଠିବ ବୋଲି ପ୍ରକାଶ କରିଥିଲେ।

ବର୍ଷା ଯୋଗୁ କିକିଆ ମଣ୍ଡିରେ ଥିବା ଧାନବସ୍ତା ଭିଜୁଛି।

କିକିଆ ଧାନ ମଣ୍ଡି
- ୩ ହଜାର ଧାନ ବସ୍ତା ଭିଜିଲା
- ମିଲର୍ସ ଉଠାଇବାକୁ ନାରାଜ

ମଣ୍ଡିରେ ଗଜା ହେଲା ଧାନ

ନୂଆପଡ଼ା ଅଫିସ,୨।୬

ନୂଆପଡା ଜିଲାରେ ରବିଧାନ ସଂଗ୍ରହ ପାଇଁ ୨୬ଟି ପ୍ୟାକ୍ସରୁ ୩୨ଟି ଧାନ କ୍ରୟ କେନ୍ଦ୍ର (ମଣ୍ଡି) ଖୋଲାଯାଇଛି। ଜିଲାରେ ୨ ଲକ୍ଷ ୨୦ ହଜାର ୫୮୮ କୁଇଣ୍ଟାଲ ୨୪ କିଲୋଗ୍ରାମ ଧାନ କିଣିବା ଲକ୍ଷ୍ୟଧାର୍ଯ୍ୟ ହୋଇଛି। ମାସର ଅଭାବ ଓ କାର୍ଯ୍ୟରତ କର୍ମଚାରୀମାନଙ୍କ ଅବହେଳା ଯୋଗୁ ଚାଷୀ ଠିକ ସମୟରେ ଧାନ ବିକ୍ରୀ କରି ପାରୁନାହିଁ। ମଣ୍ଡିରେ ଦୀର୍ଘ ଧରି ଜଗି ରହିବାକୁ ପଡୁଛି। ପ୍ରତ୍ୟେକ ମଣ୍ଡିରେ ହଜାର ହଜାର ବସ୍ତା ଧାନ ପଡି ରହିଛି। ଗତ ୨୫ ତାରିଖଠାରୁ ମଣ୍ଡି ଆରମ୍ଭ ହୋଇ ଆଜକୁ ୨ ସପ୍ତାହ ହୋଇ ଯାଇଥିଲେ ମଧ୍ୟ ଅଧିକାଂଶ ଚାଷୀଙ୍କ ଧାନ ମଣ୍ଡିରେ ପଡି ରହିଛି। ମେ ମାସରେ କାଳବୈଶାଖୀ ବର୍ଷା ପାଣିରେ ଭିଜି ଧାନ ଗଜା ହେବାରେ ଲାଗିଲାଣି। ମିଲର୍ସମାନେ ପାଣି ଭିଜା ଧାନକୁ ନେବା ପାଇଁ କୁଣ୍ଠାବୋଧ କରୁଥିବା ବେଳେ ୭/୮ କେଜି ଧାନ କଟନି ଛଟନିରେ ଯାଉଛି। ଯିଏ ଯଦି ମିଲର୍ସ ସହିତ ଯୁକ୍ତି କଲେ ତାହାର ଧାନ ନେଉ ନ ଥିବା ଅଭିଯୋଗ ହେଉଛି। ଏ ସଂକ୍ରାନ୍ତରେ ସିଏସଓ କୃଷ୍ଣଚନ୍ଦ୍ର ସେଠୀଙ୍କୁ ପଚାରିବାରୁ ସବୁ ମଣ୍ଡି ଠିକ୍‌ଠାକ୍‌ରେ ଚାଲିଛି। ବର୍ତ୍ତମାନ ସୁଦ୍ଧା ୯୬ ହଜାର ୨୦୦ କୁଇଣ୍ଟାଲ ୪୬ କେଜି ଧାନ ମଣ୍ଡିରୁ ଉଠି ସାରିଲାଣି। ବର୍ଷାପାଗ ରହିଛି, ସବୁ ମଣ୍ଡିରେ ଯେମିତି ଶୀଘ୍ର ଧାନ ଉଠାଯିବ ତାହାର ବ୍ୟବସ୍ଥା କରାଯାଉଛି ବୋଲି କହିଥିଲେ।

ସଂକ୍ଷେପରେ

ବେଆଇନ ପଥର ଖନନ ବେଳେ ଚଢ଼ାଉ

ଜେସିବି ଜବତ, ଜରିମାନା ଆଦାୟ

ଗୋଲାମୁଣ୍ଡା, ୨।୬ (ଡି.ଏନ.ଏ.): କଳାହାଣ୍ଡି ଜିଲା ଗୋଲାମୁଣ୍ଡା ତହସିଲ ଅଧୀନ ସୁକୁନିମୁଣ୍ଡା ନିକଟ ରାସ୍ତା ପାର୍ଶ୍ୱରେ ଏକ ଜେସିବି ସାହାଯ୍ୟରେ ବେଆଇନ ପଥର ଖନନ ବେଳେ ଅଚାନକ ତହସିଲଦାର ଚଢ଼ାଉ କରିଥିଲେ। ତହସିଲଦାର ସର୍ବେଶ୍ୱର ଜାଲଙ୍କ ନେତୃତ୍ୱରେ ଜେସିବିକୁ ଜବତ କରି ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଛି। ସୂଚନାମତେ ଜେସିବି ମେସିନ୍ ସାହାଯ୍ୟରେ ସରକାରୀ ଜମିରେ ବେଆଇନ ପଥର ଖନନ ଓ ମୁରୁମ ମାଟି ଖୋଳୁଥିବା ଅଭିଯୋଗ ହୋଇଥିଲା। ଗୋଲାମୁଣ୍ଡା ରାଜସ୍ୱ ନିରୀକ୍ଷକ ହିମାଂଶୁ ଶେଖର ପଣ୍ଡା, ରାଜସ୍ୱ ପରିଦର୍ଶକ ଉଦିତ ପ୍ରତାପ ବାରିକ, ବଡଚେରଗାଁ ରାଜସ୍ୱ ନିରୀକ୍ଷକ ଜିତେନ୍ଦ୍ର କୁମାର ନାଏକ ଓ ଗୋଲାମୁଣ୍ଡା ତହସିଲଦାର ଜାଲଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରଯାଇ ଚଢ଼ାଉ କରାଯାଇଥିଲା। ଘଟଣାସ୍ଥଳରୁ ଜେସିବି ଜବତ କରି ଗୋଲାମୁଣ୍ଡା ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟକୁ ଅଣାଯାଇଥିଲା। ଜେସିବି ମାଲିକଙ୍କୁ ଡକାଯାଇ ତାଙ୍କଠାରୁ ୨୦ ହଜାର ଟଙ୍କା ଜରିମାନା ଆଦାୟ କରାଯାଇଥିଲା।

ବଦଳିବ ଜୁନାଗଡ଼ ଏନ୍‌ଏସିର ରୂପରେଖ

କଳାହାଣ୍ଡି ଜିଲାପାଳ ବିଭିନ୍ନ ଉନ୍ନୟନ କାମ ଅନୁଧ୍ୟାନ କରୁଛନ୍ତି।

ଜୁନାଗଡ, ୨।୬ (ଡି.ଏନ.ଏ.)

ବିଭିନ୍ନ ଉନ୍ନୟନ କାମର ପରିଦର୍ଶନ କଲେ ଜିଲାପାଳ

କଳାହାଣ୍ଡି ଜିଲା ଜୁନାଗଡ ସହରର ରୂପରେଖ ଖୁବଶୀଘ୍ର ବଦଳିବାକୁ ଯାଉଛି। ଜୁନାଗଡ ବିଧାୟକ ତଥା ମନ୍ତ୍ରୀ କ୍ୟାପଟେନ ଦିବ୍ୟ ଶଙ୍କର ମିଶ୍ରଙ୍କ ଉଦ୍ୟମକ୍ରମେ ଖୁବ୍‌ଶୀଘ୍ର ଏଠାରେ ଏକ ସ୍ମାର୍ଟପାର୍କ, ସ୍ମାର୍ଟ ମଶାଣି, କୋଭିଡ୍ ଡାକ୍ତରଖାନା ହେବାକୁ ଯାଉଛି। ଏହାର ଭିତ୍ତିଭୂମିକୁ ଅନୁଧ୍ୟାନ କରିବାକୁ କଳାହାଣ୍ଡି ଜିଲାପାଳ ଡ.ଗାଭାଲି ପରାଗ ହର୍ଷଦ ଏହି ସ୍ଥାନଗୁଡିକ ପରିଦର୍ଶନ କରିଛନ୍ତି। ସେହିପରି ନିର୍ମାଣାଧୀନ ବିଜୁ ପଟ୍ଟନାୟକ ଷ୍ଟାଡିୟମ ଓ ସ୍ମାର୍ଟ ହାଇସ୍କୁଲ ଉନ୍ନୟମ କାମ ମଧ୍ୟ ତଦାରଖ କରିଥିଲେ। ପରେ ମନ୍ତ୍ରୀ ମିଶ୍ରଙ୍କ ସହ ଘଟଣା ବିଷୟରେ ଭିଡିଓ କଲ ମାଧ୍ୟମରେ କଥା ହୋଇଥିଲେ। ଏହି ସମୟରେ ଧର୍ମଗଡ ଉପଜିଲାପାଳ ଟିଏସ୍ ଦିବାକର, ପିଡବ୍ଲୁଡି ନିର୍ବାହୀ ଯନ୍ତ୍ରୀ ଅଜିତ ବାବୁ, ଜୁନାଗଡ ବିଡିଓ ଦୁଲାରାମ ମାରାଣ୍ଡି, ତହସିଲଦାରା ବେଦବ୍ୟାସ ଭୋଇ, ଏନ୍‌ଏସି ଇଓ ବିଶମ୍ବର ମିଶ୍ର, ପୂର୍ବତନ ଏନ୍‌ଏସି ଅଧ୍ୟକ୍ଷ ମହେଶ ସାହୁ, ସହକାରୀ ଯନ୍ତ୍ରୀ ଗୋବିନ୍ଦା ବଲ୍ଲଭ ମହାରଣା, ଯନ୍ତ୍ରୀ ସଞ୍ଜୟ ମଲିକ ପ୍ରମୁଖ ଉପସ୍ଥିତ ଥିଲେ।

ଜଳ ଯୋଗାଣ ପ୍ରକଳ୍ପ କାର୍ଯ୍ୟକ୍ଷମରେ ବିଳମ୍ବ

କର୍ଲାମୁଣ୍ଡା, ୨।୬ (ଡି.ଏନ.ଏ.): ଲୋକଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଲାଗି ସରକାର ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରୁଛନ୍ତି। କିନ୍ତୁ ଠିକାଦାର ଓ ବିଭାଗୀୟ ଅଧିକାରୀମାନଙ୍କ ମଧ୍ୟଚନ୍ଦ୍ରିକା ପାଇଁ ପାନୀୟ ଜଳ ପ୍ରକଳ୍ପଗୁଡିକ ଅନେକ ସ୍ଥାନରେ ଅଧାପନ୍ତରିଆ ଭାବେ ପଡିରହିଥିବା ଦେଖିବାକୁ ମିଳୁଛି। ଏଭଳି ଏକ ଘଟଣା କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ସ. ମାଲପଡା ପଞ୍ଚାୟତରେ ଦେଖିବାକୁ ମିଳିଛି। ସୂଚନା ଅନୁସାରେ ଗ୍ରାମୀଣ ଜଳ ପରିମଳ ମିଶନ ପକ୍ଷରୁ ଟେଣ୍ଡର ଜରିଆରେ ଭବାନୀପାଟଣାର ଜଣେ ଠିକାଦାର ସ. ମାଲପଡା ପଞ୍ଚାୟତରେ ଘରକୁ ଘର ଜଳ ଯୋଗାଣ ନିମନ୍ତେ ପ୍ରକଳ୍ପ ଆରମ୍ଭ କରିଥିଲେ। ୨୦୧୯ରେ ୮୦ ଲକ୍ଷରୁ ଊର୍ଦ୍ଧ୍ୱ ଅଟକଳରେ ଠିକାଦାରଙ୍କ ଦ୍ୱାରା ଆରମ୍ଭ ହୋଇଥିବା ଏହି ପ୍ରକଳ୍ପ ବର୍ତ୍ତମାନ ସୁଦ୍ଧା ଶେଷ ହୋଇଥିଲେ ହେଁ ସ. ମାଲପଡା ଗାଁକୁ ପାଇପ୍ ଯୋଗେ ଜଳ ଯୋଗାଣ ହୋଇପାରିନାହିଁ। ଅନ୍ୟପକ୍ଷରେ ନିମ୍ନମାନର କାର୍ଯ୍ୟ ଯୋଗୁ ପାଣି ଟାଙ୍କି ନିର୍ମାଣ ହୋଇଥିବା ସ୍ଥାନରେ ଦିଆଯାଇଥିବା ପାଚେରିରେ ଏବେଠୁ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳୁଛି। ଏ ନେଇ ବିଭାଗୀୟ ଯନ୍ତ୍ରୀ ବିଭୁତି କିଷାନଙ୍କୁ ପଚାରିବାରୁ ପ୍ରକଳ୍ପ କାର୍ଯ୍ୟ ଠିକାଦାର ସମାପ୍ତ କରିଥିଲେ ହେଁ ବିଦ୍ୟୁତ୍ ସଂଯୋଗ ପାଇଁ ନିଯୁକ୍ତ ଠିକାଦାର ବିଦ୍ୟୁତ୍ ସଂଯୋଗରେ ବିଳମ୍ବ କରୁଥିବାରୁ ଜଳ ଯୋଗାଣ ହୋଇପାରୁନାହିଁ ବୋଲି କହିଥିଲେ। ଅନ୍ୟପଟେ ସ. ମାଲପଡା ବଡ ଗାଁ ହୋଇଥିବାରୁ ଏମାନଙ୍କ ପାଇଁ ଜଳ ସମସ୍ୟା ଏବେ ପ୍ରମୁଖ ସମସ୍ୟା ଭାବେ ଦେଖାଦେଇଛି। ବହୁ କଷ୍ଟରେ ନଦୀରୁ ଛୋଟ ଛୋଟ ବୃଆଁ ଖୋଳି ପାଣି ଆଣୁଥିବା ଗ୍ରାମବାସୀ ପ୍ରକାଶ କରିଛନ୍ତି। ଏଥିପାଇଁ ଜିଲାପାଳ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ମିଳିନି ପ୍ରାପ୍ୟ

ସ୍ୱୟଂ ସହାୟିକ ଗୋଷ୍ଠୀ ସଭାନେତ୍ରୀ, ସମ୍ପାଦିକା ସରପଞ୍ଚଙ୍କୁ ଫେରାଦ ହେଉଛନ୍ତି।

ବିନିକା,୨।୬(ଡି.ଏନ୍.ଏ.): ଗତବର୍ଷ ଲକ୍ ଡାଉନ ସମୟରେ ଟିଏମ୍‌ସିରେ ରହୁଥିବା ପ୍ରବାସୀଙ୍କୁ ରନ୍ଧା ଖାଦ୍ୟ ଓ ଶୁଖିଲା ଖାଦ୍ୟ ଯୋଗାଇ ଦେଇଥିବା ସୁବର୍ଣ୍ଣପୁର ଜିଲା ବିନିକା ଅଞ୍ଚଳର କେତେକ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀକୁ ଅଦ୍ୟାବଧି ଏ ବାବଦ ପ୍ରାପ୍ୟ ମିଳି ପାରିନାହିଁ। ଫଳରେ ମହିଳା ସଦସ୍ୟାଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ମହଦା ଗ୍ରାପ ଅଧୀନ ସିଆଲି ଗ୍ରାମର ମା' ଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀ ଏହାର ଏକ ଉଦାହରଣ । ଏହି ଗୋଷ୍ଠୀ ୨୦୨୦ ଲକଡାଉନ୍ ସମୟରେ ନିଜସ୍ୱ ଖର୍ଚ୍ଚରେ ଗାଁ ସ୍କୁଲ ଗୃହ ଟିଏମ୍‌ସିରେ ରହୁଥିବା ପ୍ରବାସୀ ଶ୍ରମିକମାନଙ୍କୁ ରନ୍ଧାଖାଦ୍ୟ ଯୋଗାଇ ଦେଇଥିଲା । ଏହା ମଧ୍ୟରେ ଏକ ବର୍ଷ ବିତିଥିଲେ ମଧ୍ୟ ସେମାନଙ୍କୁ ଖର୍ଚ୍ଚ କରିଥିବା ଅର୍ଥ ରାଶି ମିଳି ପାରିନାହିଁ। ଏନେଇ ବିନିକା ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଗତ ମାସ ୧୩ ତାରିଖରେ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ମହଦା ସରପଞ୍ଚଙ୍କୁ ମଧ୍ୟ ଲିଖିତ ଭାବେ ଜଣାଯାଇଥିଲା । କିନ୍ତୁ କୌଣସି ବିହିତ ପଦକ୍ଷେପ ନିଆଯାଇ ନ ଥିବା ମା' ଲକ୍ଷ୍ମୀ ମହିଳା ସ୍ୱୟ ସହାୟକ ଗୋଷ୍ଠୀର ସଭାନେତ୍ରୀ ଶବ୍ୟା ରାୟ ଓ ସମ୍ପାଦିକା ସୌଦାମିନୀ ଧରୁଆ ପ୍ରମୁଖ କ୍ଷୋଭର ସହ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ, ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଓ ଏନ୍‌ଏସି ଅଞ୍ଚଳରେ ୧୨୦ରୁ ଊର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ରହିଛି । କରୋନା ସଂକ୍ରମଣ ରୋକିବା ପାଇଁ ୨୦୨୦ ରେ ହୋଇଥିବା ଲକ୍‌ଡାଉନ୍ ବେଳେ ଟିଏମ୍‌ସିଗୁଡିକରେ ରହୁଥିବା ପ୍ରବାସୀ ଶ୍ରମିକମାନଙ୍କୁ ଖାଇବାକୁ ଦେବା ଦାୟିତ୍ୱ ବିନିକା ଅଞ୍ଚଳର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଗୁଡିକୁ ଦିଆଯାଇଥିଲା । ଫଳରେ ମହିଳା ଗୋଷ୍ଠୀ ଘର କାମକୁ ପଛରେ ପକାଇ ପ୍ରବାସୀଙ୍କ ପାଇଁ ନିଜ ଖର୍ଚ୍ଚରେ ଖାଦ୍ୟ ଦେବାର ବ୍ୟବସ୍ଥା କରିଥିଲେ । ମାତ୍ର ପ୍ରାପ୍ୟ ପାଇବାରେ ବିଳମ୍ବ ଯୋଗୁ ଯେଉଁ ଦୋକାନୀଙ୍କ ଠାରୁ ଖାଦ୍ୟ ସାମଗ୍ରୀ ଆଣିଥିଲେ ସେମାନଙ୍କ ଆକ୍ରୋଶର ଶିକାର ହେଉଥିବା ବେଳେ ଆଣିଥିବା ଧାର ଟଙ୍କା ଶୁଝି ପାରୁନାହାନ୍ତି । ଯଥାଶୀଘ୍ର ବ୍ଲକ କର୍ତ୍ତୃପକ୍ଷ ବିହିତ ପଦକ୍ଷେପ ନେବାକୁ ଦାବି ହେଉଛି ।

ODISHA POWER TRANSMISSION CORPORATION LIMITED
(A Government of Odisha Undertaking)
Regd. Office: Janpath, Bhubaneswar-751022
CIN:U40102OR2004SGC007553
No.CAD-383:- **TENDER ALERT**
01)Tender Call Notice No-01/2021-22: Replacement of 90kN 245KV old Single Suspension and Double Suspension type of disc insulator strings by long rod insulators at different locations of the 220 KV Balasore-New Duburi DC line under EHT O&M Division, Balsore.
02)Tender Call Notice No.03/2021-22: Construction of office building for Store S/d Rengali at Grid S/S Rengali under EHT O&M Division Joda.
For details please visit : www.optcl.co.in. FIPR-12/2021-22
OIPR-04011/11/0019/2122

National Health Mission
Odisha State Health & Family Welfare Society
Health & FW Department, Govt. of Odisha
Annex Building of SIH & FW, Nayapalli, Unit-8, Bhubaneswar-751012
Advt. No: 12/21 Date:01.06.20201
Request for Proposal (RFP) through online for Operation & Management of Urban Primary Health Center in partnership mode under NHM
No. E-128:- Odisha State Health & Family Welfare Society invites **online application** as per the prescribed RFP document from credible entities registered under Society Registration Act/ Indian Trust Act/ Company Act./ Institutions like Medical Colleges/Hospitals run under Govt./ Public Sector/Pvt. Sector for operation & management of some **Urban Primary Health Centers** in partnership mode. The selection of Agencies are subject to the Notification of UPHC by Govt. and approval of the projects in NHM PIP 2021-22.
The eligibility criteria and detailed requirements for "Operation & Management of UPHC" are set forth in the RFP document which can be downloaded along with user manual for online application from the website: www.nhmodisha.gov.in. Interested bidders fulfilling the eligibility criteria may submit their online application & required documents as set forth in this RFP. The bidders have to submit EMD only in a sealed envelope through Speed post/Registered post/ Courier only clearly superscribing the name of the UPHC applied for management on the envelope to the CDM&PHO of the applied district on or before the last date for submission of online application mentioned in the RFP.
The interested bidders can apply online on the web link www.nhmodisha.in/ngo. The online applications complete in all respect should be submitted **latest by 22.06.2021**. Incomplete applications/applications received from the blacklisted NGOs/ Trusts will be summarily rejected. The authority reserves the right for cancellation of the Advertisement / selection / modification of guidelines for selection without assigning any reason thereof. No personal inquiry shall be entertained.
Sd./- **Mission Director, NHM & Member Secretary, OSH&FW Society**
OIPR-10084/11/0008/2122

ପୂର୍ବ ତଟ ରେଳପଥ
ଟେଣ୍ଡର ବିଜ୍ଞପ୍ତି ସଂ. 04-SBP-TRD-OT-2021-22, ତା.31.05.2021ରିଖ
କାର୍ଯ୍ୟର ନାମ : ୨୪ ଘଣ୍ଟିଆ (ଅହୋରାତ୍ର) ଉପଲବ୍ଧତା ସହିତ ଦୁଇ ବର୍ଷ ନିମନ୍ତେ ବୋଇଣ୍ଡା (BONA) ଏବଂ କଣ୍ଟାବାଞ୍ଜି (KBJ) ସ୍ଥିତ OHE ଡିପୋ ପାଇଁ SWARAJ MAZDA LIMITED SARTAJ HG 72 BS-IV 3335/EICHER 10.75 E2 PLUS 3515 କିମ୍ବା ଅନୁରୂପ ମେକ୍ ଏବଂ ମଡେଲର ପ୍ରତ୍ୟେକ 4.5 ଟନ୍ ବୋଝେଇ କ୍ଷମତା ବିଶିଷ୍ଟ ଦୁଇ ଗୋଟି ଟ୍ରକ୍ ଭଡ଼ା ସୂତ୍ରରେ ନେବା ଏବଂ ପରିଚାଳନା ।
ଆନୁମାନିକ ମୂଲ୍ୟ (ଟଙ୍କାରେ): 36,96,626.40
ଶେଷ ହେବା ଅବଧି: 730 ଦିନ
ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.22.06.2021ରିଖ 1530 ଘଟିକା ।
ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ / କୋରିୟର / ଫାକ୍ସ ଜରିଆରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ମାନୁଆଲ ପ୍ରସ୍ତାବ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।
ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସମ୍ବଳିତ ୱେବ୍‌ସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଛେ ।
ଦ୍ରଷ୍ଟବ୍ୟ : ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ / ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15 (ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି ।
ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ସମ୍ବଲପୁର
PR-130/M/21-22

See Career Appointment on every Wednesday & Saturday

PANCHAYAT SAMITI, NUAPADA
DIST.- NUAPADA
BID IDENTIFICATION No. P.S., NPD/ 02/ 2021-22
No.3049// DEV / Dtd.2.6.2021
The Block Development Officer, Nuapada on behalf of Governor of Odisha invites percentage rate bids in single cover system for the construction of works as detailed in the table, from the class of eligible contractors as mentioned in column-5 (Five) registered with the State Governments and Contractors of equivalent Grade/ Class Registered with Central Government/ MES / Railways, to be eventually drawn up in PWD P-1 Agreement form, for execution of Building / Road Works. The proof of registration from the appropriate authority shall be enclosed along with the bid. If successful, the bidder who has not registered under State Government has to register under the State PWD in appropriate class of eligibility before signing of the agreement. The successful bidder is requested to produce / submit @ 2% of work value security deposit of Rs.67,000/- (Rupees Sixty seven thousand) only of the time of execution of agreement. The bidders may submit bids for the following work.

Sl. No.	Name of the work	Approximate value of work (Rs. in lakh)	Period of completion	Class of contractor	Cost of bid documents (Non-refundable) (including GST)
1	2	3	4	5	6
1	Construction of 4 Nos. Staff Quarter (Flat Type) at Nuapada Block under SFC 2020-21	3347978	6 months	B & C	7080/-

1. The sale of the bid document shall start from Dt.04.06.2021 and close on Dt.16.06.2021 at 1.30 P.M. in the office of the undersigned. Bids shall be received by this office upto 5.00 P.M. on date 16.06.2021 through Registered Post/ Speed Post only. The authority will not be held responsible for any Postal delay in delivering of the bid documents or non-receipt of the same.
2. The details bid documents will also be available in the district website http://nuapada.nic.in from 04.06.2021 to 16.06.2021.
3. Bid documents consisting of plans, specification, the schedule of quantities and the set of terms & conditions of contract and other necessary documents can be seen in the office of the undersigned during office hours everyday except on Sunday & public holidays till last date of sale and receipt of tender papers.
4. The bid will be opened on Dt.17.06.2021 at 11.30 A.M. in the office of the udnersigned in presence of the bidders or their authorized representatives.
5. The authority reserves right to reject any or all the bids without assigning any reason thereof.
Sd./- Block Development Officer, Nuapada

Sambalpur University
Institute of Information Technology (SUIIT)
Jyoti Vihar, Burla, Sambalpur, Odisha – 768019
(An Autonomous Constituent Unit of Sambalpur University)
Advt. No.380/SUIIT Date. 01/06/2021
ADVERTISEMENT FOR RECRUITMENT TO THE POST OF DIRECTOR, SUIIT
SUIIT invites applications from the intending persons (in prescribed format) for the post of Director, SUIIT.
The details of the post including required qualifications, eligibility criteria, pay structure, application form and other general information are available at www.suiit.ac.in w.e.f 03.06.2021.
The last date for receipt of application with all testimonials is 23.06.2021 by 5 PM. Application should be sent to the Director, SUIIT by Registered/Speed Post or scanned signed copy of filled in application form with documents should be sent to director@suiit.ac.in.
Contact: 9437980071
Sd/-
Registrar, Sambalpur University

ଓଡ଼ିଶା ସରକାର
**ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବ

ନରେନ୍ଦ୍ର ସାଗର ହୁଡା ମରାମତି ଦାବି

ଲୋଇସିଂହା,(ଡି.ଏନ.ଏ): ଲୋଇସିଂହା ବ୍ଲକ ଉପରଉଡାର ଗ୍ରାମର ଏମଆଇପି ପ୍ରକଳ୍ପ ନରେନ୍ଦ୍ର ସାଗରର ହୁଡା ଶୋଚନୀୟ ହୋଇପଡିଛି। ଏହାର ମରାମତି ଦିଗରେ ବିଭାଗୀୟ କର୍ତ୍ତୃପକ୍ଷ ଆଖିବୁଜି ଦେଇଛନ୍ତି। ଏହାକୁ ନେଇ ଚାଷୀ ମହଲରେ ଅସନ୍ତୋଷ ପ୍ରକାଶ ପାଉଛି। ଏନେଇ ଗ୍ରାମବାସୀ ବଲାଙ୍ଗୀର ବିଧାୟକଙ୍କ ନିକଟରେ ଫେରାଦ ହୋଇଛନ୍ତି। ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ଜିଲାପାଳଙ୍କୁ ଆବଗତ କରିଛନ୍ତି ବିଧାୟକ। ଗତବର୍ଷ ପ୍ରବଳ ବର୍ଷରେ ସାଗରର ହୁଡା ଭୁଶୁଡି ପଡିଛି। ଗ୍ରାମବାସୀ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ମଧ୍ୟ ସୁଫଳ ପାଇନାହାନ୍ତି। ଖରିଫ ଚାଷ ପାଇଁ ଚାଷୀ ପ୍ରସ୍ତୁତି ଆରମ୍ଭ କଲେଣି। ହେଲେ ହୁଡା ମରାମତି ହୋଇ ନାହିଁ। ବର୍ଷାପୂର୍ବରୁ ଉକ୍ତ ହୁଡା ମରାମତି କରିବାକୁ ଚାଷୀମାନେ ଦାବି କରିଛନ୍ତି।

ସଂକ୍ଷେପରେ

ଗଡ଼ିଲା କୋଭିଡ୍ ସଚେତନତା ରଥ

ସୋନପୁର,୨।୬(ନି.ପ୍ର.): ସୁବର୍ଣ୍ଣପୁର ଜିଲା ପ୍ରଶାସନ ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏକ୍ସନ ଏଡ୍‌ର ମିଳିତ ଆନୁକୂଲ୍ୟରେ କୋଭିଡ୍ ସଚେତନତା ରଥର ବୁଧବାର ଶୁଭାରମ୍ଭ ହୋଇଛି । ଜିଲାପାଳ ମୋନିଷା ବାନାର୍ଜୀ ସବୁଜ ପତାକା ଦେଖାଇ ୪ଟି ରଥର ଶୁଭାରମ୍ଭ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ଏହି ରଥ ୭ ଦିନ ଧରି ଜିଲାର ବାରମହାରାଜପୁର, ସୋନପୁର, ଉଲୁଣ୍ଡା ଓ ବିନିକା ବ୍ଲକର ବିଭିନ୍ନ ଗ୍ରାମ ପରିକ୍ରମା କରି କୋଭିଡ ସମ୍ପର୍କରେ ସଚେତନ କରିବ । ଏହାଦ୍ୱାରା ଜିଲାର ଗ୍ରାମାଞ୍ଚଳରେ କରୋନା ସଂକ୍ରମଣକୁ ରୋକା ଯାଇପାରିବ ବୋଲି ଜିଲାପାଳ ବାନାର୍ଜୀ ଆଶା ପ୍ରକାଶ କରିଛନ୍ତି । ସଚେତନତା ରଥ ବିଭିନ୍ନ ବ୍ଲକର ଆଭ୍ୟନ୍ତରୀଣ ଅଞ୍ଚଳରେ ପରିକ୍ରମା ସମୟରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ରେଆର ସୋନପୁର, ଗ୍ରାମ ଉତ୍‌ଥାନ ଉଲୁଣ୍ଡା, ହେଲ୍ପ ଟୁ ଅଦର ବିନିକା, ଏସଏସଆଇଓ୍ୱାଇଏ ବାରମହାରାଜପୁର, ଯୁବ ମହାସଂଘ ଉଲୁଣ୍ଡା ଓ ଜିଲା ଚାଇଲ୍ଡ ଲାଇନ୍‌ର ସଭ୍ୟା ସଭ୍ୟ ସଚେତନତା କାର୍ଯ୍ୟକ୍ରମରେ ପ୍ରତ୍ୟକ୍ଷ ଭାବେ ସାମିଲ ହେବେ। କାର୍ଯ୍ୟକ୍ରମରେ ଘାସିରାମ ପଣ୍ଡା, ଅନଙ୍ଗ ନେଗୀ, ସୁଦାମ ଗାଏଗରିଆ, ଲକ୍ଷ୍ମଣ ସା, ସୁଶାନ୍ତ ଭୋଇ, ରାକେଶ ପ୍ରଧାନ, ଜିଲା ଜରୁରୀ କାଳୀନ ଅଧିକାରୀ ମୁକ୍ତେଶ୍ୱର ପାଣିଗ୍ରାହୀ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ହରିଚରଣ ମିଶ୍ର ଓ ଡିଆଇପିଆରଓ ଅଶ୍ୱିନୀ କୁମାର ଭୋଇ ପ୍ରମୁଖ ଉପସ୍ଥିତ ଥିଲେ ।

ବାର୍‌ହା ମାଂସ ଜବତ, ୨ ଗିରଫ

କୋକସରା,୨।୬ (ଡି.ଏନ.ଏ.): କଳାହାଣ୍ଡି ଜିଲା ଆମପାଣି ବନ ବିଭାଗ ପକ୍ଷରୁ ୨ ଜଣଙ୍କୁ ବାର୍‌ହା ମାଂସ ସହ ଗିରଫ କରାଯାଇଛି। ଗିରଫ ୨ଜଣ ହେଲେ ମୈଦଲପୁର ଅଞ୍ଚଳର ବନମାଳୀ ପୃଷ୍ଟାରୀ (୫୮) ଓ ମୀନ ମାଝି (୪୭)। ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଥିବା ଆମପାଣି ଫରେଷ୍ଟର ଜଗନ୍ନାଥ ନାଗ ସୂଚନା ଦେଇଛନ୍ତି । ମଙ୍ଗଳବାର ରାତି ପ୍ରାୟ ୯ଟାରେ ବାର୍‌ହା ମାଂସ ନେଇ ଏକ ବାଇକ୍‌ରେ ବନମାଳୀ ଓ ମୀନ ନବରଙ୍ଗପୁର ଅଭିମୁଖେ ଯାଉଥିଲେ। ଖବର ପାଇ ଆମପାଣି ଜଙ୍ଗଲ ବିଭାଗ ଆମପାଣି ଗାଁ ନିକଟରେ ସେମାନଙ୍କୁ ଅଟକାଇ ଯାଞ୍ଚ କରିଥିଲା। ସେମାନଙ୍କ ବ୍ୟାଗ୍‌ରୁ ପ୍ରାୟ ୫କେଜି ମାଂସ ଜବତ କରାଯାଇଥିଲା। ଜବତ ମାଂସ ବାର୍‌ହାର ବୋଲି ଫରେଷ୍ଟର ନାଗ କହିଛନ୍ତି। ସେମାନଙ୍କଠାରୁ ଶିକାର ପାଇଁ ବ୍ୟବହାର ହେଉଥିବା କୌଣସି ଜିନିଷ ମିଳିନାହିଁ। ୨ଜଣ କେଉଁଠାରୁ ମାଂସ ଆଣୁଥିଲେ ତାହା ସ୍ପଷ୍ଟ ହୋଇନାହିଁ।

କୋଭିଡ୍ ସଚେତନତା ଉପରେ ଆଲୋଚନାଚକ୍ର

ବଲାଙ୍ଗୀର ଅଫିସ, ୨।୬: ବଲାଙ୍ଗୀର ସରକାରୀ ଆୟୁର୍ବେଦ କଲେଜ ଓ ହସ୍ପିଟାଲଠାରେ ୱେବ୍‌ନାର ଜରିଆରେ କୋଭିଡ-୧୯କୁ ନେଇ ଏକ ସଚେତନତାମୂଳକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଛି । ଆୟୁର୍ବେଦ କଲେଜ ଅଧକ୍ଷ ଡା. ଅରୁଣ କୁମାର ଦାସଙ୍କ ସଭାପତିତ୍ୱରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଅଧକ୍ଷ ଦାସ ପ୍ରାରମ୍ଭିକ ସୂଚନା ଦେଇ ଜାତୀୟ ସେବା ଯୋଜନାରେ ଅନ୍ତର୍ଭୁକ୍ତ ଥିବା ସ୍ୱେଚ୍ଛାସେବୀଙ୍କୁ କୋଭିଡ-୧୯ ସମ୍ପର୍କରେ ଅବଗତ କରାଇଥିଲେ । ବରିଷ୍ଠ ପ୍ରାଧାପକ ଡା ପ୍ରଦୀପ କୁମାର ପଣ୍ଡା, ଡା ସୀମାନ୍ତ୍ରୀ ଭୂଷଣ ନାୟକ, ଡା ବୁଦ୍ଧଦେବ ମିଶ୍ର ଓ ଜିଲା ପ୍ରୋଗ୍ରାମ ଅଫିସର ହେମନ୍ତ କୁମାର ମଲ୍ଲିକ କୋଭିଡ ମହାମାରୀ ଉପରେ ବିସ୍ତୃତ ଆଲୋଚନା କରିଥିଲେ । ମାସ୍କ ପରିଧାନ, ସାମାଜିକ ଦୂରତ୍ୱ ପାଳନ ଏବଂ କୋଭିଡ ଗାଇଡଲାଇନ୍ ପାଳନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧାପିକା, ଅଧାପକ ଓ ସ୍ୱେଚ୍ଛାସେବୀ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମକୁ ଡା. ବିନୋଦ ଚନ୍ଦ୍ର ସିଂ ଓ ଡା ଜିତେନ୍ଦ୍ର ଛତ୍ରିଆ ପରିଚାଳନା କରିଥିଲେ।

ଅଣକୋଭିଡ୍ ରୋଗୀଙ୍କ ଚିକିତ୍ସାରେ ଅବହେଳା

ବରଗଡ଼ ଅଫିସ,୨।୬

ଜିଲାପାଳଙ୍କ ସହିତ ଆଲୋଚନା କରୁଛନ୍ତି ବରଗଡ଼ ଜିଲା ଓକିଲ ସଂଘ ପ୍ରତିନିଧି ।

- **ଜିଲାପାଳଙ୍କୁ ଭେଟିଲା ଜିଲା ଓକିଲ ସଂଘ**
- **୨୦ଶଯ୍ୟା ଆଇସୋଲେଶନ ସେଣ୍ଟର ଦାବି**
- **କୋଭିଡ୍ ରୋଗୀଙ୍କୁ ଶୋଷଣ ଅଭିଯୋଗ**

ବରଗଡ଼ ଜିଲାରେ କେବଳ କୋଭିଡ୍ ନୁହନ୍ତି, ଅଣକୋଭିଡ୍ ରୋଗୀଙ୍କୁ ମଧ୍ୟ ଠିକ୍‌ଭାବେ ସ୍ୱାସ୍ଥ୍ୟସେବା ମିଳୁ ନାହିଁ। ଏଭଳି ଅଭିଯୋଗ ନେଇ ବୁଧବାର ଜିଲା ଓକିଲ ସଂଘର ଏକ ପ୍ରତିନିଧି ଦଳ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅଫିସରେ ଜିଲାପାଳ ଜ୍ୟୋତିରଞ୍ଜନ ପ୍ରଧାନଙ୍କୁ ଭେଟି ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏହା ସହ ଜିଲାରେ ଚାଲିଥିବା କୋଭିଡ୍ ଏବଂ ଅଣକୋଭିଡ୍ ଚିକିତ୍ସାର ଅବହେଳା ନେଇ ସେମାନେ ଜିଲାପାଳ ପ୍ରଧାନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

କରୋନା ସମୟରେ ଅଣକୋଭିଡ୍ ରୋଗୀଙ୍କ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ କୌଣସି ଆଇସୋଲେଶନ ସେଣ୍ଟର ଖୋଲାଯାଇ ନାହିଁ। ଫଳରେ ଅଣକୋଭିଡ୍ ରୋଗୀମାନେ ପ୍ରାଥମିକ ଚିକିତ୍ସାରୁ ବଞ୍ଚିତ ହେଉଥିବା ଓକିଲ ସଂଘ ଅଭିଯୋଗ କରିଛି। ଏହି ଦୃଷ୍ଟିରୁ ଅଣକୋଭିଡ୍ ରୋଗୀଙ୍କ ଚିକିତ୍ସା ପାଇଁ ତୁରନ୍ତ ୨୦ଶଯ୍ୟା ବିଶିଷ୍ଟ ଆଇସୋଲେଶନ ସେଣ୍ଟର ଖୋଲିବାକୁ ଦାବି ହୋଇଛି। ସେହିପରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଅଣକୋଭିଡ୍ ରୋଗୀମାନେ ଠିକ୍‌ଭାବେ ସ୍ୱାସ୍ଥ୍ୟସେବା ପାଉ ନାହାନ୍ତି। ପ୍ରଶାସନ ସେ ଦିଗରେ ବିହିତ ପଦକ୍ଷେପ ନେବା ସହିତ ରୋଗୀଙ୍କ ଜୀବନ ରକ୍ଷା ପାଇଁ ପଦକ୍ଷେପ ନେବାକୁ ଦାବି ହୋଇଛି। ଜିଲାରେ ଚାଲିଥିବା ସ୍ୱାସ୍ଥ୍ୟସେବା ପରିଚାଳନା ଏବଂ ବିଭିନ୍ନ ଅନିୟମିତତା ଯାଞ୍ଚ ପାଇଁ ପ୍ରଶାସନ ପକ୍ଷରୁ ଏକ କମିଟି ଗଠନ କରାଯାଇଛି।ଏହି କମିଟିରେ ଓକିଲ ସଂଘ ସଭାପତି, ସମ୍ପାଦକଙ୍କୁ ସାମିଲ କରିବାକୁ ସଂଘ ସ୍ମାରକପତ୍ରରେ ଦାବି କରିଛି। ସେହିପରି ଘରୋଇ ଡାକ୍ତରଖାନାଗୁଡ଼ିକରେ କୋଭିଡ୍ ରୋଗୀଙ୍କଠାରୁ ସରକାରୀ ଧାର୍ଯ୍ୟ ଚିକିତ୍ସା ଖର୍ଚ୍ଚଠାରୁ ଅଧିକ ଟଙ୍କା ନିଆଯାଉଥିଲେ ମଧ୍ୟ ଏ ଦିଗରେ ପ୍ରଶାସନ ପକ୍ଷରୁ କିଛି ପଦକ୍ଷେପ ନିଆଯାଉ ନଥିବା ଅଭିଯୋଗ ହୋଇଛି। ସେହିପରି ଜିଲା ସ୍ୱାସ୍ଥ୍ୟ ବିଭାଗର ପରିଚାଳନା କମିଟି ଏବଂ କୋଭିଡ୍ ଚିକିତ୍ସା ପାଇଁ ରାଜ୍ୟ ସରକାର ହାତକୁ ନେଇଥିବା ବିକାଶ ମଲ୍ଟି ସ୍ପେଶାଲିଟି ହସ୍ପିଟାଲ ମଧ୍ୟରେ ଉଚିତ୍ ସମନ୍ୱୟ ରହୁନାହିଁ। ଏଥିଯୋଗୁ ରୋଗୀଙ୍କୁ ସ୍ୱାସ୍ଥ୍ୟସେବା ମିଳୁ ନାହିଁ। କୋଭିଡ୍ ଚିକିତ୍ସା ପାଇଁ ଠିକଣା ସମୟରେ ଶଯ୍ୟା ମିଳୁ ନଥିବାରୁ ଏ ଦିଗରେ ତ୍ୱରିତ୍ ପଦକ୍ଷେପ ନେବାକୁ ସଂଘ ଦାବି କରିଛି। ଏହି ସବୁ କାରଣରୁ ଜିଲା ସ୍ୱାସ୍ଥ୍ୟ ବିଭାଗ ପରିଚାଳନା କମିଟି, ବିକାଶ ମଲ୍ଟି ହସ୍ପିଟାଲ କୋଭିଡ୍ ଚିକିତ୍ସା ଦାୟିତ୍ୱରେ ରହିଥିବା ଭାରପ୍ରାପ୍ତ ସରକାରୀ ଅଧିକାରୀ ଏବଂ ଜିଲା ଓକିଲ ସଂଘ ମଧ୍ୟରେ ଏକ ତ୍ରିପାକ୍ଷିକ ବୈଠକର ଆବଶ୍ୟକତା ରହିଛି ବୋଲି ସଂଘ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛି। ଏହି ଆଲୋଚନା କାଳରେ ଜିଲାପାଳଙ୍କ ସମେତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଅରୁଣ କୁମାର ପାତ୍ର, ଡା. ସାଧୁଚରଣ ଦାଶ, ଜିଲା ଓକିଲ ସଂଘ ସଭାପତି କୁଶ ପ୍ରଧାନ, ଉପସଭାପତି ମୋହିତ ମହାପାତ୍ର, ସମ୍ପାଦକ ହରିହର ପ୍ରଧାନ, ଯୁଗ୍ମ ସମ୍ପାଦକ ସନକ ଦାଶ ଉପସ୍ଥିତ ଥିଲେ।

ସାନି ତଦନ୍ତ କଲା କ୍ରାଇମବ୍ରାଞ୍ଚ

ବଲାଙ୍ଗୀର ଅଫିସ/ଖପ୍ରାଖୋଲ, ୨।୬ (ଡି.ଏନ୍.ଏ.)

ସ୍ନେହଲତା ଛତ୍ରିଆ ଗଣବଳାତ୍କାର, ହତ୍ୟା ମାମଲା

- **ଉଭୟ ପକ୍ଷଙ୍କୁ ଡାକି କଲେ ପଚରାଉଚରା**
- **୬ ବର୍ଷ ପୂରିବାକୁ ବସିଲାଣି, ପରିବାରକୁ ମିଳିନାହିଁ ନ୍ୟାୟ**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା ସର୍ଗପାଲି ଗ୍ରାମରେ ୨୦୧୫ ମସିହାରେ ବହୁଚର୍ଚ୍ଚିତ ସ୍ନେହଲତା ଛତ୍ରିଆ ଗଣବଳାତ୍କାର ଓ ହତ୍ୟା ଘଟଣା ଘଟିଥିଲା। ଆଉ କୋଡିଏ ଦିନ ପରେ ଏହି ଘଟଣାକୁ ୬ ବର୍ଷ ପୂରିବ । ଏଯାଏ ପୀଡିତାଙ୍କ ପରିବାର ନ୍ୟାୟ ପାଇନାହାନ୍ତି। ଦୀର୍ଘଦିନର ନିରବତା ପରେ କ୍ରାଇମବ୍ରାଞ୍ଚ ପକ୍ଷରୁ ବୁଧବାର ପୁଣି ଥରେ ଘଟଣାର ସାନି ତଦନ୍ତ ଆରମ୍ଭ କରାଯାଇଛି। କ୍ରାଇମବ୍ରାଞ୍ଚ ଡିଏସ୍‌ପି ଅନାଦି ସେଠୀ ହରିଶଙ୍କର ପାଛନିବାସରେ ସର୍ଗପାଲିର ପୀଡିତାଙ୍କ ମାତାପିତା ଓ ଗାଁର କେତେକ ଲୋକଙ୍କୁ ଡାକି ପଚରାଉଚରା କରିଛି।

୨୦୧୫ ମେ ୨୨ ତାରିଖ ଦିନ ସର୍ଗପାଲି ଗାଁର ସ୍ନେହଲତା ଛତ୍ରିଆ (୧୫) ହରିଶଙ୍କର ନାଳାକୁ ଗାଧୋଇବାକୁ ଯାଇ ନିଖୋଜ ହୋଇଯାଇଥିଲେ। ଦିନକ ପରେ ସେହି ନାଳା ନିକଟରେ ତାଙ୍କର ଉଲଗ୍ନ ମୃତଦେହ ଦେଖିବାକୁ ମିଳିଥିଲା। ଶରୀରର ବିଭିନ୍ନ ସ୍ଥାନରେ କ୍ଷତଚିହ୍ନ ରହିଥିଲା। ସ୍ନେହଲତାଙ୍କୁ ଗଣବଳାତ୍କାର କଲା ପରେ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା। ଏହି ହତ୍ୟାକାଣ୍ଡ ଓ ଗଣବଳାତ୍କାର ଘଟଣାର ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଳମ୍ବ ହେବା ପରେ ଆନ୍ଦୋଳନ ତୀବ୍ରତର ହୋଇଥିଲା। ସ୍ଥାନୀୟ ପୋଲିସ ୧୧ଜଣ ସନ୍ଦିଗ୍ଧଙ୍କ ଡିଏନ୍‌ଏ ପରୀକ୍ଷା କରିଥିଲେ। ଏହାପରେ ସର୍ଗପାଲି ଗାଁର ଯଜ୍ଞ ସରାଫ (୨୨) ଓ ସୁପାଲ ମେହେର(୨୪)ଙ୍କୁ ବୈଜ୍ଞାନିକ ପଦ୍ଧତିରେ ତଦନ୍ତ କରାଯାଇ ଗିରଫ କରାଯାଇଥିଲା। ଏହି ହତ୍ୟାକାଣ୍ଡରେ ଆହୁରି ଅନେକ ବ୍ୟକ୍ତି ସାମିଲ ଥିବା ଅଭିଯୋଗ କରାଯାଇ ଘଟଣାର ସିବିଆଇ ତଦନ୍ତ କରିବାକୁ ଦାବି କରାଯିବା ପରେ ରାଜ୍ୟ ସରକାର ଏହି ଘଟଣାର ତଦନ୍ତ ଭାର କ୍ରାଇମବ୍ରାଞ୍ଚକୁ ଦେଇଥିଲେ। ତେବେ କ୍ରାଇମ୍‌ବ୍ରାଞ୍ଚ ତଦନ୍ତରେ ଏପର୍ଯ୍ୟନ୍ତ ଘଟଣାରେ ବିଶେଷ ଅଗ୍ରଗତି ହୋଇ ନ ଥିବା ଜଣାପଡିଛି ।

'ଟିକା ପାଇଁ ଗ୍ଲୋବାଲ ଟେଣ୍ଡରରେ ସରକାରଙ୍କ ଆନ୍ତରିକତା ନାହିଁ'

ବଲାଙ୍ଗୀର ଅଫିସ, ୨।୬

କରୋନା ଟିକା କିଣାକୁ ନେଇ ରାଜ୍ୟ ସରକାରଙ୍କ ଗ୍ଲୋବାଲ ଟେଣ୍ଡର ଏକ ପ୍ରହସନ। ଏଥିରେ ଆନ୍ତରିକତା କମ୍ ଲୋକ ଦେଖାଣିଆ ବେଶୀ ଅଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଧିରେ ଧିରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ଫମ୍ପା ଭାଷଣକୁ ଅନୁକରଣ କରିବାକୁ ଯାଉଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ଯେପରି କରୋନା ଟିକା, କରୋନା ଓ ତାର ଚିକିତ୍ସାକୁ ନେଇ ମିଥ୍ୟା ଭାଷଣ ଦେଇ ପରେ ଲୋକହସା ହେଉଛନ୍ତ ଆମ ରାଜ୍ୟର ମୁଖ୍ୟମନ୍ତ୍ରୀ ସେଭଳି ନ ହୁଅନ୍ତୁ। ବିଧାୟକ ତଥା ରାଜ୍ୟ ବିଧାନସଭାରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର ବୁଧବାର ଏକ ପ୍ରେସ ବିବୃତି ଜରିଆରେ ଏଭଳି ମତ ରଖିଛନ୍ତି । ସେ ଆହୁରି କହିଛନ୍ତି ଯେ, ରାଜ୍ୟ ସରକାର ଜାଣିଶୁଣି କରୋନା ଟିକା କିଣାକୁ ନେଇ ଗ୍ଲୋବାଲ ଟେଣ୍ଡର ନାଁରେ ଲୋକଙ୍କୁ ଭ୍ରମିତ କରୁଛନ୍ତି । ଯଦି ଏହା କେନ୍ଦ୍ରର ବିନା ଅନୁମୋଦନ କିମ୍ବା ଅନୁମତିରେ ହୋଇପାରିବ ନାହିଁ ତେବେ ରାଜ୍ୟ ସରକାର ଗ୍ଲୋବାଲ ଟେଣ୍ଡର କରିବା କିଛି ମାନେନାହିଁ । ବଲାଙ୍ଗୀର ଜିଲାର ୧୮ରୁ ୪୫ ବୟସ ଭିତରେ ଥିବା ଯୁବକ ଯୁବତୀଙ୍କୁ ଟିକାର ବ୍ୟବସ୍ଥା କରିବା ପାଇଁ ସ୍ୱାସ୍ଥ୍ୟ ସଚିବଙ୍କ ସହିତ ଆଲୋଚନା କରିଛନ୍ତି । ସ୍ୱାସ୍ଥ୍ୟ ସଚିବ ବହୁ ଶୀଘ୍ର ବଲାଙ୍ଗୀରରେ ଏହି ବୟସ ବର୍ଗର ଲୋକଙ୍କ ପାଇଁ ଟୀକା କାର୍ଯ୍ୟକ୍ରମ କରାଯିବ ବୋଲି ନିର୍ଭର ପ୍ରତିଶ୍ରୁତି ଦେଇଥିବା ଜଣାଇଛନ୍ତି। କରୋନା ଯୋଗୁଁ ସ୍ୱାସ୍ଥ୍ୟ ଭିତ୍ତିଭୂମିରେ ତଥା ଜିଲାରେ ସ୍ୱାସ୍ଥ୍ୟ ବିଭାଗୀୟ ମାନବ ସମ୍ବଳର ଅଭାବ ଥିଲେ ହେଁ ପ୍ରଥମ ଲହରରେ ଛଟେଇ ହୋଇଥିବା ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଜିଲାରେ ପୁନଃ ନିଯୁକ୍ତି ନଦେବା ପରିତାପର ବିଷୟ ବୋଲି କହିଛନ୍ତି । ଜୀବନ ସହ ଜୀବିକା ବଞ୍ଚିବା ଦରକାର କିନ୍ତୁ ରାଜ୍ୟ ସରକାର ଦୁଇବର୍ଷ ହେଲା କରୋନା କଟକଣା ହେଉ କି କିଛି ଅନ୍ୟ ବାହାନାରେ ନିର୍ବାଚନ ମଣ୍ଡଳୀରେ ଚାଲିଥିବା ବିକାଶମୂଳକ କାର୍ଯ୍ୟ ସମ୍ପୂର୍ଣ୍ଣ କରୁନାହାନ୍ତି । ଏପରିକି ଅନେକ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଅନୁଦାନ ଆସୁନାହିଁ । ବଲାଙ୍ଗୀରରେ ନିର୍ମାଣଧୀନ ବିଭିନ୍ନ ପ୍ରକଳ୍ପ ଶୀଘ୍ର ସମାପନ, ପ୍ରସ୍ତାବିତ ପ୍ରକଳ୍ପ ପାଇଁ ଅନୁଦାନ ମଞ୍ଜୁରି, ଖାଲିଥିବା ଡାକ୍ତର ପଦବୀ ପୂରଣ ଓ ସ୍ୱାସ୍ଥ୍ୟକର୍ମୀ ମାନଙ୍କ ପୁନଃନିଯୁକ୍ତି ସେ ଦାବି କରିଛନ୍ତି।

ବିପୁଳ ପରିମାଣର ଗଞ୍ଜେଇ ଜବତ, ୨ ଗିରଫ

ବୌଦ୍ଧ,୨।୬(ସ୍ୱ.ପ୍ର.)

ଓଡ଼ିଶାରୁ ଝାରଖଣ୍ଡ ଚୋରା ଚାଲାଣ କରାଯାଉଥିବା ବିପୁଳ ପରିମାଣର ଗଞ୍ଜେଇକୁ ଭୁବନେଶ୍ୱର ନାର୍କୋଟିକ କଣ୍ଟ୍ରୋଲ ବ୍ୟୁରୋ ଟିମ୍ ବୁଧବାର ବୌଦ୍ଧଠାରେ ଜବତ କରିଛି। ଏହି ଘଟଣାରେ ୨ଜଣଙ୍କୁ ଗିରଫ କରାଯାଇଛି। ଚୋରା ଚାଲାଣରେ ବ୍ୟବହୃତ ଟ୍ରକ ଜବତ ହୋଇଛି। ଖୋର୍ଦ୍ଧା-ବଲାଙ୍ଗୀର ଜାତୀୟ ରାଜପଥ ଦେଇ ଏକ ଟ୍ରକ (ନମ୍ବର ଜେଏଚ-୧୦ଏଏଲ-୮୨୧୧)ଯୋଗେ ଝାରଖଣ୍ଡକୁ ଗଞ୍ଜେଇ ଚାଲାଣ କରାଯାଉଥିଲା। ସୂଚନା ପାଇ ବୌଦ୍ଧ ମହାନଦୀ ବ୍ରିଜଛକ ଠାରେ ପୂର୍ବରୁ ଛକି ରହିଥିବା ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋର ଏକ ଟିମ୍ ଉକ୍ତ ଟ୍ରକକୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଟ୍ରକ ମଧ୍ୟରୁ ୬୨୩ କିଲୋ ଗଞ୍ଜେଇ ଜବତ ହୋଇଛି। ଏହି ଘଟଣାରେ ଗିରଫ ହୋଇଥିବା ଦୁଇ ଅଭିଯୁକ୍ତ ହେଲେ ଅନୁଗୋଳ ଜିଲା ହଣ୍ଡପା ଥାନା ଅଞ୍ଚଳର ଭକ୍ତବନ୍ଧୁ ପ୍ରଧାନ ଓ ସନକ ପ୍ରଧାନ। ଏତେ ପରିମାଣର ଗଞ୍ଜେଇ ଝାରଖଣ୍ଡକୁ ଚାଲାଣ କରାଯାଉଥିବା ତଦନ୍ତ ବେଳେ ଜଣାପଡିଛି। ଏହି ମାମଲାରେ ଆହୁରି ଅନେକ ବ୍ୟକ୍ତି ସାମିଲ ଥିବା କୁହାଯାଉଛି। ଗଞ୍ଜେଇ ଚାଲାଣ ପାଇଁ ଟ୍ରକ ଡାଲାକୁ ସ୍ୱତନ୍ତ୍ର ଭାବରେ ନିର୍ମାଣ କରାଯାଇଥିଲା। ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ ଭୁବନେଶ୍ୱରର ଅଧୀକ୍ଷକ ସୁରଜିତ ସେନଙ୍କ ନେତୃତ୍ୱରେ ଏକ ତିନିଜଣିଆ ଟିମ୍ ଏହି ଚଢାଇ କରିଥିଲେ।

ଭଡ଼ାଘରୁ ଯୁବତୀଙ୍କ ମୃତଦେହ ଜବତ

ଲୋଇସିଂହା, ୨।୬(ଡି.ଏନ.ଏ.)

ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି ।

- **ମୃତ୍ୟୁ ପଛରେ ତ୍ରିକୋଣୀୟ ପ୍ରେମ ସନ୍ଦେହ**
- **ବାପା ଆଣିଲେ ହତ୍ୟା ଅଭିଯୋଗ**
- **୩ ମାସ ତଳେ କରିଥିଲେ ପ୍ରେମ ବିବାହ**
- **ମୃତଦେହ ନିକଟରୁ ସୁଇସାଇଡ ନୋଟ୍ ଜବତ**

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ମଣ୍ଡୁ କଲୋନୀର ଏକ ଭଡାଘରୁ ବୁଧବାର ଜଣେ ଯୁବତୀଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତ ଯୁବତୀ ହେଲେ ସେମେଲମୁଣ୍ଡା ଗାଁର ମୀନାକ୍ଷୀ ବେହେରା(୧୯)। ତାଙ୍କ ଝିଅକୁ ହତ୍ୟା କରାଯାଇଥିବା ଦର୍ଶାଇ ମୀନାକ୍ଷୀଙ୍କ ବାପା ନାରାୟଣ ବେହେରା ଥାନାରେ ଅଭିଯୋଗ କରିଛନ୍ତି। ତାଙ୍କ ଅଭିଯୋଗକୁ ଭିତ୍ତି କରି ପୋଲିସ ଜଣେ ଯୁବକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି । ସାଇଣ୍ଟିଫିକ୍ ଟିମ୍ ସହ ପୋଲିସ ପହଞ୍ଚି ତନାଘନା ଚଳାଇଛି। ମୃତଦେହ ନିକଟରୁ ଏକ ସୁଇସାଇଡ୍ ନୋଟ ପୋଲିସର ହସ୍ତଗତ ହୋଇଛି । ଏଥିରେ ଅନ୍ୟ ଜଣେ ଯୁବତୀଙ୍କ ନାମ ଉଲ୍ଲେଖ ରହିଛି। ତ୍ରିକୋଣୀୟ ପ୍ରେମରୁ ଏପରି ଘଟଣା ଘଟିଥାଇପାରେ ବୋଲି ପୋଲିସ ସନ୍ଦେହ କରୁଛି। ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ସବୁକିଛି ସ୍ପଷ୍ଟ ହେବ ବୋଲି ଆଇଆଇସି ରମାକାନ୍ତ ଜେନା କହିଛନ୍ତି।

ଲୋଇସିଂହା ବ୍ଲକ ସେମେଲମୁଣ୍ଡା ଗାଁର ମୀନାକ୍ଷୀ କୁଶଙ୍ଗ କଲେଜରେ ଯୁକ୍ତୀର ଦ୍ୱିତୀୟ ବର୍ଷ ଛାତ୍ରୀ